# ପାନୀୟଜଳ ଯୋଗାଣ ପ୍ରକଳ୍ପ ଅଚଳ

**ବରଗଡ଼,୧୯।୨(ପ୍ରେମାନନ୍ଦ ଖମାରୀ)**

ପାନୀୟଜଳ ଯୋଗାଣ ପାଇଁ ୧୦ହଜାର ଲିଟର ପାଣି ସଂରକ୍ଷିତ କ୍ଷମତା ସମ୍ପନ୍ନ ଓଭରହେଡ୍ ଟ୍ୟାଙ୍କ ବସିଛି। ପମ୍ପ ହାଉସ୍ ବି ରହିଥିବାବେଳେ ଗ୍ରାମର ବିଭିନ୍ନ ସ୍ଥାନରେ ଷ୍ଟାଣ୍ଡପୋଷ୍ଟ ମଧ୍ୟ ସ୍ଥାପିତ ହୋଇଥିଲା। କିନ୍ତୁ ପ୍ରାୟ ୧କୋଟି ୧୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବରଗଡ଼ ବ୍ଲକ ଧାଙ୍ଗେର ଗ୍ରାମରେ ଦୀର୍ଘ ୭ବର୍ଷତଳୁ ନିର୍ମିତ ଏହି ପ୍ରକଳ୍ପ ଏପର୍ଯ୍ୟନ୍ତ ଗ୍ରାମବାସୀଙ୍କୁ ୭ମାସ ତ ଦୂରର କଥା, ୭ପକ୍ଷ ମଧ୍ୟ ପାନୀୟଜଳ ଯୋଗାଇ ପାରି ନାହିଁ। ବାରମ୍ବାର ଏହି ପ୍ରକଳ୍ପ ଅଚଳ ହେଉଛି। ମରାମତି ପରେ ୫/୭ଦିନ ଠିକ୍‌ଭାବେ ଚାଲୁଛି। କିନ୍ତୁ ପରବର୍ତ୍ତୀ ସମୟରେ ପ୍ରକଳ୍ପରୁ ପାନୀୟଜଳ ଯୋଗାଣ ବନ୍ଦ ରହୁଛି। ଅନ୍ୟପଟେ ମରାମତି ବାବଦକୁ ଥରକୁ ଥର ଲକ୍ଷାଧିକ ଟଙ୍କା ବ୍ୟୟ ବରାଦ ହେଉଛି। ମରାମତି ମଧ୍ୟ ହେଉଛି। କିନ୍ତୁ ପ୍ରକଳ୍ପ ପୁଣି ଅଚଳ ହୋଇ ପଡ଼ିରହୁଛି। ଏଭଳି ଭାବେ ଦୀର୍ଘପ୍ରାୟ ୫ମାସ ହେଲା ଏହ ପ୍ରକଳ୍ପ ଅଚଳ ହୋଇପଡ଼ି ଥିବାବେଳେ ଗ୍ରାମବାସୀଙ୍କୁ ପାନୀୟଜଳ ପାଇଁ ଖୁବ୍ ହଟହଟା ହେବାକୁ ପଡୁଛି।

୧୦ୱାର୍ଡ଼ବିଶିଷ୍ଟ ଧାଙ୍ଗେର ଗ୍ରାମ। ଏଠାରେ ସହରାପଡ଼ା, ନୂଆପଡ଼ା, ସଡ଼କପଡ଼ା, ମାଲିପଡ଼ା, ଲରିହାପଡ଼ା, ଟିକୁନୁଟିକ୍ରା, ଝାଙ୍କରଟିକ୍ରା, ହରିଜନପଡ଼ା, ପୋଢ଼ଟିକ୍ରା, ମହିମାନଗର ଭଳି ଅନେକ ସାହି ରହିଛି।

### ୭ବର୍ଷରେ ଯୋଗାଇନି ଶହେଦିନ ପାଣି



ଧାଙ୍ଗେର ଗ୍ରାମରେ ନିର୍ମିତ ଓଭରହେଡ୍ ପାଣି ଟାଙ୍କି।

ଗ୍ରାମର ଲୋକସଂଖ୍ୟା ୬ହଜାର ଟପିବ। ଏଠାରେ ପ୍ରାଥମିକ ବିଦ୍ୟାଳୟଠାରୁ ଆରମ୍ଭ କରି ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ରହିଛି। ସେହିପରି ବିଭିନ୍ନ ସାହିରେ ଅଙ୍ଗନୱାଡ଼ି କେନ୍ଦ୍ର ରହିଥିବାବେଳେ ଏକ ସ୍ୱାସ୍ଥ୍ୟ ଉପକେନ୍ଦ୍ର ମଧ୍ୟ ଅଛି। କିନ୍ତୁ ଏହି ଗ୍ରାମରେ ପାନୀୟଜଳ ସମସ୍ୟା ଏକ ନିତିଦିନିଆଁ ଘଟଣାରେ ପରିଣତ ହୋଇଛି। ଗ୍ରାମରେ କୂଅ, ନଳକୂଅ ସମେତ ବିଭିନ୍ନ ଜଳାଶୟ ରହିଛି। ମାତ୍ର କେଉଁ ନଳକୂଅରୁ ପାଣି ବାହାରୁନି ତ ଆଉ କେଉଁଥିରେ ବ୍ୟବହାର ଉପଯୋଗୀ ପାଣି ବାହାରୁ ନାହିଁ। ସେହିପରି ଗ୍ରୀଷ୍ମଦିନରେ କୂଅ, ଜଳାଶୟ ଜଳସ୍ତର ହ୍ରାସ ପାଇବା ସହିତ ଅନେକ ଦିନ ଶୁଖିଲା ପଡ଼ି ଯାଉଛି।

ଏହି ଦୃଷ୍ଟିରେ ଧାଙ୍ଗେର ଗ୍ରାମରେ ପାନୀୟଜଳ ସମସ୍ୟା ଗ୍ରାମର ଏକ ପ୍ରମୁଖ ସମସ୍ୟା ଭାବେ ବର୍ଷବର୍ଷ ଧରି ରହି ଆସିଛି। ତେବେ ଗ୍ରାମବାସୀଙ୍କ ବାରମ୍ବାର ଦାବି ପରେ ଗତ ୨୦୧୭ରେ ଉକ୍ତ ଗ୍ରାମରେ ପାନୀୟଜଳ ପ୍ରକଳ୍ପ କରାଯାଇଥିଲା। ଜୀରାନଦୀରୁ ପାଇପ୍ ମାଧ୍ୟମରେ ପାନୀୟଜଳ ଯୋଗାଣ ପାଇଁ ଗ୍ରାମରେ ଓଭରହେଡ୍ ଟ୍ୟାଙ୍କ ମଧ୍ୟ ନିର୍ମିତ କରାଗଲା। ସେହିପରି ବିଭିନ୍ନ ପଡ଼ାରେ ଷ୍ଟାଣ୍ଡପୋଷ୍ଟ ଗୁଡ଼ିକ ସ୍ଥାପନ କରାଗଲା। ୨୦୧୭ ଜୁଲାଇ ୧ରେ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରାଗଲା। କିନ୍ତୁ କାର୍ଯ୍ୟକ୍ଷମ ହେବାର ୧୦/୧୫ଦିନ ପରେ ପ୍ରକଳ୍ପ ଅଚଳ ହୋଇପଡ଼ିଥିଲା। ବିଭିନ୍ନ ସ୍ଥାନରେ ପାଇପ୍ ଫାଟି ଯିବାରୁ ପାନୀୟଜଳ ଯୋଗାଣ ବ୍ୟାହତ ହୋଇଥିଲା। ମରାମତି ପରେ ପ୍ରକଳ୍ପ ପୁଣି ଚାଲିଲା। କିନ୍ତୁ ଅଳ୍ପ କିଛିଦିନ ଚାଲିବା ପରେ ପୁଣି ସମାନ ସମସ୍ୟା ଦେଖାଗଲା। ତେବେ ଥରେ କି ୨ଥର ନୁହେଁ, ବାରମ୍ବାର ଏଭଳି ଅଚଳ ହେଉଛି। କିନ୍ତୁ ବିଭାଗୀୟ କର୍ତ୍ତୃପକ୍ଷ ଏପର୍ଯ୍ୟନ୍ତ ତା'ର ସ୍ଥାୟୀ ସମାଧାନ କରିବାରେ ସକ୍ଷମ ହୋଇନାହାନ୍ତି। ଅନ୍ୟପଟେ ମରାମତି ନାଁରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଉକ୍ତ ପ୍ରକଳ୍ପରୁ ପାନୀୟଜଳ ପାଇବା ପାଇଁ ଗ୍ରାମବାସୀ ଯେଉଁ ଆଶା ରଖିଥିଲେ, ତାହା ଧୂଳିସାତ୍ ହୋଇଯାଉଛି।

### ଗ୍ରାମବାସୀ କହନ୍ତି....

**'କାମଚଳା ମରାମତି ଦୀର୍ଘସ୍ଥାୟୀ ନୁହେଁ'**



"ଲୋକ ଦେଖାଣିଆଁ କାମଚଳା ମରାମତି କରାଯାଉଛି। ମରାମତି ନାଁରେ ବାରମ୍ବାର ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି। ମରାମତିରେ କେବଳ ୨୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇ ସାରିଥିବ। ରାଜକୋଷ ଖାଲି ହେଉଛି। କିନ୍ତୁ ମରାମତିର ଅଳ୍ପଦିନ ପରେ ପୁଣି ପ୍ରକଳ୍ପ ଅଚଳ ହୋଇପଡୁଛି। ପ୍ରକୃତ ତ୍ରୁଟି ନିରୀକ୍ଷଣ କରି ଏହାର ସ୍ଥାୟୀ ସମାଧାନ ଦରକାର।

**-ରାମ ନାରାୟଣ ଭୋଇ, ଗ୍ରାମବାସୀ**

**'ପ୍ରକଳ୍ପରୁ ୧୦୦ଦିନ ବି ପାଣି ମିଳିନି'**



"ଆମ ଗ୍ରାମରେ ଏହି ପ୍ରକଳ୍ପ ହେବା ଦ୍ୱାରା ଦୀର୍ଘଦିନର ପାନୀୟଜଳ ସମସ୍ୟା ଦୂରୀଭୂତ ହେବ ବୋଲି ଆଶା ରଖିଥିଲୁ। କିନ୍ତୁ ପ୍ରକଳ୍ପଟି ବାରମ୍ବାର ଅକାମୀ ହୋଇ ପଡୁଥିବା ଯୋଗୁ ଗ୍ରାମରେ ସବୁଦିନ ପାନୀୟଜଳ ସମସ୍ୟା ଲାଗି ରହିଛି। ୭ବର୍ଷତଳୁ ପ୍ରକଳ୍ପ ନିର୍ମାଣ ହୋଇଥିବାବେଳେ ଏପର୍ଯ୍ୟନ୍ତ ଗ୍ରାମବାସୀ ସେଥିରୁ ୧୦୦ଦିନ ପାଣି ପାଇ ନାହାନ୍ତି।

**-ଲଳିତ ଦାଶ, ଗ୍ରାମବାସୀ**

**'ଗ୍ରୀଷ୍ମ ପୂର୍ବରୁ ସ୍ଥାୟୀ ମରାମତି ହେଉ'**



"ପାନୀୟଜଳ ପ୍ରକଳ୍ପ ଯେଭଳି ବାରମ୍ବାର ଅଚଳ ହେଉଛି। ତାର ସ୍ଥାୟୀ ସମାଧାନ ପାଇଁ ଆମେ ବିଭାଗୀୟ କର୍ତ୍ତୃପକ୍ଷଙ୍କଠାରେ ଦାବି କରି ଆସୁଛୁ। କିନ୍ତୁ ଏପର୍ଯ୍ୟନ୍ତ ତାହା ହୋଇପାରି ନାହିଁ। ଏବେ ଦୀର୍ଘମାସ ଧରି ଉକ୍ତ ପ୍ରକଳ୍ପ ଅଚଳ ହୋଇ ପଡ଼ିରହିଛି। ମରାମତି ପାଇଁ ସୁଦ୍ଧା ବିଭାଗୀୟ କର୍ମଚାରୀ ପହଞ୍ଚି ନାହାନ୍ତି। ଗ୍ରୀଷ୍ମଋତୁ ଆସିବା ପୂର୍ବରୁ ଏହାର ମରାମତି କରାଯାଉ।

**-ପ୍ରତାପ କର, ଗ୍ରାମବାସୀ**

# ସିସିଟିଭି ନଜରରେ ରହିବ ପରୀକ୍ଷା କେନ୍ଦ୍ର



ଖବରଦାତା ସମ୍ମିଳନୀରେ ଜିଲାପାଳ ଓ ଅନ୍ୟମାନେ।

**ବୌଦ୍ଧ, ୧୯।୨(ଅଜିତ କୁମାର ବାରିକ)**

### ମାଟ୍ରିକ ଓ ଯୁକ୍ତ ୨ ପରୀକ୍ଷା ପରିଚାଳନା ନେଇ ଜିଲାପାଳଙ୍କ ସୂଚନା

ସାରା ରାଜ୍ୟରେ ୨୧ ତାରିଖଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେଉଥିବାବେଳେ ଯୁକ୍ତ ୨ପରୀକ୍ଷା ଆରମ୍ଭ ହୋଇଯାଇଛି। ବୌଦ୍ଧ ଜିଲାରେ ପରୀକ୍ଷା ପରିଚାଳନା କିପରି ସଫଳ ଭାବରେ ହୋଇପାରିବ ସେ ନେଇ ବୁଧବାର ଅପରାହ୍ନରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ପରୀକ୍ଷା ଜିଲାରେ ଯେପରି ସଫଳ ଭାବେ ହୋଇପାରିବ ସେ ନେଇ ଜିଲାପାଳ ପଣ୍ଡା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରୀକ୍ଷା କେନ୍ଦ୍ର ଗୁଡିକରେ କପି ରୋକିବା ଓ ବିଶୃଙ୍ଖଳାକୁ ଏଡାଇବା ପାଇଁ କେନ୍ଦ୍ରଗୁଡ଼ିକରେ ସିସିଟିଭି ଲଗାଯାଇଥିବା ସୂଚନା ଦେଇଥିଲେ। ଏହା ସହ ତାପମାତ୍ରାକୁ ଦୃଷ୍ଟିରେ ରଖି ପରୀକ୍ଷା କେନ୍ଦ୍ରଗୁଡିକରେ ପାନୀୟଜଳ ଓ ଓଆରଏସ୍ ରଖାଯିବା ଉପରେ ଗୁରୁତ୍ୱ ଦେଇଥିଲେ। ଜିଲାରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ୬୫୩୯ ଛାତ୍ରୀଛାତ୍ର ପରୀକ୍ଷା ଦେଉଥିବା ବେଳେ ଯୁକ୍ତ ୨ ପରୀକ୍ଷା ୩୭୩୩ ଛାତ୍ରୀଛାତ୍ର ଦେଉଥିବା ସୂଚନା ଦେଇଥିଲେ। ଦିବ୍ୟାଙ୍ଗ ପରୀକ୍ଷାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା କରାଯାଇଛି। ଜିଲାରେ ମାଟ୍ରିକ ପରୀକ୍ଷା ୬୫୩୯ ଛାତ୍ରୀଛାତ୍ର ଦେଉଥିବାବେଳେ ୩୨ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ୩୧ଟି ପରୀକ୍ଷା କେନ୍ଦ୍ରରେ ରେଗୁଲାର ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଥିବାବେଳେ ଜେବି ଉଚ୍ଚ ବିଦ୍ୟାଳୟରେ ରାଜ୍ୟମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ ପରୀକ୍ଷା ଅନୁଷ୍ଠିତ ହେବ। ପରୀକ୍ଷା ପ୍ରଶ୍ନପତ୍ର ରଖିବା ପାଇଁ ୩ଟି ନୋଡାଲ କେନ୍ଦ୍ର କରାଯାଇଛି। ଯୁକ୍ତ ପାଇଁ ଜିଲାରେ ୧୫ଟି ପରୀକ୍ଷା କେନ୍ଦ୍ର କରାଯାଇଥିବାବେଳେ ୩୭୩୩ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି। ବିଜ୍ଞାନରେ ୧୪୧ ଛାତ୍ରୀଛାତ୍ର, କଳାରେ ୩୫୭୭ ଛାତ୍ରୀଛାତ୍ର ଓ ବାଣିଜ୍ୟରେ ୧୫ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ, ଉପଜିଲାପାଳ ପ୍ରବୀଣ କୁମାର ବାଣୁଆ, ଡେପୁଟି କଲେକ୍ଟର ତୃପ୍ତିମୟୀ ଜେନା, ଜିଲା ଶିକ୍ଷା ଅଧିକାରୀ ଟମେଲାଲ ଦୁବେ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ରକ୍ତଦାନ ଶିବିର: ୫୧ୟୁନିଟ୍ ସଂଗ୍ରହ

**ବରଗଡ଼,୧୯।୨(ପ୍ରେମାନନ୍ଦ ଖମାରୀ):** ବରଗଡ଼ ବ୍ଲକ ଅନ୍ତର୍ଗତ ଖଣ୍ଡହଥା ପଞ୍ଚାୟତ ଅନ୍ତର୍ଗତ ନୂଆଁଗଡ଼ରେ ବୁଧବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ତପସ୍ୱିନୀ ସାହୁ ଶିବିରକୁ ଉଦ୍‌ଘାଟନ କରିଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଷ୍ଠା ପରିବାର ପକ୍ଷରୁ ଚାଲିଥିବା ରେଡ୍ ଡ୍ରପ୍ ମାରାଥନ୍ ଅଭିଯାନରେ ଅନୁଷ୍ଠିତ ଏହି ଶିବିରରେ ୫୧ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ବରଗଡ଼ ରକ୍ତଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ସ୍ଥାନୀୟ ସାହୁ ବ୍ରିକ୍ସରେ କାମ କରୁଥିବା କର୍ମଚାରୀଙ୍କ ସମେତ ସେମାନଙ୍କ ସମ୍ପର୍କୀୟ ଶିବିରରେ ରକ୍ତଦାନ କରିଥିଲେ। ନିଷ୍ଠା ପରିବାରର ସଦସ୍ୟମାନେ ଶିବିର ପରିଚାଳନା କରିଥିଲେ।

## ଗଞ୍ଜେଇ ସହ ୨ ବାଇକ୍ ଜବତ ମାମଲାରେ ୨ କୋର୍ଟ ଚାଲାଣ

**ବାଉଁଶୁଣୀ, ୧୯।୨(ଦେବାଶିଷ ନେପାକ):** ବୌଦ୍ଧ ଜିଲା ବାଉଁଶୁଣୀ ପୋଲିସ ଦ୍ୱାରା ଅଁଳାଝୁଲି ଗ୍ରାମ ନିକଟରୁ ୨ ବାଇକ ସହ ୨୨ କେଜି ଗଞ୍ଜେଇ ଜବତ ମାମଲାରେ ବୁଧବାର ଅପରାହ୍ନ ୫ଟାରେ ୨ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁଯାୟୀ ମଙ୍ଗଳବାର ବାଉଁଶୁଣୀ ପୋଲିସ ଗଞ୍ଜେଇ ଚାଲାଣ ହେଉଥିବା ଖବରପାଇ ଅଁଳାଝୁଲି ଗ୍ରାମ ନିକଟରେ ଚଢାଉ କରିଥିଲା। ୨ଟି ବାଇକକୁ ଅଟକାଇ ଯାଞ୍ଚ କରିବାରୁ ଗଞ୍ଜେଇ ବାହାରିଥିଲା। ମାଜିଷ୍ଟ୍ରେଟଙ୍କ ସାମ୍ନାରେ ଓଜନ କରାଯିବାରୁ ତାହା ୨କିଗ୍ରା. ହୋଇଥିଲା। ଉକ୍ତ ମାମଲାରେ ଟାଲୁପାଲି ଗ୍ରାମର ଅମରେଶ ମହାନନ୍ଦିଆ ଓରଫ କଂଗ୍ରେସ ଓ ଚାରଭାଟି ଆମ୍ୱଝରୀ ଗ୍ରାମର ସୁଜିତ କୁମ୍ଭାର ଓରଫ ସାନୁଙ୍କୁ ଗିରଫ କରିଥିଲା। ସେହିପରି ବାଉଁଶୁଣୀ ଥାନା ଛେଳିବାହାଲ ଛକ ନିକଟରୁ ୪୦କେଜି ଗଞ୍ଜେଇ ଜବତ କରିଛି ବାଉଁଶୁଣୀ ପୋଲିସ। ଗଞ୍ଜେଇ ନେଉଥିବା ବ୍ୟକ୍ତି ପୋଲିସକୁ ଦେଖି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ।



ଶିବିରରେ ଉପସ୍ଥିତ ବରିଷ୍ଠ ନାଗରିକବୃନ୍ଦ।

## ବରିଷ୍ଠ ନାଗରିକଙ୍କ ସମସ୍ୟାର ସମାଧାନକୁ ଗୁରୁତ୍ୱ

**ବରଗଡ଼,୧୯।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଭଟଲି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବୁଧବାର ବରିଷ୍ଠ ନାଗରିକଙ୍କ ସମସ୍ୟା ଏବଂ ସେମାନଙ୍କ ପାଇଁ ରହିଥିବା ସରକାରୀ ସୁବିଧା ଉପରେ ଏକଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଜିଲା ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଗୋବିନ୍ଦ ଦାସ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଉକ୍ତ ସଙ୍ଗଠନ ଜରିଆରେ କିଭଳି ବରିଷ୍ଠ ନାଗରିକଙ୍କ ସମସ୍ୟାର ସମାଧାନ କରାଯାଇ ପାରିବ, ସେ ନେଇ ଦାସ ବୁଝାଇଥିଲେ। ଭଟଲି ବରିଷ୍ଠ ନାଗରିକ ମଞ୍ଚର ନବନିର୍ବାଚିତ କର୍ମକର୍ତ୍ତାମାନେ ସଙ୍ଗଠନର ସମ୍ବିଧାନ ପ୍ରତି ଆନୁଗତ୍ୟ ପ୍ରଦର୍ଶନ ପୂର୍ବକ ନିଷ୍ଠାପର ସମାଜସେବା କାର୍ଯ୍ୟ ତୁଲାଇବେ ବୋଲି ଶପଥପାଠ କରିଥିଲେ। ମଞ୍ଚର ବିଦାୟୀ ସଭାପତି ବାଙ୍କାବିହାରୀ ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ମଞ୍ଚର ନବନିଯୁକ୍ତ ସଭାପତି ଜଗଦିଶ ସାହୁ, ସାଧାରଣ ସମ୍ପାଦକ ମୋତିଲାଲ ବନଛୋର, ସଙ୍ଗଠନ ସମ୍ପାଦକ ଭୀମସେନ ବାରିକ, ଉପସଭାପତି ନରେନ୍ଦ୍ର ପଣ୍ଡା, କାର୍ଯ୍ୟାଳୟ ସମ୍ପାଦକ ହିମାଂଶୁ ଶେଖର ପଣ୍ଡା, ସହସମ୍ପାଦକ ଦିଲ୍ଲୀପ ପଣ୍ଡା ପ୍ରମୁଖ ଶିବିରରେ ଯୋଗଦାନ କରିଥିଲେ। ସତ୍ୟାନନ୍ଦ ପ୍ରଧାନ ସ୍ୱାଗତ ଭାଷଣ ସହିତ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମଞ୍ଚର ବରିଷ୍ଠ ସଦସ୍ୟ ସନ୍ତୋଷ ବନଛୋର, ଜାନକୀ ପଣ୍ଡା, କୃଷ୍ଣଚନ୍ଦ୍ର ସାହୁ, ସତ୍ୟବାଦୀ ପ୍ରଧାନ, ବିଶ୍ୱନାଥ ସାହୁ, ଲେକୁ ପଟେଲ ପ୍ରମୁଖ ସେମାନଙ୍କ ଅଭିଜ୍ଞତା ଉପରେ ଆଲୋକପାତ କରିଥିଲେ। ପୂର୍ବତନ ସମ୍ପାଦକ ଜଗଦିଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଗଦଲପୁର ସ୍ୱାସ୍ଥ୍ୟକେନ୍ଦ୍ର ଜନ ଆରୋଗ୍ୟ ସମିତିର ସାଧାରଣ ସଭା

**ଝାରବନ୍ଧ, ୧୯।୨(ଦେବେନ୍ଦ୍ର ସାହୁ)**

ବରଗଡ଼ ଜିଲା ଝାରବନ୍ଧ ବ୍ଲକ ଅନ୍ତର୍ଗତ ଜଗଦଲପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଜନ ଆରୋଗ୍ୟ ସମିତିର ସାଧାରଣ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ସଦସ୍ୟ ସନ୍ତୋଷ ବେହେରା ସଭାପତିତ୍ୱ କରିଥିଲେ। ଡା. ଗାୟତ୍ରୀ ନନ୍ଦ ବିବରଣୀ ପଠନ ସହ ବାର୍ଷିକ ଆୟବ୍ୟୟ ଉପସ୍ଥାପନା କରିଥିଲେ। ଡା. ମଞ୍ଜିଷ୍ଠା ବଡେଇ, ଫାର୍ମାସିଷ୍ଟ ଧନରାଜ ସୁନାନୀ, ସରପଞ୍ଚ ଗୋବର୍ଦ୍ଧନ ନାୟକ ମଞ୍ଚାସୀନ ଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ବିଦ୍ୟୁତ୍ ସମସ୍ୟା, ଡାକ୍ତରଖାନା ମରାମତି, ପାଚେରୀ ଓ ଅନ୍ୟାନ୍ୟ ଉନ୍ନୟନମୂଳକ କାମ ସମ୍ପର୍କରେ ଆଲୋଚନା ହୋଇଥିଲା। ଦୀର୍ଘ ଦିନ ଧରି ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତମ ସେବା ସହ କାର୍ଯ୍ୟରତ ଡା. ଗାୟତ୍ରୀ ନନ୍ଦଙ୍କୁ ସଭାରେ ସମ୍ବର୍ଦ୍ଧିତ କରାଯାଇଥିଲା। ସମିତିର ଶ୍ରୀୟା ସାହୁ, କମଳା ପଟେଲ, ପଦ୍ମାବତୀ ବାଗ, ଛନ୍ଦାଚରଣ ପଟେଲ, ପୂର୍ଣ୍ଣିବାସୀ ପଟେଲଙ୍କ ସହ ସମସ୍ତ ଆଶାକର୍ମୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ୨୧ରୁ ସ୍ୱରାଜ ସଙ୍ଗମ ସର୍ବୋଦୟ ଶିବିର



ଖବରଦାତା ସମ୍ମିଳନୀରେ କାର୍ଯ୍ୟକ୍ରମର ଜିଲା ସଂଯୋଜକ ସୂଚନା ଦେଉଛନ୍ତି।

**ବରଗଡ଼,୧୯।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଆସନ୍ତା ୨୧ତାରିଖ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ, ଓଡ଼ିଶା ତରଫରୁ ସ୍ୱରାଜ ସଙ୍ଗମ ସର୍ବୋଦୟ ଶିବିର ଅନୁଷ୍ଠିତ ହେବ। ଏହି ଶିବିର ଆସନ୍ତା ୨୩ତାରିଖ ପର୍ଯ୍ୟନ୍ତ ଚାଲିବ। ଶିବିରରେ ପଶ୍ଚିମ ଓଡ଼ିଶାର ୧୦ଜିଲାର ପ୍ରତିନିଧି ଯୋଗଦେବେ ବୋଲି ବୁଧବାର ବରଗଡ଼ ସାମ୍ବାଦିକ ସଂଘ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲା ସଂଯୋଜକ ପାଣ୍ଡବ କର୍ଣ୍ଣ ସୂଚନା ଦେଇଛନ୍ତି। ସେ ସୂଚନା ଦେଇ ଆହୁରି କହିଥିଲେ, ପଞ୍ଚାୟତିରାଜ ବ୍ୟବସ୍ଥା ଉପରେ ଜନସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଛି। ବରଗଡ଼ ଜିଲାରେ ଉକ୍ତ କାର୍ଯ୍ୟକ୍ରମ ପ୍ରଥମ ଥର ପାଇଁ ହେଉଥିବାବେଳେ କାର୍ଯ୍ୟକ୍ରମର ପ୍ରତ୍ୟେକ ଦିନ ରାଜ୍ୟ ତଥା ରାଜ୍ୟ ବାହାର ବୁଦ୍ଧିଜୀବୀମାନେ ପୃଥକ ଭାବେ ଯୋଗଦେଇ ପଞ୍ଚାୟତିରାଜ ବ୍ୟବସ୍ଥାର ଉଦ୍ଦେଶ୍ୟ ଏବଂ ସାମ୍ପ୍ରତିକ ସ୍ଥିତି ଉପରେ ସେମାନଙ୍କ ବକ୍ତବ୍ୟ ରଖିବେ। ସମ୍ବଲପୁର ଆଇଆଇଏମ୍‌ର ଡ. ସୁଜିତ ପୃଷ୍ଟେଠ, ରାଜୀବ ଗାନ୍ଧି ପଞ୍ଚାୟତିରାଜ ସଙ୍ଗଠନ, ଦିଲ୍ଲୀର ସାଧାରଣ ସମ୍ପାଦକ କୁନାଲ ବାନାର୍ଜୀ, ରାଜ୍ୟ ସଭାପତି ସୁଦର୍ଶନ ଦାଶ, ଓଡ଼ିଶା ହାଇକୋର୍ଟର ଆଡ଼ଭୋକେଟ୍ ଡ. ବିକାଶ ଦାଶ, ଚାଷୀନେତା ଲିଙ୍ଗରାଜ ଗାନ୍ଧୀ, ଯୁବ ପରିଷଦର ନିର୍ଦ୍ଦେଶକ ଡ. ବିଶ୍ୱଜିତ, ଉମାବଲ୍ଲଭ ରଥ, ପୂର୍ବତନମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ, ପୂର୍ବତନ ଜିଲା କଂଗ୍ରେସ ସଭାପତି ଅନନ୍ତ ଶୟନ ପାଢ଼ୀ, ବ୍ରହ୍ମାନନ୍ଦ ମହାକୁଡ଼, ରାଜୀବ ଗାନ୍ଧି ପଞ୍ଚାୟତିରାଜ ସଙ୍ଗଠନର ଜାତୀୟ ସଂଯୋଜକ ସଞ୍ଜୀବ ନାୟକ, ସୋହେଲା କଲେଜର ପୂର୍ବତନ ଅଧ୍ୟକ୍ଷ ଟେକଚାନ୍ଦ ଦୁଆନ, ବରିଷ୍ଠ ଖବରଦାତା ଶିବପ୍ରସାଦ ନନ୍ଦ, କଳାପାଣି କଲେଜର ପୂର୍ବତନ ଅଧ୍ୟକ୍ଷ ମୋହନ ସାହୁ ପ୍ରମୁଖ ଶିବିରରେ ଯୋଗଦେବେ ବୋଲି କର୍ଣ୍ଣ ସୂଚନା ଦେଇଥିଲେ। ସେହିପରି ଏହି କାର୍ଯ୍ୟକ୍ରମ ଅବସରରେ ପ୍ରତ୍ୟେକ ଦିନ ଶିବିରାର୍ଥିମାନେ ଶ୍ରମଦାନ କରି ଡାକ୍ତରଖାନା ସମେତ ବିଭିନ୍ନ ସ୍ଥାନରେ ସଫେଇ ଏବଂ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହିତ ପଞ୍ଚାୟତିରାଜ ବ୍ୟବସ୍ଥା ଉପରେ ସଚେତନତା ସୃଷ୍ଟି କରିବେ ବୋଲି ସେ କହିଥିଲେ। ବରିଷ୍ଠ କଂଗ୍ରେସ ନେତା ଅନନ୍ତ ଶୟନ ପାଢ଼ୀ ଖବରଦାତା ସମ୍ମିଳନୀରେ ଉପସ୍ଥିତ ରହି କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଖବରଦାତା ସମ୍ମିଳନୀରେ ନାରୀନେତ୍ରୀ ବାସମତୀ ବନଛୋର ମଧ୍ୟ ଉପସ୍ଥିତ ଥିଲେ।

## ବିଜରାଭଟାରେ ଜଳ ସଙ୍କଟ, ପହଞ୍ଚିଲା ପ୍ରଶାସନ

**ଝାରବନ୍ଧ, ୧୯।୨(ଦେବେନ୍ଦ୍ର ସାହୁ)**

ବରଗଡ଼ ଜିଲା ଝାରବନ୍ଧ ବ୍ଲକ ନୂଆପଡା ରାଜସ୍ୱ ଗ୍ରାମ ଅଧୀନରେ ଥିବା ବିଜରାଭଟା ପଡ଼ାରେ ବ୍ୟାପକ ମାତ୍ରାରେ ଜଳ ସମସ୍ୟା ଦେଖାଯାଇଛି। ଖବରପାଇ ବିଡ଼ିଓ ପର୍ଶୁରାମ ପଣ୍ଡା, ଜିଲା ପରିଷଦ ସଦସ୍ୟ ସନ୍ତୋଷ ବେହେରା, ମଦନ ପଟେଲ ଉକ୍ତ ଗ୍ରାମରେ ପହଞ୍ଚି ଥିଲେ। ଗ୍ରାମବାସୀ ପାନୀୟ ଜଳ ସମସ୍ୟା ସମ୍ପର୍କରେ ବିଡ଼ିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଗ୍ରାମରେ ଥିବା ନଳକୂପରେ ପାଣି ବାହାରୁ ନ ଥିବା, କୂଅ, ପୋଖରୀ ଶୁଖିଯିବା ହୃଦବୋଧ କରିଥିଲେ। ବିଦ୍ୟାଳୟ ଯାଇ ମଧ୍ୟାହ୍ନଭୋଜନ ରୋଷେଇ, ଛାତ୍ରୀଛାତ୍ରଙ୍କ ପିଇବା ପାଣି ସମସ୍ୟାର ବିକଳ ଚିତ୍ର ଦେଖି ଶୀଘ୍ର ପାନୀୟ ଜଳ ଯୋଗାଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ନୂଆପଡାଠାରୁ ବିଜରାଭଟାକୁ ପାନୀୟ ଜଳ ଯୋଗାଣ ପାଇଁ ଓଭର ହେଡ଼ ଟାଙ୍କି ନିର୍ମାଣ ସହ ପାଇପ ବିଛେଇବା କାମ ସରିଛି। ଖୁବଶୀଘ୍ର ତାହା କାର୍ଯ୍ୟକ୍ଷମ ହେବ। ଜରୁରୀକାଳୀନ ଭିତ୍ତିରେ ଟ୍ୟାଙ୍କର ଯୋଗେ ପାଣି ଯୋଗାଣ କରାଯିବ ବୋଲି ବିଡିଓ ପଣ୍ଡା ଗ୍ରାମବାସୀଙ୍କୁ କହି ଆଶ୍ୱସ୍ତ କରିଛନ୍ତି।



ଗ୍ରାମବାସୀ ପାନୀୟଜଳ ସମସ୍ୟା ନେଇ ବିଡିଓଙ୍କ ସହ ଆଲୋଚନା କରୁଛନ୍ତି।

## ଲକ୍ଷେଘର ଗଣ୍ଡା ସମାଜର ବାର୍ଷିକ ବୈଠକ

**ପାଇକମାଳ,୧୯।୨ (ବଡ ଶତପଥି)**

ବରଗଡ଼ ଜିଲା ପାଇକମାଳ ବ୍ଲକ ଅନ୍ତର୍ଗତ ଭୂତମୁଣ୍ଡା ଡେମଠାରେ ମାଣ୍ଡୋସିଲ ପଞ୍ଚାୟତସ୍ତରୀୟ ଲକ୍ଷେ ଘର ଗଣ୍ଡା ସମାଜର ବାର୍ଷିକ ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା। ସ୍ଥାୟୀ ସଭାପତି ଲଳିତ ଜଗତ ବୈଠକରେ ସଭାପତିତ୍ୱ କରିଥିଲେ। ଧାରୋଲ, ଭୂତମୁଣ୍ଡା, ଡୁମ୍ରେରବାହାଲ ଓ ମାଣ୍ଡୋସିଲ ଗ୍ରାମର ସମସ୍ତ ସମାଜସେବୀ, ବରିଷ୍ଠ କାର୍ଯ୍ୟକର୍ତ୍ତା ତଥା ସମ୍ମାନିତ ଅତିଥି ଭାବରେ ବରତୁଣ୍ଡା ପଞ୍ଚାୟତର ପୂର୍ବତପ ସରପଞ୍ଚ ଦୁଃଶାସନ କୁମ୍ଭାର ଉପସ୍ଥିତ ଥିଲେ। ପ୍ରଥମେ ଆଇନ ପ୍ରଣୟେତା ଭାରତରତ୍ନ ଡ. ଭୀମ ରାଓ ଆମ୍ବେଡ଼କରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଉକ୍ତ ବୈଠକରେ ସମ୍ପାଦକ ଶଙ୍କର୍ଷଣ କନ୍ଧେର ପୂର୍ବ ବୈଠକର ବିବରଣୀକୁ ପାଠ କରିଥିଲେ। କୋଷାଧ୍ୟକ୍ଷ ହରିରାମ ତାଣ୍ଡି ଆୟବ୍ୟୟର ହିସାବ ପ୍ରଦାନ କରିଥିଲେ।



ଲକ୍ଷେ ଘର ଗଣ୍ଡା ସମାଜର ବାର୍ଷିକ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ସମାଜର ଉନ୍ନତି ଦିଗରେ ଆଲୋଚନା କରାଯାଇଥିଲା। ବିଶେଷ ଭାବରେ ସମାଜର କଲ୍ୟାଣ ମଣ୍ଡପ ନିର୍ମାଣ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଶେଷରେ ଆନ୍ତର୍ଜାତୀୟ ସ୍ତରରେ ସଂସ୍କୃତି ମନ୍ତ୍ରଣାଳୟ ବିଭାଗ ଭାରତ ସରକାରଙ୍କ ଦ୍ୱାରା ସାରା ଭାରତରେ ୩ ନମ୍ବର ଓଡ଼ିଶାରେ ୨ ଜଣଙ୍କ ମଧ୍ୟରୁ ପ୍ରଥମ ସ୍ଥାନ ଓ ବରଗଡ଼ ଜିଲାରେ ଏକମାତ୍ର ଭାବେ ସିନିୟର୍ ଫେଲୋସିପ ଫୋକ ଥିଏଟର (ଲୋକ ନାଟକ)ରେ ଆୱାର୍ଡ଼ ପାଇ ଜାତୀୟ, ରାଜ୍ୟ, ଜିଲା, ନିଜ ଗାଁ ତଥା ନିଜ ସମାଜ ପାଇଁ ଗର୍ବ ଓ ଗୌରବ ଅର୍ଜନ କରିଥିବା ଲଳିତ ଜଗତଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ରାଜେଶ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ

**ପାଇକମାଳ,୧୯।୨(ବଡ ଶତପଥି)**

ବରଗଡ଼ ଜିଲା ପାଇକମାଳର ସର୍ବପୁରାତନ ପୁରେନା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆମ ସଂସ୍କୃତି ଆମ ଖେଳନା ଓ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀଛାତ୍ରମାନଙ୍କ ସର୍ଗିଫୁଲ ମହୁଲ ଝାରେରେ ଗୀତ ନାଚରେ ଝୁମିଥିଲେ ଦର୍ଶକ। ପ୍ରଧାନ ଶିକ୍ଷକ ଧ୍ରୁବରାଜ ବେଶ୍ରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଶିକ୍ଷକ ମାଧବ ପୁରୋହିତ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରତୁଣ୍ଡା ଗ୍ରାମ ପଞ୍ଚାୟତ ସରପଞ୍ଚ ରୀତା ସୁନା, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଡୋଳାମଣି ମାହାର, ଅନ୍ୟତମ ସମ୍ମାନିତ ଅତିଥି ଭାବେ ସିଆରସିସି ଉଗ୍ରସେନ ପ୍ରଧାନ, ବ୍ରଜକିଶୋର ଜେନା ଓ ବିଜୟ କୁମାର ସ୍ୱାଇଁ, ସ୍କୁଲ ଚେୟାରମ୍ୟାନ ଓମପ୍ରକାଶ ସୁନାନୀ,





ଆମ ସଂସ୍କୃତି ଆମ ଖେଳନା ଓ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

### ସର୍ଗିଫୁଲ ମହୁଲ ଝାରେରେ ଝୁମିଲେ ଦର୍ଶକ

ଧିରେନ ମହାନ୍ତି, ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ସୁନା, ରାମନାଥ ବାଗ, ପ୍ରଫୁଲ୍ଲ ବେହେରା ଓ ସହଦେବ ମାଝୀ, ପୂର୍ବତନ ସରପଞ୍ଚ ଦୁଃଶାସନ କୁମ୍ଭାର, ଗଣପତି ଦାଉ, ଜଗବନ୍ଧୁ ରାଉତରାୟ, ୱାର୍ଡମେମ୍ବର କୌଶଲ୍ୟା ଧରୁଆ ପ୍ରମୁଖ ଯୋଗଦାନ କରି ଆଜିର ସଂସ୍କୃତି, ଖେଳନା, ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ଉପରେ ମାର୍ଗଦର୍ଶନ କରିଥିଲେ। ଏହି ବିଦ୍ୟାଳୟରେ ହୋଇଥିବା ଖେଳ, କସରତ, ନାଚ ଆଦି ଉପରେ ବିଶେଷ କୃତିତ୍ୱ ଅର୍ଜନ କରିଥିବା କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ ଗୀତ ନାଚ ସମସ୍ତଙ୍କୁ ମୁଗ୍ଧ କରିଥିଲା। ଶେଷରେ ଶିକ୍ଷୟିତ୍ରୀ ରୀତୁବାଳା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ସେବାଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ସିନାପାଲି/ବୋଡ଼େନ, ୧୯।୨ (ମନଫୁଲ ମେହେର/ଟିକେଶ୍ୱର ନାଗ):** ନୂଆପଡ଼ା ଜିଲା ବୋଡ଼େନ ବ୍ଲକ୍ ଅନ୍ତର୍ଗତ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ମହୁଲପଡ଼ା ସେବାଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କମଳ ସିଂ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବୋଡେନ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କ୍ଷଣପ୍ରଭା ପାଣିଗ୍ରାହୀ ମୁଖ୍ୟ ଅତିଥି, ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗଦୀଶ ପ୍ରସାଦ ଖମାରୀ ବିଶିଷ୍ଟ ଅତିଥି, ଆକାଶବାଣୀ ଦୂରଦର୍ଶନ ଉଦ୍‌ଘୋଷିକା ମିତା ପଟ୍ଟନାୟକ ମୁଖ୍ୟବକ୍ତା ଓ ମହୁଲପଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୌରହରି ମେହେର, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜିତେନ୍ଦ୍ର ହଂସ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବାର୍ଷିକ ଉତ୍ସବର ଗୁରୁତ୍ୱ ଓ ଶିକ୍ଷାର ମହତ୍ତ୍ୱ ସମ୍ପର୍କରେ ଅତିଥିମାନେ ଦିଗ୍‌ଦର୍ଶନ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଶିକ୍ଷାର୍ଥୀମାନଙ୍କ ଦ୍ୱାରା କ୍ଷୁଦ୍ର ନାଟକ ଦାଦନ ଓ ଶହୀଦ ମାଧୋ ସିଂ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ଡିସମ୍ବର ମେହେର ପରିଚାଳନା କରିଥିବା ବେଳେ ସେବିକା ଜ୍ୟୋତ୍ସ୍ନାମୟୀ ଜଗତ ଧନ୍ୟବାଦ ଅର୍ପଣ କରିଥିଲେ।

### ସତ୍‌ନାମୀ ସମାଜ ରାଜ୍ୟ ସଭାପତିଙ୍କୁ ସମ୍ବର୍ଦ୍ଧନା

**ଖଡ଼ିଆଲ, ୧୯।୨ (ସୁଜିତ କୁମାର ପ୍ରଧାନ):** କଳାହାଣ୍ଡି ଜିଲା ଧର୍ମଗଡ଼ଠାରେ ରାଜ୍ୟସ୍ତରୀୟ ସତ୍‌ନାମୀ ସମାଜର ନୂତନ କାର୍ଯ୍ୟକର୍ତ୍ତା ଚୟନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜୟଧର ସତ୍‌ନାମୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାପତି ପଦ ପାଇଁ ଖଡ଼ିଆଳ ନିବାସୀ ଜ୍ୟୋତିଲାଲ ବଞ୍ଜାରେ ଓ ଉମରକୋଟ ନିବାସୀ ଚୁନ୍ନିଲାଲ ମିର୍ଝିଙ୍କ ନାମ ଆସିଥିଲା। ଭୋଟଦାନ ପରେ ବଞ୍ଜାରେ ବିଜୟୀ ହୋଇଥିଲେ। ମିର୍ଝିଙ୍କୁ ଉପାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ହରିରାମ ଆଡିଲ, ସମ୍ପାଦକ ମିନିକେତନ ଡିଡି, ସହ ସମ୍ପାଦକ ଗୋପାଳ ଡିଡି, କୋଷାଧ୍ୟକ୍ଷ ମାର୍କଣ୍ଡ ସତ୍‌ନାମୀ ଓ ମିଡିଆ ପ୍ରଭାରୀ ଭାବରେ ଲୋକେଶ ଘୃତଲହରେ ମନୋନୀତ ହୋଇଥିଲେ। ନବ ନିର୍ବାଚିତ ପଦାଧିକାରୀଙ୍କ ଦ୍ୱାରା ପୁନଶ୍ଚ କ୍ଷେତ୍ରମୋହନ ପୁରେନାଜୀଙ୍କୁ ସମିତିର କୁଳପତି ଆସନରେ ଅଳଙ୍କୃତ କରାଯାଇଥିଲା। ଏହି ଅବସରରେ ଖଡ଼ିଆଳସ୍ଥିତ ସମାଜର କାର୍ଯ୍ୟାଳୟରେ ଆୟୋଜିତ ସଭାରେ ରାଜ୍ୟ ସଭାପତି ବଞ୍ଜାରେଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।

### ଅଷ୍ଟପ୍ରହର ନାମଯଜ୍ଞ ନିମିତ୍ତ ଶୁଭସ୍ତମ୍ଭ ସ୍ଥାପନ

**ବେହେରା, ୧୯।୨ (ଭୂପେଶ ତିୱାରୀ):** କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଛଞ୍ଚାଣବାହଲି ଶ୍ରୀ ଚମ୍ପେଶ୍ୱର ମହାଦେବଙ୍କ ପୀଠରେ ଅଷ୍ଟ ପ୍ରହର ନାମଯଜ୍ଞ ନିମିତ୍ତ ଶୁଭସ୍ତମ୍ଭ ସ୍ଥାପନ ସହ ଭୂମି ପୂଜା ଅନୁଷ୍ଠିତ ହୋଇଯାଇଛି। ପୂଜକ ଭାବରେ ଭୂପେଶ ତିୱାରୀ, କର୍ତ୍ତା ଉପେନ୍ଦ୍ର ଭଇଁଶାଳ, ତାଙ୍କ ପତ୍ନୀ ସରୋଜିନୀ ପୂଜନ କାର୍ଯ୍ୟ ସମ୍ପାଦନ କରିଛନ୍ତି। ଆସନ୍ତା ୨୫ରେ କଳସ ଯାତ୍ରା, ୨୬ରେ ଅଖଣ୍ଡ ନାମଯଜ୍ଞ ଓ ୨୭ରେ ଦାଧିହାଣ୍ଡି ଭଗ୍ନ ସମ୍ପନ୍ନ ହେବ। ଏଥିରେ ୬ଗୋଟି ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମରେ କମିଟି ସଭାପତି କମଲୁ ଗୋପାଳ, ସମ୍ପାଦକ ଗୋଲାପ ଚନ୍ଦ୍ର ବାଗ, କୋଷାଧ୍ୟକ୍ଷ ସିଦ୍ଧେଶ୍ୱର ଭଇଁଶାଳ, ହୁକିମ ଚନ୍ଦ୍ର ଭଇଁଶାଳ, ପୁଷ୍ପମ୍ଭ ରଣା, ପରମେଶ୍ୱର ହେର୍ଣା, ପବିତ୍ର କାଣ୍ଡ ସମେତ ଛଞ୍ଚାଣବାହାଲି ଗ୍ରାମବାସୀ ସହଯୋଗ କରିଛନ୍ତି।

### ପୋଲିସ ଅଧିକାରୀଙ୍କ ତାଲିମ ଶିବିର

**ଖଡ଼ିଆଲ, ୧୯।୨ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ଓସନ ଭିଡିଓ ସମ୍ମିଳନୀ କକ୍ଷଠାରେ ସଡ଼କ ଦୁର୍ଘଟଣା ତଦନ୍ତ ନେଇ ପୋଲିସ ଅଧିକାରୀଙ୍କ ତାଲିମ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଖଡ଼ିଆଳ ଉପଖଣ୍ଡ ଅଧୀନ ୩ଗୋଟି ଥାନାର ଅଧିକାରୀ ଓ କର୍ମଚାରୀ ଯୋଗଦେଇ ଦୁର୍ଘଟଣା ସମ୍ପର୍କରେ ତଦନ୍ତ ବେଳେ ପାରିପାର୍ଶ୍ୱିକ ଅବସ୍ଥାକୁ ଠିକ୍ ରୂପେ ଛାନ୍‌ଭିନ୍ କରିବା ସହ ଅତ୍ୟାଧୁନିକ ପ୍ରଣାଳୀର ପ୍ରୟୋଗ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ସଭାରେ ଖଡ଼ିଆଳ ଏସ୍‌ଡିପିଓ ମର୍ସିରାଣୀ ପୂର୍ତ୍ତି ଅଧ୍ୟକ୍ଷତା କରିଥିଲେ।



ମାଟିଆପଦରକୁ ବୁଡ଼ିଅଞ୍ଚଳ ଘୋଷଣା ପାଇଁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

# ମାଟିଆପଦରକୁ ବୁଡ଼ି ଅଞ୍ଚଳ ଘୋଷଣା କରାଯାଉ

**ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ**

**ନୂଆପଡ଼ା, ୧୯।୨ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ ରଜନା ପଞ୍ଚାୟତ ମାଟିଆପଦର ଗାଁକୁ ସମ୍ପୂର୍ଣ୍ଣ ବୁଡ଼ି ଅଞ୍ଚଳ ଘୋଷଣା କରିବା ପାଇଁ ଦାବି ଜୋର ଧରିଛି। ଏ ନେଇ ଗରିବ ସେନା ଜିଲା ଆବାହକ ରବି ମଙ୍ଗରାଜଙ୍କ ନେତୃତ୍ୱରେ ବୁଧବାର ମାଟିଆପଦରବାସୀ ଜିଲାପାଳ ମଧୁସୂଦନ ଦାସଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି।

ସୂଚନା ମୁତାବକ ତିଖାଲି ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ମାଟିଆପଦର ଗାଁକୁ ସମ୍ପୂର୍ଣ୍ଣ ବୁଡି ଅଞ୍ଚଳ ଘୋଷଣା ପାଇଁ ଦୀର୍ଘ ବର୍ଷରୁ ଦାବି ହୋଇଆସୁଥିଲେ ମଧ୍ୟ ସୁଫଳ ମିଳି ନାହିଁ। ଏ ନେଇ ବିଗତ ଦିନରେ ଗ୍ରାମବାସୀ ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗ ଓ ଜିଲା ପ୍ରଶାସନକୁ ଚିଠି ମାଧ୍ୟମରେ ଅବଗତ କରିଛନ୍ତି। ୨୦୨୩ ନଭେମ୍ବର ୧ରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସେ ସମୟରେ ଜିଲା ପ୍ରଶାସନ ପକ୍ଷରୁ ତଦନ୍ତ ମଧ୍ୟ କରାଯାଇଥିଲା। ହେଲେ ପଦକ୍ଷେପ ଗ୍ରହଣ କରା ନ ଯିବାରୁ ପୁଣି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନାଯୋଗ୍ୟ ମାଟିଆପଦର ଗାଁରେ ୫୬.୫୬ ଏକର ଘରୋଇ ପଟ୍ଟା ଓ ୧୭୩.୫୭ ଏକର ସରକାରୀ ଜମି ରହିଛି। ସେଥିରୁ ଗାଁର ଘରୋଇ ପଟ୍ଟା ଜମିର ୨୩.୯୫ ଏକର ଜମି ତିଖାଲି ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପରେ ଅଧିଗ୍ରହଣ କରା ଯାଇଛି। ଉକ୍ତ ୨୩.୯୫ ଏକର ଜମିରେ ଗାଁ ଲୋକେ ଚାଷ କରି ପରିବାର ପ୍ରତିପୋଷଣ କରି ଆସୁଥିଲେ। ଗାଁ ତିନିଦିଗରେ ପାହାଡ ଓ ଅନ୍ୟ ଦିଗରେ ତିଖାଲି ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପ ପାଣି ଘେରି ରହିଛି। ଗାଁ ର ଅଧିକାଂଶ ଜମି ପ୍ରକଳ୍ପରେ ଯାଇଥିବା ବେଳେ ଜଙ୍ଗଲ ଥିବା କିଛି ଜମି ଚାଷ ଉପଯୋଗୀ ନୁହେଁ। ବୁଡି ଅଞ୍ଚଳ ଯୋଗ୍ୟ ସତ୍ତ୍ୱେ ଉପେକ୍ଷିତ ହୋଇ ରହିଯାଇଛି। ତେଣୁ ସରକାର ତୁରନ୍ତ ବୁଡି ଅଞ୍ଚଳ ଘୋଷଣ କରିବା ପାଇଁ ଦାବି କରିଛନ୍ତି। ଏହି ସମୟରେ ଗରିବ ସେନା ଜିଲା ଆବାହକ ମଙ୍ଗରାଜଙ୍କ ସହ ସନ୍ତୋଷ ବନଛୋର, ପୁଷ୍ପ ଶଗରିଆ, ଗୋବିନ୍ଦ କଟା, ମନୁ କଟା, କୈଳାସ କଟା, ଲକ୍ଷ୍ମୀଧର କଟା, ହୃଦେ ଶଗରିଆ, ଜଳନ୍ଧର କଟା, ସାଗର କରୁଆ, ସୁବାସ କଟା ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଆମପାଣିକୁ ବ୍ଲକ ଘୋଷଣା ପାଇଁ ୧୦ ପଞ୍ଚାୟତବାସୀ ଏକାଠି

**ଧର୍ମଗଡ଼, ୧୯।୨ (ଆକାଶ କୁମାର ଜଗତ)**

କଳାହାଣ୍ଡି ଜିଲା କୋକସରା ବ୍ଲକର ଆମପାଣି ପଞ୍ଚାୟତକୁ ନୂତନ ବ୍ଲକ ଘୋଷଣା ନିମନ୍ତେ ଦାବି ଜୋର ଧରିଛି। ଏ ନେଇ ବୁଧବାର ବ୍ଲକ ଗଠନ କ୍ରିୟାନୁଷ୍ଠାନ କମିଟି ସଭାପତି ରତ୍ନରାଜ ମାଝୀଙ୍କ ନେତୃତ୍ୱରେ କୋକସରା ବ୍ଲକର ୮ଟି ପଞ୍ଚାୟତ ସମେତ ଜୟପାଟଣା ବ୍ଲକର ୨ଟି ପଞ୍ଚାୟତରୁ ଶତାଧିକ ମହିଳାପୁରୁଷ ଏକାଠି ହୋଇଥିଲେ। ସେମାନେ ଧର୍ମଗଡ଼ ପଞ୍ଚାୟତ ପଡିଆଠାରୁ ଏକ ଶୋଭାଯାତ୍ରାରେ ଯାଇ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଉପଜିଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ଚିତ୍ତରଞ୍ଜନ ମଲ୍ଲିକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ସମୟରେ କ୍ରିୟାନୁଷ୍ଠାନ କମିଟି ସଭାପତି ରତ୍ନରାଜ ମାଝୀଙ୍କ ସମେତ ଟିକିଚନ୍ଦ୍ର ଧଙ୍ଗଡାମାଝୀ, କୁମୁଦ ପୂଜାରୀ, ଆମପାଣି ସରପଞ୍ଚ ରକ୍ମିଣୀ ବାଣୁଆ, ବଡ଼ପୋଡ଼ାଗୁଡ଼ା ସରପଞ୍ଚ ଜମୁନା ନାଏକ, କାଉଡୋଲା ସରପଞ୍ଚ ଦେବୀ ସିଂ ତାଣ୍ଡିଙ୍କ ସମେତ ୧୦ ପଞ୍ଚାୟତର ନିର୍ବାଚିତ ଜନପ୍ରତିନିଧି ଓ ଶତାଧିକ ଲୋକ ସାମିଲ ହୋଇଥିଲେ।

## ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା

**ଲାଞ୍ଜିଗଡ଼, ୧୯।୨ (ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଢ଼ଳଦେବ ମୁଣ୍ଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମେଳାରେ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର ମୁଖ୍ୟଅତିଥି, ବିଡ଼ିଓ ଶଶାଙ୍କ ପାତ୍ର ମୁଖ୍ୟ ବକ୍ତା ଓ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଈଶ୍ୱର ବେହେରା, ସମାଜସେବୀ ହରିଶଙ୍କର ପାତ୍ର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଲକ୍ଷ୍ମୀପ୍ରିୟା ମୁଦୁଲି, ଅତିରିକ୍ତ ଶିକ୍ଷା ଅଧିକାରୀ ଭାରତ ଭୂଷଣ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅତିଥିମାନେ ମେଳାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଏକ ଶପଥ ପାଠ ମଧ୍ୟ କରାଯାଇଥିଲା। ବରିଷ୍ଠ ଶିକ୍ଷକ ତପନ କୁମାର ଭୋଇ ଓ ଶିକ୍ଷକ ଲଳିତ ମୋହନ ମାଝୀ ମଞ୍ଚ ସଂଯୋଜନା କରିଥିବାବେଳେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭରତ ଭୂଷଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବ୍ଲକର ୧୩ କ୍ଲଷ୍ଟରରେ ଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀ ମୌଳିକ ଭାଷା ଓ ସଂଖ୍ୟାଜ୍ଞାନ ଉପରେ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଲାଞ୍ଜିଗଡ଼ ବ୍ଲକ୍‌କୁ ଲାଞ୍ଜିଗଡ଼ଠାରେ ସ୍ଥାପନ ପାଇଁ ସ୍ମାରକପତ୍ର

**ଲାଞ୍ଜିଗଡ଼, ୧୯।୨ (ରମେଶ ଚନ୍ଦ୍ର ନାୟକ)**


ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି କମିଟି କର୍ମକର୍ତ୍ତା।

କଳାହାଣ୍ଡି ଜିଲାର ଲାଞ୍ଜିଗଡ଼ ବ୍ଲକ୍‌କୁ ଲାଞ୍ଜିଗଡ଼ଠାରେ ସ୍ଥାପନ କରିବା ପାଇଁ କଳାହାଣ୍ଡି ଜିଲାପାଳଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଲାଞ୍ଜିଗଡ଼ ବ୍ଲକ୍ ୨୬ ଗୋଟି ଗ୍ରାମପଞ୍ଚାୟତକୁ ନେଇ ଗଠନ କରାଯାଇଥିଲା। ହେଲେ ଲାଞ୍ଜିଗଡ଼ଠାରେ ସମସ୍ତ ପ୍ରକାର ସୁବିଧା ଥାଇ ମଧ୍ୟ ବ୍ଲକ କାର୍ଯ୍ୟାଳୟ ଲାଞ୍ଜିଗଡ଼ଠାରୁ ୧୬ କି.ମି. ଦୂର ବିଶ୍ୱନାଥପୁରଠାରେ ସ୍ଥାପିତ ହୋଇଛି। ୨ ଜୋନ୍ ମଧ୍ୟରୁ ଜୋନ୍-୨ରେ ରହିଥିବା ୧୩ ପଞ୍ଚାୟତରୁ ଅଧିକାଂଶ ପଞ୍ଚାୟତର ଗ୍ରାମଗୁଡ଼ିକ ୪୫ କି.ମି. ଦୂର ହେଉଥିବାରୁ ସେମାନଙ୍କୁ କାର୍ଯ୍ୟାଳୟ ଯିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ବର୍ତ୍ତମାନ ଓଡ଼ିଶା ସରକାରଙ୍କ ପ୍ରାବଧାନ ଅନୁସାରେ ଲାଞ୍ଜିଗଡ଼ଠାରେ ବ୍ଲକ୍ କାର୍ଯ୍ୟାଳୟ ସ୍ଥାପନ କରିବାକୁ ଲାଞ୍ଜିଗଡ଼, ବସନ୍ତପଡ଼ା, ଛତ୍ରପୁର, ଜଗନ୍ନାଥପୁର, ବାତେଲିମା, ତ୍ରିଲୋଚନପୁର ଆଦି ପଞ୍ଚାୟତବାସୀ ଏକତ୍ରିତ ହୋଇଛନ୍ତି। ସେମାନେ ଲାଞ୍ଜିଗଡ଼ ବ୍ଲକ୍ କ୍ରିୟାନୁଷ୍ଠାନ କମିଟି ସଭାପତି ଶ୍ରୀଧର ପେସନିଆଙ୍କ ନେତୃତ୍ୱରେ କଳାହାଣ୍ଡି ଜିଲାପାଳଙ୍କ ଜରିଆରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ କମିଟିର କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର ପ୍ରତାପ ସିଂଦେଓ, ସମ୍ପାଦକ ପରମାନନ୍ଦ ନାଏକ, କୋଷାଧ୍ୟକ୍ଷ ଶ୍ରୀମୁଖ ଅଗସ୍ତି, କାର୍ଯ୍ୟକାରୀ ସମ୍ପାଦକ ଶିଶିର ପୂଜାରୀ, ବସନ୍ତପଡ଼ା ସରପଞ୍ଚ ଚାଙ୍ଗେର ମାଝୀ, ଲାଞ୍ଜିଗଡ଼ ରାଜ ପରିବାରର ସୁରେନ୍ଦ୍ର ପ୍ରତାପ ସିଂଦେଓ, ଲାଞ୍ଜିଗଡ଼ ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେସନିଆ, ଜଗନ୍ନାଥପୁର ସରପଞ୍ଚ ମୁଗାନା ମାଝୀ ଓ ସମିତି ସଭ୍ୟ ପ୍ରଦୀପ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା

**ତୁଣ୍ଡଲା, ୧୯।୨ (ଫିରୋଜ କୁମାର ଦାଶ)**

କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ୍ ତାଲଭଅଁରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମଙ୍ଗଳବାର ବେଲଖଣ୍ଡି କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚୂଡ଼ାମଣି ସାହୁ ସଭାପତିତ୍ୱ କରିଥିଲେ। ନର୍ଲା ବ୍ଲକ ଶିକ୍ଷା ଅଧିକାରୀ ତପିମଣି ଜାନି ମୁଖ୍ୟ ଅତିଥି, ସ୍ଥାନୀୟ ସମିତି ସଭ୍ୟ ପ୍ରଦୀପ ନାଏକ, ବେଲଖଣ୍ଡି କ୍ଲଷ୍ଟର ସିଆର୍‌ସିସି ଦିବ୍ୟସିଂ ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ୧୪ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, ଅଭିଭାବକ ଉପସ୍ଥିତ ଥିଲେ। ମେଳାରେ ସାକ୍ଷରତା, ସଂଖ୍ୟାଜ୍ଞାନ, ସୃଜନାତ୍ମକ ଷ୍ଟଲରେ ଛାତ୍ରୀଛାତ୍ର ନିଜର ପ୍ରକଳ୍ପ ଉପସ୍ଥାପନା କରିଥିଲେ। ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷକ ଧର୍ମେନ୍ଦ୍ର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ।

## କ୍ଷତ୍ରିୟ ପାଇକ ସମାଜର ଭବନ ଉଦ୍‌ଘାଟିତ


ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

**ଭବାନୀପାଟଣା, ୧୯।୨ (ଉତ୍ତମ କୁମାର ଦାଶ)**

ଭବାନୀପାଟଣା ମନ୍ଦାର ବଗିଚାପଡ଼ା (ମଦନମୋହନ ମନ୍ଦିର ପାଖ) ସ୍ଥିତ କଳାହାଣ୍ଡି କ୍ଷତ୍ରୀୟ ପାଇକ ସମାଜର ନୂତନ ଭବନ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ମହାରାଜ ଅନନ୍ତ ପ୍ରତାପ ଦେଓ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପୂର୍ବମଣ୍ଡଳ କୁଳପତି ପ୍ରଦୀପ କୁମାର ଘଡ଼େଇଙ୍କ ଅଧ୍ୟକ୍ଷତାରେ ସମ୍ମାନିତ ଅତିଥି ଭାବେ ପୂର୍ବତନ କୁଳାଧ୍ୟକ୍ଷ ଚନ୍ଦ୍ରଧ୍ୱଳ ପେସନିଆ, ପୂର୍ବତନ ମଣ୍ଡଳ ଜିଲା କର୍ମକର୍ତ୍ତା ପଦ୍ମନାଭ ରାଜୁ, ଗୌରଚନ୍ଦ୍ର ଘଡ଼େଇ, ଭବାନୀଶଙ୍କର ବାଣୁଆଁ, କୃଷ୍ଣଚନ୍ଦ୍ର ନାଏକ, ଶ୍ରୀବତ୍ସ ନାଏକ, ମୁଖ୍ୟ ସଚିବ ବାସୁଦେବ ପ୍ରଧାନୀ, ସଂଗଠନ ସମ୍ପାଦକ ଧନଞ୍ଜୟ ବିଶି ପ୍ରମୁଖ ଯୋଗଦେଇଥିଲେ। ଶେଷରେ ପୂର୍ବମଣ୍ଡଳ ଉପକୁଳପତି କିଶୋରଚନ୍ଦ୍ର ଦୁବେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# କିଟ୍ ବିଶ୍ୱବିଦ୍ୟାଳୟ ଛାତ୍ରୀ ଆତ୍ମହତ୍ୟା ଘଟଣା: ଏବିଭିପିର ବିକ୍ଷୋଭ

**ଭବାନୀପାଟଣା, ୧୯।୨ (ଉତ୍ତମ କୁମାର ଦାଶ)**



ବିଶ୍ୱବିଦ୍ୟାଳୟ ପରିସରରେ ଏବିଭିପି ପକ୍ଷରୁ ବିକ୍ଷୋଭ କରାଯାଉଛି।

ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟର ହଷ୍ଟେଲ ରୁମ୍‌ରେ ଗତ ରବିବାର ୨୦ବର୍ଷୀୟ ନେପାଳୀ ଛାତ୍ରୀ ପ୍ରକ୍ରିତି ଲାମ୍‌ସଲ୍ ଆତ୍ମହତ୍ୟା କରିଥିଲେ। ଏହାକୁ ନେଇ ନେପାଳୀ ଛାତ୍ରମାନେ ବିରୋଧ କରିବା ପରେ ସେମାନଙ୍କୁ ମାଡ଼ମାରି ବିଶ୍ୱବିଦ୍ୟାଳୟ ପରିସରରୁ ବାହାର କରିଦିଆଯିବା ଘଟଣାକୁ ନେଇ ସାରା ରାଜ୍ୟରେ ଏବିଭିପି ବିକ୍ଷୋଭ ପ୍ରଦର୍ଶନ କରୁଛି। ଏହି ପରିପ୍ରେକ୍ଷୀରେ ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଫାଟକ ସମ୍ମୁଖରେ ବୁଧବାର କିଟ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ କୁଶ ପୁତ୍ତଳିକା ଦାହକରି ବିକ୍ଷୋଭ ପ୍ରଦର୍ଶନ କରିଛି କଳାହାଣ୍ଡି ଏବିଭିପି। ଘଟଣାର ନିରପେକ୍ଷ ତଦନ୍ତକରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ଛାତ୍ରୀଙ୍କ ପରିବାରକୁ ନ୍ୟାୟ ପ୍ରଦାନ ପାଇଁ ସେମାନେ ଦାବି କରିଛନ୍ତି। ଏଥିରେ ଏବିଭିପିର ରାଜ୍ୟ ସହ ସମ୍ପାଦକ ସମୀପ କୁମାର ରାଉତ, ଭବାନୀପାଟଣା ନଗର ସମ୍ପାଦକ ଭୋଜରାଜ ସାହୁ, ନଗର ସହ ସମ୍ପାଦକ ରୋମାଞ୍ଚ ରାଣା, ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଶାଖା ସଭାପତି ସତ୍ୟ ସ୍ୱାଇଁଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ସାମିଲ ଥିଲେ।

## ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

**ସିନାପାଲି, ୧୯।୨ (ମନଫୁଲ ମେହେର)**

ଗତ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ନୂଆପଡ଼ା ଜିଲା ସିନାପାଲି ଜଗନ୍ନାଥ ମନ୍ଦିରର ଦ୍ୱାଦଶ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ପୁରୀରୁ ଆସିଥିବା ଜ୍ଞାନଯଜ୍ଞର ପ୍ରସିଦ୍ଧ ପ୍ରବଚିକା ସରୋଜିନୀ ଦେବୀଙ୍କ ଅମୃତବାଣୀ ଶୁଣିବାକୁ ପ୍ରତିଦିନ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳୁଥିଲା। ଅନ୍ତିମ ଦିବସରେ ମନ୍ଦିର ପରିଚାଳନା ସମିତି ସଭାପତି ବୈଶମ୍ପାୟନ ମେହେରଙ୍କ ଅଧ୍ୟକ୍ଷତାରେ ମନ୍ଦିରର ଆଜୀବନ ସଦସ୍ୟ ଓ ଭୋଗଦାତାଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଡମ୍ବରୁଧର ମେହେର, ପୂର୍ଣ୍ଣଚନ୍ଦ୍ର ମେହେର, ଚିନ୍ତାମଣି ସାହୁ, ଲୋକନାଥ ମେହେର, ପ୍ରଦୀପ ଜୈନ, ତୁଳସୀରାମ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ପାଦକ ତୁଳସୀରାମ ମେହେର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ବିଭିନ୍ନ କ୍ଷେତ୍ରରେ ସେବା ଯୋଗାଇ ଆସୁଥିବା ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସଚେତନତାମୂଳକ ସଫେଇ କାର୍ଯ୍ୟକ୍ରମ

**ପଲମ, ୧୯।୨ (ଭିକାରି ଗଉଡ଼)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ସରିଆଁ ପଞ୍ଚାୟତ ସରିଆଁ ଗ୍ରାମର ଶିବମନ୍ଦିର ପରିସର ସଫେଇ କରାଯାଇଛି। ସରିଆଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଇକୋ କ୍ଲବ୍‌ର ଯୁବକମାନେ ଏହି ସଚେତନତାମୂଳକ ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଟଙ୍କଧର ସାହା ଇକୋ କ୍ଲବ୍‌ର ବାସୁଦେବ ବାଗ ଓ ଗ୍ରାମର ସାମାଜିକ କର୍ମୀ କୁବେର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିବମନ୍ଦିର ପୂଜକ ଧୋବା ଥନାପତି ଗ୍ରାମବାସୀଙ୍କ ତରଫରୁ ସଫେଇରେ ସାମିଲ ହୋଇଥିବା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।


ଶିବମନ୍ଦିର ପରିସର ସଫେଇ କରାଯାଉଛି।

# ରାହା ଦେଖାଇଛି ଜଳ ବିଭାଜିକା, ମୃତ୍ତିକା ସଂରକ୍ଷଣ ବିଭାଗ

**ଖଡ଼ିଆଲ, ୧୯।୨ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅରେଡ଼ା ଗାଁର ୧୨ ଚାଷୀଙ୍କୁ ରାହା ଦେଖାଇଛି ଜଳ ବିଭାଜିକା ଓ ମୃତ୍ତିକା ସଂରକ୍ଷଣ ବିଭାଗ। ବିଭାଗ ସହାୟତାରେ ଚାଷୀମାନେ ପ୍ରଥମେ ୮ ହେକ୍ଟର ଜାଗାରେ ୩୨୦୦ ଆମ୍ବଗଛ ଲଗାଇଛନ୍ତି। ବର୍ତ୍ତମାନ ଆମ୍ବଗଛଗୁଡ଼ିକରେ ବଉଳ ଆସିଥିବା ବେଳେ ଆମ୍ବ ଅମଳ ହେଲେ ଲକ୍ଷାଧିକ ଟଙ୍କାର ରୋଜଗାର ହେବ ବୋଲି ଚାଷୀମାନେ ଆଶା ବାନ୍ଧିଛନ୍ତି।

ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ତରଫରୁ ଚାଷୀଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଆମ୍ବ ଗଛର ରକ୍ଷଣାବେକ୍ଷଣା ପାଇଁ ଶ୍ରମିକଙ୍କ ପାଉଣାଠାରୁ ଜୈବିକ ସାର ଯୋଗାଇଦେଇ ତା'ର ତଦାରଖ କରାଯାଉଛି। ଆଗାମୀ ଦିନରେ ଆମ୍ବରୁ ବିଶେଷ ଲାଭବାନ୍ ହେବେ ବୋଲି ଉଭୟ ବିଭାଗ ଓ ଚାଷୀ ଆଶା ରଖିଛନ୍ତି। ବର୍ତ୍ତମାନ ଆମ୍ବ ବଗିଚା ଭିତରେ ଚାଷୀମାନେ ପନିପରିବା ଯେପରି ଆଳୁ, ବାଇଗଣ, ପାତଲ ଘଣ୍ଟା, ଝୁଡଙ୍ଗ, ତରଭୁଜ, ଲାଉ ଆଦି ଚାଷକରି ଭଲ ଦୁଇ ପଇସା ରୋଜଗାର କରୁଛନ୍ତି। ଆମ୍ବ ଅମଳ ହେବା ପୂର୍ବରୁ ଚାଷୀମାନେ ପନିପରିବା ବିକ୍ରି କରି ସ୍ୱାବଲମ୍ବୀ ହେବା ସହ ସ୍ଥାନୀୟ ଶ୍ରମିକମାନଙ୍କୁ ରୋଜଗାର ଦେଇପାରିଛନ୍ତି। ପୂର୍ବରୁ କାମ ଅନ୍ୱେଷଣରେ ବାହାର ରାଜ୍ୟକୁ ଯାଉଥିଲୁ, ବର୍ତ୍ତମାନ ଆମ୍ବ ବଗିଚାରେ କାମକରି ସହାୟତା ପାଇ ଖୁସିଥିବା ସ୍ଥାନୀୟ ଶ୍ରମିକମାନେ କହିଛନ୍ତି। ଅପରପକ୍ଷେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇଛୁ। ଏଥିରେ ଅନେକ ଚାଷୀ ଉପକୃତ ହେବା ସହ ଶ୍ରମିକମାନେ ମଧ୍ୟ କାମ ପାଇପାରୁଛନ୍ତି। ଅରେଡ଼ା ଗ୍ରାମ ଏହାର ଉଦାହରଣ ବୋଲି ଖଡ଼ିଆଳ ଜଳ ବିଭାଜିକା ଓ ମୃତ୍ତିକା ସଂରକ୍ଷଣ ଅଧିକାରୀ ଚିନ୍ତାମଣି ବେହେରା କହିଛନ୍ତି।


ଚାଷଜମିରେ କାର୍ଯ୍ୟରତ ଶ୍ରମିକ।

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣା: ଶଳା, ଭିଣୋଇଙ୍କ ମୃତ୍ୟୁ

ଭବାନୀପାଟଣା/ଜୁନାଗଡ,୧୯।୨ (ଉତ୍ତମ କୁମାର ଦାଶ/ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଛୋରିଆଗଡ ଇନ୍ଦ୍ରାବତୀ ମୁଖ୍ୟ କେନାଲ ନିକଟରେ ବୁଧବାର ଅପରାହ୍ନରେ ବାଇକ୍ ଦୁର୍ଘଟଣାରେ ଶଳା ଭିଣୋଇଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ କଳିଆକୁଣ୍ଡଲ ଗ୍ରାମର ଶିବ ବିଶ୍ୱାଳ (୪୦) ଓ କନ୍ଧ ବ୍ରାହ୍ମଣୀଗୁଡା ଗ୍ରାମର ଶଶିଧର ଓରଫ ରୋହିତ ପୂଜାରୀ (୩୨)। ମିଳିଥିବା ସୂଚନା ଅନୁଯାୟୀ, ଛୋରିଆଗଡରୁ ଶିବ ନିଜ ଶଳା ରୋହିତଙ୍କ ସହ ଭୋଜି ଖାଇ କେନାଲ ରାସ୍ତାଦେଇ ବାଇକ୍‌ରେ ଫେରୁଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ତେବେ ସମ୍ପର୍କୀୟ ଏହା ବାଇକ୍ ଦୁର୍ଘଟଣା ନୁହେଁ, ବରଂ ଅଜଣା ଗାଡି ଧକ୍କା ଦେବାରୁ ସେମାନଙ୍କ ମୃତ୍ୟୁ ହୋଇଛି ବୋଲି କହିଛନ୍ତି। ଖବର ପାଇ ଜୁନାଗଡ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜୁନାଗଡ ଡାକ୍ତରଖାନାକୁ ପଠାଇଛି। ଗୁରୁବାର ସକାଳେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି। ଉଭୟ ଜଣାଶୁଣା ସଂକୀର୍ତ୍ତନ କଳାକାର ଭାବେ ପରିଚିତ ଥିଲେ।

### ହେରୋଇନ ଜବତ, ଅଭିଯୁକ୍ତ ଗିରଫ

ସମ୍ବଲପୁର,୧୯।୨ (ପ୍ରମୋଦ ବହିଦାର)

ସମ୍ବଲପୁର ଧନୁପାଲି ଥାନା ସୁନାପାଲିରୁ ଅବକାରୀ ବିଭାଗ ଲକ୍ଷାଧିକ ଟଙ୍କାର ହେରୋଇନ୍ ଜବତ କରିଛି। ଏ ସଂକ୍ରାନ୍ତରେ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ସୁନାପାଲିର ମହମ୍ମଦ ଅଲତାବ୍(୨୫)। ଅବକାରୀ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ବୁଧବାର ଅପରାହ୍ନରେ ସୁନାପାଲିରେ ହେରୋଇନ୍ କାରବାର ଚାଲିଥିବା ସମ୍ପର୍କରେ ସମ୍ବଲପୁର ସଦର ଅବକାରୀ ବିଭାଗକୁ ଖବର ମିଳିଥିଲା। ଉକ୍ତ ଖବର ଆଧାରରେ ଅବକାରୀ ବିଭାଗ ସେଠାରେ ଚଢ଼ାଉ କରି ହେରୋଇନ୍ କାରବାରରେ ଲିପ୍ତ ମହମ୍ମଦ ଅଲତାବ୍‌ଙ୍କୁ ଗିରଫ କରିଥିଲା। ଯାଞ୍ଚ ବେଳେ ତାଙ୍କ ନିକଟରୁ ପ୍ରାୟ ୧୨ଗ୍ରାମ୍ ଓଜନର ହେରୋଇନ ଜବତ କରାଯାଇଥିଲା। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୧ଲକ୍ଷ ୨୦ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଘଟଣାକୁ ନେଇ ଅବକାରୀ ବିଭାଗରେ ଏକ ମାମଲା(୨୭୨/୨୫)ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# ଭିତ୍ତିଭୂମି ଅଭାବରୁ ନାହିଁ ଆନୁଷଙ୍ଗିକ ଶିଳ୍ପ


କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକର ଏକ ଚାଷଜମିରେ ହୋଇଥିବା କପା ଫସଲ।


କୋଣାର୍କ ସ୍ପିନିଂ ମିଲ୍ ବନ୍ଦ ପଡ଼ିଛି।

ଭବାନୀପାଟଣା,୧୯।୨ (ଉତ୍ତମ କୁମାର ଦାଶ)

ରାଜ୍ୟରେ କପା ଉତ୍ପାଦନରେ ପ୍ରଥମ ସ୍ଥାନରେ କଳାହାଣ୍ଡିର ନାମ ରହିଛି। ଜିଲାରେ ଉତ୍ପାଦିତ ହେଉଥିବା କପା ଏସିଆରେ ଉତ୍କୃଷ୍ଟ ମାନର ରହିଛି। ବିଭିନ୍ନ ସମୟରେ ଏଠାକାର କପା ଦେଶ ତଥା ଦେଶ ବାହାରକୁ ରପ୍ତାନି ହେଉଛି। ବାର୍ଷିକ ୫ଶହ କୋଟିରୁ ଅଧିକ ମୂଲ୍ୟର କପା ଉତ୍ପାଦନ ହେଉଥିବାବେଳେ ଭିତ୍ତିଭୂମି ଅଭାବ ଯୋଗୁ ଆନୁଷଙ୍ଗିକ ଶିଳ୍ପ ନାହିଁ। ଏହାକୁ ନେଇ କପାଚାଷୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି।

କଳାହାଣ୍ଡି ଜିଲାରୁ ଉତ୍ପାଦିତ କପା ମହାରାଷ୍ଟ୍ର, ଗୁଜରାଟ, ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଆଦି ରାଜ୍ୟର ବିଭିନ୍ନ କମ୍ପାନୀ ଓ ଦଲାଲମାନେ କ୍ରୟକରି ଦେଶ ବିଦେଶକୁ ପଠାଇ ମୁନାଫା କମାଉଛନ୍ତି। ଜିଲାରେ ସ୍ପିନିଂ ମିଲ୍ କିମ୍ବା ବୟନ ଶିଳ୍ପର ଭିତ୍ତିଭୂମି ନ ଥିବା ଯୋଗୁ କଞ୍ଚାମାଲ ଥାଇ ମଧ୍ୟ କଳାହାଣ୍ଡି ଜିଲା ପଛରେ ରହିଛି। ଜିଲାରେ ସରକାରୀ ଭାବେ ୧୦ ଲକ୍ଷରୁ ଅଧିକ କୁଇଣ୍ଟାଲ କପା ଉତ୍ପାଦନ ହେଉଛି। ୨୦୨୧ ମସିହାରେ ୬୬ ହଜାର ୬୧୬ ହେକ୍ଟର ଜମିରେ କପାଚାଷ ହୋଇଥିଲା ବେଳେ ୨୦୨୨ରେ ୭୦, ୭୮୦ ହେକ୍ଟର ଏବଂ ବର୍ତ୍ତମାନ ଜିଲାରେ ପ୍ରାୟ ୭୦ ହଜାର ହେକ୍ଟର ଜମିରେ କପା ଚାଷ ହେଉଛି। କଳାହାଣ୍ଡି ଜିଲା କେସିଙ୍ଗାଠାରେ ସରକାରଙ୍କ ଦ୍ୱାରା ନିର୍ମିତ କୋଣାର୍କ ସ୍ପିନିଂ ମିଲ୍ ଦେଖି ଜିଲାର ଚାଷୀ କପାଚାଷ ଆରମ୍ଭ କରିଥିଲେ। ଏହାପରେ ଜିଲାର କପାଚାଷ ରାଜ୍ୟରେ ୧ ନମ୍ବର ହୋଇଥିଲା। ହେଲେ କୋଣାର୍କ ସ୍ପିନିଂ ମିଲ୍ ବନ୍ଦ ହୋଇଗଲା। ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇ ନାହିଁ। ବାରମ୍ବାର ପ୍ରକ୍ରିୟା ଆରମ୍ଭ ହେଉଛି, କିନ୍ତୁ କାର୍ଯ୍ୟକ୍ଷମରେ ବିଳମ୍ବ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଓଡ଼ିଶାର କେବଳ କଳାହାଣ୍ଡି ଜିଲାର ଭବାନୀପାଟଣାଠାରେ ଏକମାତ୍ର ଗବେଷଣା କେନ୍ଦ୍ର ଅଲ ଇଣ୍ଡିଆ କଟନ ରିସର୍ଚ୍ଚ ପ୍ରୋଗ୍ରାମ ରହିଛି। ଓଡ଼ିଶାରେ ରାଶି–୫୬୯, ତୁଳସି ତାକତ, କନକ, ବନ୍ଦି ଓ ରାଜା ପ୍ରଜାତିର ବିଟି କଟନ ବିହନ ଚାଷ ହେଉଛି। ରାଜ୍ୟ ସରକାର ବିଟି କଟନକୁ ସ୍ୱୀକୃତି ଦେଇ ନ ଥିବାବେଳେ ଚାଷୀମାନେ କିନ୍ତୁ ଏଥିପ୍ରତି ଅଧିକ ଆଗ୍ରହ ଦେଖାଉଛନ୍ତି। କଳାହାଣ୍ଡିର ଚାଷୀ ବିଟି କଟନ ଚାଷକରି ଓଡ଼ିଶା ଜାତୀୟ କପା ଉତ୍ପାଦନ ହାର ସହିତ ସମାନ ଥିବା ବେଳେ ଏଠାରେ ସମଗ୍ର ଏସିଆର ଉତ୍କୃଷ୍ଟ ମାନର କପା ଉତ୍ପାଦନ କରିଥାନ୍ତି। ଧାନର ବିକଳ୍ପ ଭାବରେ ଚାଷ କରୁଥିବା ଚାଷୀମାନେ କପା ଅମଳ ପରେ ଅଧିକ ଲାଭ ପାଇବେ ବୋଲି ଆଶା ବାନ୍ଧିଥାନ୍ତି। କିନ୍ତୁ ଜିଲାରେ ସରକାରଙ୍କ ଗ୍ଜିନିଂ ଓ ସ୍ପିନିଂ ମିଲ୍ ନ ଥିବା ଯୋଗୁ ବାହାର ଦଲାଲ ରାଜ୍ୟ ବାହାରକୁ ନେଉଛନ୍ତି। କେସିଙ୍ଗାଠାରେ ଥିବା କୋଣାର୍କ ସ୍ପିନିଂ ମିଲ୍ ପୁନଶ୍ଚ କାର୍ଯ୍ୟକାରୀ ହେଲେ ଚାଷୀଙ୍କ ପାଇଁ ସୁଯୋଗ ସୃଷ୍ଟିହେବ। ଚଳିତବର୍ଷ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ୍‌ର ଉଛଳା, ଭବାନୀପାଟଣା ବ୍ଲକ୍‌ର କର୍ଲାପଡ଼ା ଓ କେସିଙ୍ଗାଠାରେ କପା ମଣ୍ଡି ହୋଇଥିଲା। ଏ ନେଇ ଜିଲା ମୁଖ୍ୟ କୃଷି ଅଧିକାରୀ ମଳୟ ପରିଡ଼ାଙ୍କୁ ପଚାରିବାରୁ କପା ଚାଷ ପ୍ରତି ଚାଷୀଙ୍କ ଆଗ୍ରହ ବଢୁଛି। ପୂର୍ବରୁ ଯେଉଁ ବ୍ଲକ୍‌ରେ କପା ହେଉ ନ ଥିଲା ସେହି ବ୍ଲକ୍‌ର ଚାଷୀମାନେ କପାଚାଷ ପ୍ରତି ଆଗ୍ରହ ଦେଖାଇଲେଣି। ଏହାସହ ରାଜ୍ୟରେ କପାଚାଷରେ କଳାହାଣ୍ଡି ୧ ନମ୍ବର ରହିଛି ବୋଲି ସେ ପ୍ରକାଶ କରିଥିଲେ।

**କପାଚାଷରେ ରାଜ୍ୟରେ କଳାହାଣ୍ଡି ୧ ନମ୍ବର**

### ଚାକିରିରୁ ବହିଷ୍କୃତ ହେଲେ ଲାଞ୍ଚୁଆ ରାଜସ୍ୱ ନିରୀକ୍ଷକ

ଭବାନୀପାଟଣା,୧୯।୨ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ଆର୍‌ଆଇ ଅଫିସର ପୂର୍ବତନ ରାଜସ୍ୱ ନିରୀକ୍ଷକ ରମେଶ ଚନ୍ଦ୍ର ବରାଡ ୨୦୨୧ ମସିହାରେ ଜମି ଡିମାର୍କେଶନ ରିପୋର୍ଟ ଆବେଦନକାରୀଙ୍କ ସପକ୍ଷରେ କରାଇଦେବା ପାଇଁ ୨ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ। ଏହି ମାମଲାର ଚୂଡାନ୍ତ ରାୟ ଗତ ଜାନୁଆରୀ ଶେଷରେ ପ୍ରକାଶ ପାଇଥିଲା। ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ବଦ୍ରି ନାରାୟଣ ନନ୍ଦ ଅଭିଯୁକ୍ତ ରାଜସ୍ୱ ନିରୀକ୍ଷକ ବରାଡ଼ଙ୍କୁ ଦୋଷୀ ସାବ୍ୟସ୍ତ କରି ତିନିବର୍ଷ କାରାଦଣ୍ଡ ଓ ୨୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଥିଲେ। ଏହି ମାମଲାରେ ବୁଧବାର ଅଭିଯୁକ୍ତ ରାଜସ୍ୱ ନିରୀକ୍ଷକଙ୍କୁ ସରକାର ଚାକିରିରୁ ବହିଷ୍କାର କରିଛନ୍ତି। ଏ ନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ପ୍ରକାଶ ଯେ, ଆବେଦନକାରୀ ବିରଞ୍ଚି ଚୌଧୁରୀ ନିଜ ଜମି ଡିମାର୍କେଶନ ନିମନ୍ତେ କର୍ଲାମୁଣ୍ଡା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ଡିମାର୍କେଶନ ରିପୋର୍ଟ ସପକ୍ଷରେ କରାଇଦେବା ପାଇଁ ରାଜସ୍ୱ ନିରୀକ୍ଷକ ବରାଡ଼ ୨ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏ ସମ୍ପର୍କରେ ଆବେଦନକାରୀ ଭିଜିଲାନ୍ସ ବିଭାଗ ସହ ଯୋଗାଯୋଗ କରିଥିଲେ। ଯୋଜନା ମୁତାବକ ୨୦୨୧ ଏପ୍ରିଲ ୨୨ରେ ରାଜସ୍ୱ ନିରୀକ୍ଷକ ବରାଡ଼ ବିରଞ୍ଚିଙ୍କଠାରୁ ୨ ହଜାର ଟଙ୍କା ଗ୍ରହଣ କରୁଥିବା ବେଳେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିନେଇଥିଲେ।


ସମ୍ବଲପୁର ଜିଲା ବର୍ଷିଆନ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଆୟୋଜିତ ଦ୍ୱିତୀୟ ଆନ୍ତଃଜିଲା ଫୁଟବଲ ଟୁର୍ନାମେଣ୍ଟରେ ବୁଧବାର କୋରାପୁଟ ଓ ସୁବର୍ଣ୍ଣପୁର ଜିଲା ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଦୃଶ୍ୟ।

## ଦରମା ମିଳୁନି, ମୂଲ ଲାଗିବାକୁ ଛୁଟି ମାଗିଲେ ଶିକ୍ଷକ

ବଲାଙ୍ଗୀର,୧୯।୨ (ବୀରେନ୍ଦ୍ର କୁମାର ଝାଙ୍କର)

୩ ମାସ ହେଲା ଦରମା ମିଳୁ ନ ଥିବାରୁ ଜଣେ ସହକାରୀ ଶିକ୍ଷକ ମୂଲ ଲାଗିବାକୁ ଯିବେ ବୋଲି ପ୍ରଧାନ ଶିକ୍ଷକଙ୍କୁ ଛୁଟି ଦରଖାସ୍ତ ଦେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏଭଳି ଅଭାବନୀୟ ଘଟଣା ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ୍ ଅନ୍ତର୍ଗତ ବାନ୍ଧନବାହାଲ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଘଟିଛି।

ବାନ୍ଧନବାହାଲ ସରକାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ (ଏକ୍ସ କ୍ୟାଡର) ପ୍ରଭୁଦତ୍ତ ସାହୁ ବୁଧବାର ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ ଏକ ଛୁଟି ଦରଖାସ୍ତ ଦେଇଥିଲେ। ତେବେ ଉକ୍ତ ଛୁଟି ଦରଖାସ୍ତରେ ଶିକ୍ଷକ ଜଣକ ଯେଉଁ ଉଦ୍ଦେଶ୍ୟରେ ଛୁଟି ମାଗିଛନ୍ତି ତାକୁ ପଢ଼ି ପ୍ରଧାନ ଶିକ୍ଷକ ଚକିତ ହୋଇଯାଇଥିଲେ। ଦରଖାସ୍ତରେ ସହକାରୀ ଶିକ୍ଷକ ସାହୁ ଉଲ୍ଲେଖ କରିଛନ୍ତି, ଦୀର୍ଘ ୩ ମାସ ହେଲା ଦରମା ପାଇ ନ ଥିବାରୁ ଘୋର ଆର୍ଥିକ ସଙ୍କଟ ମଧ୍ୟରେ ଦିନ କାଟୁଛନ୍ତି। ଏଣୁ ସେ ମଜୁରି କରିବାକୁ ଯିବେ। ଏଥିସକାଶେ ୨୦ ତାରିଖ ଗୁରୁବାର ସ୍କୁଲରେ ଉପସ୍ଥିତ ହୋଇପାରିବେ ନାହିଁ ବୋଲି ଜଣାଇଛନ୍ତି। ପ୍ରଧାନ ଶିକ୍ଷକ ଉକ୍ତ ଛୁଟି ଦରଖାସ୍ତ ଗ୍ରହଣ କରିଛନ୍ତି। ପ୍ରଧାନ ଶିକ୍ଷକଙ୍କୁ ପ୍ରଦାନ କରିଥିବା ଏଭଳି ଏକ ଛୁଟି ଦରଖାସ୍ତ ସମ୍ପର୍କରେ ଜଣାପଡିବା ପରେ ଘଟଣାଟି ଚର୍ଚ୍ଚା ହେଉଛି। ଛୁଟି ଦରଖାସ୍ତ ସମ୍ପର୍କରେ ପୁଇଁତଲା ବିଇଓ ଲୋକନାଥ ସୁନାଙ୍କୁ ପଚରାଯିବାରୁ କହିଛନ୍ତି, ଯେଉଁ ଆକାଉଣ୍ଟାଣ୍ଟମାନେ ଦରମା ଡ୍ରିଲ୍ କରୁଛନ୍ତି ସେମାନେ ଷ୍ଟ୍ରାଇକ୍‌ରେ ଯାଇଛନ୍ତି। ଏବେ ନୂଆ ମେକର ଆଇଡି ଦିଆଯାଇଛି। ୨–୩ ଦିନ ଭିତରେ ଦରମା ପ୍ରୋସେସିଂ ହେବ ବୋଲି ସେ କହିଛନ୍ତି। ସମ୍ପୃକ୍ତ ସହକାରୀ ଶିକ୍ଷକଙ୍କୁ ଛୁଟି ମଞ୍ଜୁର କରାଯାଇ ନ ଥିବା ସେ ସୂଚନା ଦେଇଛନ୍ତି।


ମଜୁରି କରିବା ଉଦ୍ଦେଶ୍ୟରେ ଛୁଟି ଦରଖାସ୍ତ ଦେଇଥିବା ଶିକ୍ଷକ ପ୍ରଭୁଦତ୍ତ ସାହୁ।

## ନକଲି ବିଦେଶୀ ମଦ ତିଆରି କାରଖାନା ଠାବ

ଜୟପାଟଣା,୧୯।୨ (ଓମ୍ ପ୍ରକାଶ ବୈଠାରୁ)

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ମୁଖିଗୁଡାଠାରେ ସ୍ଥାନୀୟ ଅବକାରୀ ବିଭାଗ ବୁଧବାର ଏକ ନକଲି ବିଦେଶୀ ମଦ ତିଆରି କାରଖାନା ଠାବ କରିଛି। ମୁଖିଗୁଡ଼ା ମାଝୀପଡ଼ାଠାରେ ଖୁସିରାମ ସାହୁ ଓରଫ କ୍ଷମା ସାହୁ ନିଜ ଘରେ ମେଶିନ ବସାଇ ନକଲି ବିଦେଶୀ ମଦ ତିଆରି କରୁଥିବା ନେଇ ଅବକାରୀ ବିଭାଗକୁ ଖବର ମିଳିଥିଲା। ତଦନୁଯାୟୀ ଜିଲା ଅବକାରୀ ଅଧୀକ୍ଷକ ରଞ୍ଜନ କୁମାର ନାଏକଙ୍କ ନିର୍ଦ୍ଦେଶ କ୍ରମେ ଜୟପାଟଣା ଓ ଧର୍ମଗଡ଼ ଅବକାରୀ ବିଭାଗ କର୍ମଚାରୀ ମିଳିତ ଭାବେ ଚଢାଉ କରିଥିଲେ। ଏହି ସମୟରେ ସେଠାରୁ ବିପୁଳ ପରିମାଣର ବିଭିନ୍ନ ବ୍ରାଣ୍ଡର ନକଲି ମଦ, ଲେବଲ, ମଦ ତିଆରି ସାମଗ୍ରୀ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତ ଖୁସିରାମଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଦୀର୍ଘଦିନ ହେଲା ଏଠାରେ ମଦ ପ୍ରସ୍ତୁତ ହୋଇ ବିଭିନ୍ନ ଅଞ୍ଚଳକୁ ଚାଲାଣ ହେଉଥିବା କୁହାଯାଉଛି। ଏହି ଚଢ଼ାଉରେ ଧର୍ମଗଡ ରେଞ୍ଜ ଇନ୍ସପେକ୍ଟର ସୁଧାଂଶୁ ମୁଣ୍ଡା, ଓଆଇସି ପ୍ରତିମା ବେହେରା, ଜୟପାଟଣା ଅବକାରୀ ଓଆଇସି ନରେନ୍ଦ୍ର ମିଞ୍ଜଙ୍କ ସମେତ ଷ୍ଟାଫ ସାମିଲ ଥିଲେ।



ଜବତ ହୋଇଥିବା ନକଲି ବିଦେଶୀ ମଦ।

# ବଢ଼ିଲା ଖରା, ଜଳିଲାଣି ଜଙ୍ଗଲ

**ଜିଲାର ୪୬ ସ୍ଥାନରେ ଫାୟାର ପଏଣ୍ଟ ଚିହ୍ନଟ**

- ବଲାଙ୍ଗୀର ବନ ବିଭାଗ ପକ୍ଷରୁ ୧୧ ଫାୟାର ସ୍କ୍ୱାଡ୍
- ପ୍ରତି ରେଞ୍ଜରେ ଚାଲିଛି ଫାୟାର ଲାଇନ କାମ

ବଲାଙ୍ଗୀର,୧୯।୨ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲାରେ ଏବେଠାରୁ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଖରାଦିନ ଆସିବା ଆଗରୁ ବନାଗ୍ନି ଚିନ୍ତା ବଢ଼ାଇଛି । ଚଳିତବର୍ଷ ଫେବୃଆରୀ ପ୍ରଥମ ସପ୍ତାହରୁ ଅସ୍ୱାଭାବିକ ତାପମାତ୍ରା ବୃଦ୍ଧି ଯୋଗୁ ଏଥର ଖରାଦିନ ଶୀଘ୍ର ଆସିଲା ବୋଲି ଲୋକେ କହୁଛନ୍ତି। ଏହି କାରଣରୁ ବଲାଙ୍ଗୀର ଜିଲାର ବିଭିନ୍ନ ରେଞ୍ଜର ଜଙ୍ଗଲଗୁଡିକରେ ନିଆଁ ଲାଗିବା ଆରମ୍ଭ ହୋଇଯାଇଛି। ମହୁଲ ସଂଗ୍ରହ, ଚାଷଜମିରୁ ନଡ଼ା ସଫେଇ, ଅନାବନା ଗଛପତ୍ର ଏବଂ ପନିପରିବା ଶୁଖିଲା ଖାଡ଼ିବାଡ଼ି ସଫେଇ ପାଇଁ ଅନେକ ଲୋକ ନିଆଁ ଲଗାଇ ଦେଉଛନ୍ତି। ଏହାବ୍ୟତୀତ ସିଗାରେଟ୍, ବିଡି, କାହାଳୀ ପିଇବା, ଜଙ୍ଗଲ ଭିତରେ ପିକ୍‌ନିକ୍ ବେଳେ ରୋଷେଇ, ବେଆଇନ ମଦ ପ୍ରସ୍ତୁତି ଓ ଅନ୍ୟାନ୍ୟ କାରଣରୁ ଜଙ୍ଗଲ ନିଆଁ ଲାଗୁଛି। ବ୍ୟାପକ ସଚେତନତା ସତ୍ତ୍ୱେ ଖରାଦିନରେ ଜଙ୍ଗଲ ନିଆଁ ସାଧାରଣ କଥା ପାଲଟିଛି।

ବଲାଙ୍ଗୀର ବନ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ମୁତାବକ, ମଙ୍ଗଳବାର ସୁଦ୍ଧା ଜିଲାର ୪୬ଟି ସ୍ଥାନରେ ଫାୟାର ପଏଣ୍ଟ ବା ବନାଗ୍ନି ସ୍ଥାନ ଚିହ୍ନଟ ହୋଇଛି। ଏହି ସ୍ଥାନରେ ବିଭିନ୍ନ କାରଣରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ତେବେ ସମସ୍ତ ଅଗ୍ନିକାଣ୍ଡ ସ୍ଥାନରେ ବନ ବିଭାଗ ପକ୍ଷରୁ ନିଆଁକୁ ଆୟତ୍ତ କରାଯାଇଥିବା ସୂଚନା ଦିଆଯାଇଛି। ପ୍ରତିବର୍ଷ ଖରାଦିନରେ ଜିଲାର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗୁଛି। ବିଶେଷକରି ଜିଲାର ବୃହତ୍ ଜଙ୍ଗଲ ଅଞ୍ଚଳରେ ନିଆଁ ଲାଗୁଥିବା ଏବଂ ନିଆଁକୁ ଆୟତ୍ତ କରିବା ପାଇଁ ବନ ବିଭାଗ ପାଖରେ ଆବଶ୍ୟକ ସଂଖ୍ୟକ ଷ୍ଟାଫ୍ ନ ଥିବାରୁ ଖରାଦିନରେ ବ୍ୟାପକ ଜଙ୍ଗଲ ପୋଡ଼ି ହେଉଛି। ମିଳିଥିବା ତଥ୍ୟ ମୁତାବକ ୨୦୨୪ ମସିହାରେ ଜିଲାର ୧୧ଟି ରେଞ୍ଜର ୩୦୩ଟି ସ୍ଥାନରେ ନିଆଁ ଲାଗିଥିବା ଚିହ୍ନଟ ହୋଇଥିଲା। ପାଟଣାଗଡ଼ ରେଞ୍ଜରେ ସର୍ବାଧିକ ୬୧ଟି ସ୍ଥାନରେ ନିଆଁ ଲାଗିଥିଲା। ଏହାଛଡ଼ା ବଲାଙ୍ଗୀର ରେଞ୍ଜରେ ୫୪ଟି, ଲୋଇସିଂହା ରେଞ୍ଜରେ ୫୧ଟି, ଟିଟିଲାଗଡ଼ ରେଞ୍ଜରେ ୨୯ଟି, ଦେଓଗାଁ ଏବଂ ସଇଁତଳା ଉଭୟ ରେଞ୍ଜର ୨୦ଟି ଲେଖାଏ ସ୍ଥାନରେ ନିଆଁ ଲାଗିଥିଲା। ଲାଠୋର ରେଞ୍ଜରେ ୧୫, ବଙ୍ଗୋମୁଣ୍ଡାରେ ୧୪, ହରିଶଙ୍କର ରେଞ୍ଜରେ ୧୪, ବଙ୍ଗୋମୁଣ୍ଡାରେ ୧୪ ଏବଂ କଣ୍ଟାବାଞ୍ଜି ରେଞ୍ଜର ୧୧ଟି ସ୍ଥାନରେ ନିଆଁ ଲାଗିଥିଲା। ନିଆଁ ଆୟତ୍ତ କରିବା ପାଇଁ ବନ ବିଭାଗ ପକ୍ଷରୁ ଚଳିତବର୍ଷ ଫେବୃଆରୀ ପୂର୍ବରୁ ପ୍ରସ୍ତୁତି ସରିଥିଲା। ସାଧାରଣତଃ ଫେବୃଆରୀରୁ ଜୁନ୍ ମଧ୍ୟରେ ବିଭିନ୍ନ କାରଣରୁ ଜଙ୍ଗଲରେ ନିଆଁ ଲାଗିଥାଏ। ଏହି ସମୟରେ ବନ ବିଭାଗ, ବନ ସୁରକ୍ଷା ସମିତି ଏବଂ ଜଙ୍ଗଲ ଆଖପାଖ ଗାଁଗୁଡିକରେ କିଭଳି ସମନ୍ୱୟ ହେବ ଏବଂ ବ୍ୟାପକ ଜନସଚେତନତା ସୃଷ୍ଟି ହୋଇପାରିବ ସେନେଇ ଉଦ୍ୟମ କରାଯାଇଥିବା ଏସିଏଫ୍ ଜିତେନ୍ଦ୍ର ସାହୁ କହିଛନ୍ତି। ସେ ଆହୁରି କହିଛନ୍ତି, ଚଳିତବର୍ଷ ବନାଗ୍ନିକୁ ଆଖି ଆଗରେ ରଖି ପ୍ରତି ରେଞ୍ଜରେ ଏକ ଫାୟାର ସ୍କ୍ୱାଡ୍ ଗଠନ କରାଯାଇଛି। ପ୍ରତି ସ୍କ୍ୱାଡ୍‌ରେ ୧୦ ଜଣ ଅଛନ୍ତି। ଗୋଟିଏ ସ୍କ୍ୱାଡ୍‌ରେ ଗୋଟିଏ ଚାରିଚକିଆ ଗାଡ଼ି ଦିଆଯାଇଛି। ଏହାସହ ନିଆଁ ଲିଭାଇବା ପାଇଁ ବିଭିନ୍ନ ଯନ୍ତ୍ର, ସରଞ୍ଜାମ, ଗ୍ଲୁକୋଜ୍ ଦିଆଯାଇଛି। ଏହାଛଡା ପ୍ରତି ରେଞ୍ଜର ଅଗ୍ନିକାଣ୍ଡ ଚିହ୍ନଟ ସ୍ଥଳରେ ଫାୟାର ଲାଇନ୍ କରାଯାଉଛି। ଜଙ୍ଗଲ ଭିତରକୁ ନିଆଁ କିଭଳି ବ୍ୟାପିବ ନାହିଁ ସେଥିପାଇଁ ଫାୟାର ଲାଇନ କରାଯାଉଛି। ଏହାସହ ଜଙ୍ଗଲ ଆଖପାଖ ଅଞ୍ଚଳରେ ପାଲା, ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ଜଙ୍ଗଲ ନିଆଁ ଆୟତ୍ତ ନେଇ ସଚେତନତା ସୃଷ୍ଟି କରାଯାଇଥିବା ଏସିଏଫ୍ ସାହୁ କହିଛନ୍ତି। ଚଳିତବର୍ଷ ୪୬ଟି ସ୍ଥାନରେ ନିଆଁ ଲାଗିଥିବା ଜଣାପଡିବା ପରେ ସେଠାରେ ଫାୟାର ସ୍କ୍ୱାଡ୍ ପହଞ୍ଚି ନିଆଁ ଆୟତ୍ତ କରିଥିବା ସେ କହିଛନ୍ତି। ତେବେ ଜଙ୍ଗଲରେ କେତେଜଣ ବ୍ୟକ୍ତି ଜାଣତରେ ଏବଂ ଅସାବଧାନତାରେ ନିଆଁ ଲଗାଉଥିବାରୁ ସେ ଦିଗରେ ଅଧିକ ସଚେତନ କରିବା ଜରୁରୀ ହୋଇପଡିଛି।


ବଲାଙ୍ଗୀର ଜିଲା ମଠଖାଇ ଜଙ୍ଗଲ ରାସ୍ତାକଡ଼ରେ ନିଆଁ ଲାଗିଛି।

## ସଂକ୍ଷେପରେ

### ଅଙ୍ଗନୱାଡ଼ି କର୍ମୀଙ୍କ ଝୁଲନ୍ତା ମୃତଦେହ ଜବତ

ଖପ୍ରାଖୋଲ,୧୯।୨(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ପୋଡମୁଣ୍ଡପଡ଼ା ଗାଁର ଅଙ୍ଗନବାଡି କର୍ମୀ ଟୁନି ବେହେରା (୩୫)ଙ୍କ ଝୁଲନ୍ତା ମୃତଦେହ ତାଙ୍କ ବାସଭବନରୁ ପୋଲିସ ବୁଧବାର ଅପରାହ୍ନରେ ଜବତ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଟୁନି ବେକରେ ଶାଢୀ ଲଗାଇ ପଙ୍ଖାରେ ଝୁଲୁଥିବା ଦେଖି ସ୍ୱାମୀ କଲାପିକ ବରିହା ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ପହଞ୍ଚି ଅତିରିକ୍ତ ତହସିଲଦାର ସତ୍ୟ ପ୍ରକାଶ ରାଉତରାୟଙ୍କ ଉପସ୍ଥିତିରେ ମୃତଦେହ ଜବତ କରିଥିଲା । ଏନେଇ ଖପ୍ରାଖୋଲ ଥାନାରେ ନମ୍ବର ୨/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଲିଥିବା ଥାନା ଏସଆଇ ଲିଙ୍ଗରାଜ କିସାନ ପ୍ରକାଶ କରିଛନ୍ତି।

### କୂଅରୁ ମିଳିଲା ନିଖୋଜ ୱାର୍ଡମେମ୍ବରଙ୍କ ମୃତଦେହ

ବଲାଙ୍ଗୀର,୧୯।୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ପୁଇଁତଲା ଥାନା ଅନ୍ତର୍ଗତ ପଦ୍ମପୁର ଗ୍ରାମର ୱାର୍ଡମେମ୍ବର ବାସୁଦେବ ପଶାୟତ (୪୫)ଙ୍କ ମୃତଦେହ ବୁଧବାର ଗାଁର ଏକ କୂଅରୁ ଜବତ ହୋଇଛି। ଗତ ୧୬ ତାରିଖରୁ ସେ ଘରକୁ ଫେରି ନ ଥିଲେ। ଏନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ସକାଳୁ ତାଙ୍କ ମୃତଦେହ କୂଅରେ ପଡିଥିବା ଖବର ପାଇବା ପରେ ପୋଲିସ ଟିମ୍ ଉପସ୍ଥିତିରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଭୀମଭୋଇ ମେଡିକାଲ ହସ୍ପିଟାଲକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। କିଭଳି ପରିସ୍ଥିତିରେ ୱାର୍ଡମେମ୍ବରଙ୍କ ମୃତ୍ୟୁ ହେଲା ତାହା ସ୍ପଷ୍ଟ ହୋଇନାହିଁ। ତାଙ୍କୁ ହତ୍ୟା କରାଯାଇଥିବା ଚର୍ଚ୍ଚା ଜୋର ଧରିଛି। ପରିବାର ଲୋକେ ମଧ୍ୟ ୱାର୍ଡମେମ୍ବର ପଶାୟତଙ୍କ ମୃତ୍ୟୁ ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ଦାବି କରିଛନ୍ତି।

### ବିଦ୍ୟୁତ ସଂସ୍ପର୍ଶରେ ଆସି ବୃଦ୍ଧ ମୃତ

ଦେଓଗାଁ,୧୯।୨(କୃଷ୍ଣ ପ୍ରସାଦ ପାଣିଗାହୀ)

ମଙ୍ଗଳବାର ଅପରାହ୍ନରେ ବିଦ୍ୟୁତ ସଂସ୍ପର୍ଶରେ ଆସି ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ସାରସବାହାଲ ଗାଁର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ସାରସବାହାଲ ଗାଁର ସୁବାଷ ମହାକୁର(୬୦) । ପ୍ରକାଶ ଯେ, ସୁବାଷ ଡୁଷୁରା ଛକ ନିକଟରେ ଛେଳି ଚରାଉଥିବା ବେଳେ ଏକ ଗଛରେ ୧୧କେଭି ବିଦ୍ୟୁତ ତାର ଲାଗି ରହିଥିବା ଜାଣି ନ ପାରି ସଂସ୍ପର୍ଶରେ ଆସି ଯାଇଥିଲେ । ପରେ ବିଦ୍ୟୁତ ବିଚ୍ଛିନ୍ନ କରି ତାଙ୍କୁ ଉଦ୍ଧାର କରାଯାଇ ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ବିଦ୍ୟୁତ ବିଭାଗର ବେପରୁଆ କାର୍ଯ୍ୟ ଯୋଗୁ ଏହି ଅଘଟଣ ଘଟିଥିବା ନେଇ ସୁବାଷଙ୍କ ପୁଅ ତରୁଣ ମହାକୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ଚୁଡ଼ାପାଲି ବ୍ଲକ ଗଠନ ଦାବିରେ ଜିଲାପାଳଙ୍କୁ ଦାବିପତ୍ର

ବଲାଙ୍ଗୀର,୧୯।୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଚୁଡାପାଲି ଅଞ୍ଚଳର ବିଭିନ୍ନ ଗ୍ରାମ ପଞ୍ଚାୟତକୁ ନେଇ ଏକ ନୂଆ ବ୍ଲକ ଗଠନ କରିବା ଦାବିରେ ବୁଧବାର ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଦାବିପତ୍ରକୁ ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀ ଗ୍ରହଣ କରିଛନ୍ତି। ଲୋକନାଥ କୁମରା, ଲଛମନ୍ ମହାକୁର, ରାମେଶ୍ୱର କାନ୍ତି, ନରେଶ ଅଗ୍ରୱାଲ, ଅନୀଲ ଅଗ୍ରୱାଲ, ସୁଶୀଳ ବେହେରା, ଲବ ବାରିକ, ଅକ୍ଷୟ ଘିବେଲା ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ । ଏହି ଅବସରରେ ସେମାନେ ଅତିରିକ୍ତ ଜିଲାପାଳ ଡ. ସେଠୀଙ୍କୁ ଚୁଡାପାଲିଠାରେ ନୂଆ ବ୍ଲକ କାର୍ଯ୍ୟାଳୟ କରିବାକୁ ଦାବି କରିଥିଲେ। ଲୋକନାଥ କୁମରା କହିଥିଲେ, ବଲାଙ୍ଗୀର ସଦର ବ୍ଲକ କାର୍ଯ୍ୟାଳୟ ଏବେ ବଲାଙ୍ଗୀର ମ୍ୟୁନିସିପାଲିଟି ଭିତରେ ରହିଛି। ଚୁଡାପାଲି ଠାରୁ ବଲାଙ୍ଗୀର ସହରସ୍ଥିତ ସଦର ବ୍ଲକ କାର୍ଯ୍ୟାଳୟକୁ ଯିବାକୁ ହେଲେ ୨୨ କିଲୋମିଟର ପଡୁଛି। ସଦର ବ୍ଲକର ମୟାବର୍ହା ଏବଂ ଦେଓଗାଁ ବ୍ଲକର ରାମଚନ୍ଦ୍ରପୁର ଠାରୁ ବ୍ଲକ କାର୍ଯ୍ୟାଳୟକୁ ଯିବାକୁ ପ୍ରାୟ ୩୨ କିଲୋମିଟର ପଡୁଛି। ଏଥିପାଇଁ ଲୋକେ ଖର୍ଚ୍ଚାନ୍ତ ହେବା ସହ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚୁଡାପାଲିଠାରେ ନୂଆ ବ୍ଲକ କାର୍ଯ୍ୟାଳୟ ସ୍ଥାପନ ହେଲେ ନିକଟସ୍ଥ ପ୍ରାୟ ସବୁ ଅଞ୍ଚଳରୁ ଏହି ସ୍ଥାନକୁ ସୁବିଧାରେ ଲୋକେ ପହଞ୍ଚି ପାରିବେ ଏବଂ ମାତ୍ର ୧୦-୧୨ କିମି ଆସିଲେ ଲୋକେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ପାରିବେ ବୋଲି କହିଥିଲେ। ଚୁଡାପାଲିରେ ନୂଆ ବ୍ଲକ କାର୍ଯ୍ୟାଳୟ ହେଲେ ପ୍ରଶାସନିକ କାର୍ଯ୍ୟ ଗ୍ରାମାଭିମୁଖୀ ହୋଇପାରିବ ଏବଂ ଲୋକେ ସରକାରୀ ସୁବିଧା ସୁଯୋଗ ପାଖରେ ପାଇପାରିବେ ବୋଲି ଗ୍ରାମବାସୀ କହିଥିଲେ। ଚୁଡାପାଲିକୁ ନୂଆ ବ୍ଲକ କରିବା ପାଇଁ ଚୁଡାପାଲି ସରପଞ୍ଚ ଲକ୍ଷ୍ମୀ ନନ୍ଦ, ଭୁଣ୍ଡିମୁହାଣ ସରପଞ୍ଚ ଶ୍ରୀୟା ସାହୁ, ବାରପୁଡଗିଆ ସରପଞ୍ଚ, ମୟାବର୍ହା ସରପଞ୍ଚ ଭରତ ଛତ୍ରିଆ, ଖୁଣ୍ଟପାଲି ସରପଞ୍ଚ ବନିତା ବାରିକ, କୁରୁମଡୋଲା ସରପଞ୍ଚ ସସ୍ମିତା ସିଂଦେଓ, ଗଡଶଙ୍କର ଡୁଙ୍ଗୁରିପାଲି ସରପଞ୍ଚ, ତୁଷରାବାହାଲ ସରପଞ୍ଚ ଦନାର୍ଦ୍ଦନ ମହାପାତ୍ର, ରତାଖଣ୍ଡି ସରପଞ୍ଚ ହିମାଞ୍ଚଳ ମେହେର ଓ ଅନ୍ୟମାନେ ସମ୍ମତି ଦେଇଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି।


ଚୁଡାପାଲି ବ୍ଲକ ଗଠନ ଦାବି ନେଇ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

# ରାସ୍ତା ମରାମତି ପାଇଁ ବିଡିଓଙ୍କୁ ଦରଖାସ୍ତ ଲେଖିଲେ ଛାତ୍ରୀ

ଲାଠୋର,୧୯।୨(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ କରୁଆଁଝର ପଞ୍ଚାୟତ କାର୍ଯ୍ୟାଳୟଠାରୁ ସରେଇବାହାଲ ଗ୍ରାମ ପର୍ଯ୍ୟନ୍ତ ଦୀର୍ଘ ୯ କିମି ଆରଡି ରାସ୍ତା ମରାମତି ପାଇଁ ସାନଗୁର୍ଜିଭଟା ଗ୍ରାମର କେତେଜଣ ଛାତ୍ରୀ ମଙ୍ଗଳବାର ବିଡିଓଙ୍କୁ ସରପଞ୍ଚଙ୍କ ଜରିଆରେ ଏକ ଦରଖାସ୍ତ ଦେଇଛନ୍ତି । କରୁଆଁଝର ହାଇସ୍କୁଲରେ ପାଠ ପଢୁଥିବା ଛାତ୍ରୀ ନନ୍ଦିନୀ ସୁନା, ସବିତା ଦୀପ, କାଜଲ ବାଗ, ବର୍ଷା ଦାସ, ଯୋଗିତା ଦୀପ ପ୍ରମୁଖ ଦରଖାସ୍ତ ଦେଇଥିବା ନେଇ ସୂଚନା ଦେଇଛନ୍ତି । ସେହିପରି ଉକ୍ତ ବିଦ୍ୟାଳୟର ଶିକ୍ଷକ ଆକାଶ କୁମାର ସାହୁ ମଧ୍ୟ ଏକ୍ସ ଯୋଗେ ଖପ୍ରାଖୋଲ ବିଡ଼ିଓ, ବଲାଙ୍ଗୀର ଜିଲାପାଳ, ଆରଡି ମୋ ଓଡ଼ିଶା ଏବଂ ସିଏମଓ ଓଡ଼ିଶାଙ୍କୁ ଅଭିଯୋଗ କରିଛନ୍ତି । କରୁଆଁଝର ଠାରୁ ସରେଇବାହାଲ ଗ୍ରାମ ପର୍ଯ୍ୟନ୍ତ ଦୀର୍ଘ ୯ କିମି ଏବଂ ଟଙ୍କପାଣି ଗ୍ରାମ ଠାରୁ ସୁନାମୁଦି ପର୍ଯ୍ୟନ୍ତ ୪ କିମି ଆରଡି ରାସ୍ତା ଅତି ଶୋଚନୀୟ ଅବସ୍ଥାରେ ୨ ବର୍ଷ ହେବ ପଡ଼ି ରହିଛି । ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି। ପ୍ରତ୍ୟହ ସେହି ରାସ୍ତା ଦେଇ ବହୁ ସଂଖ୍ୟାରେ ଦୁଇଚକିଆ ଓ ଚାରିଚକିଆ ଯାନବାହନ ଚଳାଚଳ କରୁଛି । ଛାତ୍ରୀଛାତ୍ରମାନେ ସାଇକେଲରେ ସ୍କୁଲ, କଲେଜକୁ ପାଠ ପଢିବା ପାଇଁ ଯିବା ଆସିବା ବେଳେ ନା ନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏପରି କି ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି । ଦୀର୍ଘ ଦିନ ହେଲା ରାସ୍ତା ମରାମତି ପାଇଁ ଲୋକେ ଦାବି କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ସେହି ରାସ୍ତା ଦେଇ ପାଟଣାଗଡ ଆରଡି ବିଭାଗ କର୍ମଚାରୀ ଏବଂ ଅଧିକାରୀମାନେ ଯିବା ଆସିବା କରୁଥିଲେ ମଧ୍ୟ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରୁନାହାନ୍ତି । ଏପରିକି ନିକଟରେ ଏହି ଅଞ୍ଚଳରେ ଘଟିଥିବା ନବଜାତ ଶିଶୁ କନ୍ୟା ବିକ୍ରି ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ବିରୋଧୀ ଦଳର ନେତାଙ୍କ ଠାରୁ ଆରମ୍ଭ କରି ଉପମୁଖ୍ୟମନ୍ତ୍ରୀ ସେହି ରାସ୍ତା ଦେଇ ଯିବା ଆସିବା କରିଥିଲେ । ହେଲେ ରାସ୍ତା ପ୍ରତି କାହାରି ନଜର ପଡିଲା ନାହିଁ । ଏବେ ସ୍କୁଲ ପାଠ ପଢୁଥିବା ଛାତ୍ରୀମାନେ ରାସ୍ତା ପାଇଁ ଦରଖାସ୍ତ ଲେଖିବା ଆଲୋଚନାର ବିଷୟ ହୋଇଛି । ଏ ଦିଗରେ ଯଥାଶୀଘ୍ର ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

# ବ୍ଲକ ପାଇଁ କୁଶଙ୍ଗରେ ରହିଛି ଆବଶ୍ୟକ ଭିତ୍ତିଭୂମି


ବୈଠକରେ ଉପସ୍ଥିତ ଜନପ୍ରତିନିଧି ଓ ଗ୍ରାମବାସୀ ।

ଲୋଇସିଂହା,୧୯।୨(ସୁଶାନ୍ତ ବାରିକ)

**ବ୍ଲକ ପୁନର୍ଗଠନ ଦାବିରେ ବୈଠକ**

ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ଲକ ପୁର୍ନଗଠନ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି କ୍ରମରେ ବୁଧବାର ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶଙ୍ଗକୁ ବ୍ଲକ ଗଠନ ଦାବି ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ନବ ନିର୍ମିତ ଆରୋଗ୍ୟ ମନ୍ଦିର ପରିସରରେ କରୁଣାକର ପଟେଲଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଗ୍ରାମ୍ୟ ବିକାଶ କମିଟି ସଭାପତି ପ୍ରଶାନ୍ତ ପଟେଲ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ଆବାହକ ଗୋଲକ ବିହାରୀ ପଟେଲ, ଗ୍ରାମର ବୃନ୍ଦାବନ ପଟେଲ, ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳୀ ପଟେଲ, ୩୪ ନଂ ଜୋନ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଏବଂ ଗ୍ରାମର ୧୪ ମହିଳା ଗୋଷ୍ଠୀ ସାମିଲ ହୋଇଥିଲେ। ଗଉନ୍ତିଆ ବୃନ୍ଦାବନ ପଟେଲ କହିଥିଲେ,କୁଶଙ୍ଗରେ ବ୍ଲକ ଗଠନ ପାଇଁ ଆବଶ୍ୟକ ଭିତ୍ତିଭୂମି ରହିଛି। ୨ ଶହ ଏକର ସରକାରୀ ଜମି ସହିତ ପ୍ରାଥମିକ ବିଦ୍ୟାଳୟ ଠାରୁ ମହାବିଦ୍ୟାଳୟ ଯାଏ ଶିକ୍ଷାନୁଷ୍ଠାନ ରହିଛି । ଏପରିକି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏବଂ ବିଭିନ୍ନ ସରକାରୀ ଦପ୍ତର ରହିଛି । ୧୯୯୩ ମସିହାରୁ ବ୍ଲକ ଗଠାନ ଦାବି ନେଇ ରାଜ୍ୟ ସରକାରଙ୍କ ନିକଟରେ ଅଞ୍ଚଳବାସୀଙ୍କ ଦାବି ରହି ଆସିଥିବା ସେ ସୂଚନା ଦେଇଥିଲେ। ଏପରି କି ଦଳମତ ନିର୍ବିଶେଷରେ ବିଧାୟକ,ଏମ୍‌ପିଙ୍କ ଏଥିପ୍ରତି ସମର୍ଥନ ରହିଛି ବୋଲି ସେ କହିଥିଲେ । ଆବାହକ ପଟେଲ କୁଶଙ୍ଗରେ ଗଢି ଉଠିଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟ ପାଇଁ ଗ୍ରାମବାସୀଙ୍କ ସଂଘର୍ଷ ସମ୍ପର୍କରେ ଆଲୋକପାତ କରିଥିଲେ । ସଂଯୋଜକ ପଟେଲ କହିଥିଲେ, ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ କ୍ଷମତା ବିକେନ୍ଦ୍ରୀକରଣ କରିବାକୁ ଯାଇ ସରକାର ୧୩ରୁ ୩୦ ଜିଲା ଗଠନ କରିଦେଲେ । ସେତେବେଳେ ସରକାର ଭୁଲି ଗଲେ ଯେ ଜିଲା ପରେ ବ୍ଲକ ପୁର୍ନଗଠନର ଭୂମିକା ରହିଛି । ସେହି ସମୟରୁ ଏହି ଦାବି ରହିଛି । ବିଭିନ୍ନ ସମୟରେ ପ୍ରତିଶ୍ରୁତି ମିଳିଛି ହେଲେ ତାହା କାର୍ଯ୍ୟକାରୀ ହୋଇ ପାରିନାହିଁ । ବର୍ତ୍ତମାନର ସରକାର କ୍ୟାବିନେଟରେ ପ୍ରସ୍ତାବ ଆଣି ବ୍ଲକ ପୁର୍ନଗଠନ ଦିଗରେ କାର୍ଯ୍ୟ କରିବାକୁ ଯାଉଛନ୍ତି । ସମସ୍ତ ଭିତ୍ତିଭୂମି ଥିବାରୁ ସରକାର ଉପରୋକ୍ତ ଦାବି ବିଚାରକୁ ନେବାକୁ ସେ ଦାବି କରିଥିଲେ।

# କେନ୍ଦ୍ରୀୟ ଟିମ୍‌ର ଦେଓଗାଁ କଛାରପାଲି ପରିଦର୍ଶନ

**ଫାଇଲେରିଆ ନିରାକରଣ ଅଭିଯାନର ସମୀକ୍ଷା**

ଦେଓଗାଁ,୧୯।୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ଓ କଛାରପାଲି ଗାଁକୁ ବୁଧବାର ଅପରାହ୍ନରେ ଏକ କେନ୍ଦ୍ରୀୟ ଟିମ୍ ପରିଦର୍ଶନ କରି ଫାଇଲେରିଆ ରୋଗ ନିରାକରଣ ଅଭିଯାନର ସମୀକ୍ଷା କରିଛନ୍ତି । ଏହି ଟିମ୍ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରଥମେ ଏମଡିଏ କର୍ଣ୍ଣର ବୁଲି ଦେଖିବା ପରେ ସମିକ୍ଷା ବୈଠକ କରିଥିଲେ । ସ୍ଥାନୀୟ ସିଏଚସିର ଡା. ଚିତ୍ତ ରଞ୍ଜନ ମିଶ୍ର ଅଭିଯାନର ଅଗ୍ରଗତି ଉପରେ ଅବଗତ କରିଥିଲେ । ଦେଓଗାଁ ବ୍ଲକର କଛାରପାଲି ଅଞ୍ଚଳରେ ଏହି ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇଛି । ଏଣୁ ଏହି ଗାଁରେ ଶତ ପ୍ରତିଶତ ଔଷଧ ସେବନର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ କରିଥିଲେ । ଡା. ବଦ୍ରି ଥପାଙ୍କ ନେତୃତ୍ୱରେ ଆସିଥିବା କେନ୍ଦ୍ରୀୟ ଟିମ୍‌ରେ ଡା. ବିଶ୍ୱ ପ୍ରକାଶ ଦତ୍ତ ପ୍ରମୁଖ ଉକ୍ତ ରୋଗ ପାଇଁ ନିଆଯାଉଥିବା ପଦକ୍ଷେପ ଉପରେ ବିଶଦ ଆଲୋଚନା କରିଥିଲେ। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଉମେଶ ଚନ୍ଦ୍ର ସାହୁ, ଡା. କୁବେର ଚନ୍ଦ୍ର ମହନ୍ତ,ଡା. ନିଶିଥ ରଞ୍ଜନ ଦାଶ, ଭିବିଡି କନସଲଟାଣ୍ଟ ସୁରେଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ପରେ ଉକ୍ତ ଟିମ୍ କଛାରପାଲିର ବିଭିନ୍ନ ଘର ବୁଲି ଲୋକଙ୍କୁ ପଚାରି ବୁଝିବା ସହ ଅଭିଯାନର ସଫଳତା ପାଇଁ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବିପିଏମ ପରେଶ ସାହୁ, ସ୍ୱାସ୍ଥ୍ୟକର୍ମୀ ସୁରଜିତ ପଣ୍ଡା, ସ୍ମରଣିକା ସାହୁ,ଡା. ପ୍ରମୋଦ ସାହୁ, ଡା. ମମତାରାଣୀ ଦାଶ, ବିଡିଏମ ବିପ୍ଳବ ମିଶ୍ର ତଥା ଅନ୍ୟମାନେ ଉପସ୍ଥିତ ଥିଲେ।

# ପିସି ନ ଦେଲେ ଉନ୍ନୟନ କାମ ହେଉନି



ଖବରଦାତା ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ ସୂଚନା ଦେଉଛନ୍ତି।

ଟିଟିଲାଗଡ଼,୧୯।୨(ଶରତ ମିଶ୍ର)

**ଖବରଦାତା ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁଙ୍କ ଅଭିଯୋଗ**

ରାଜ୍ୟରେ ନୂଆ ସରକାର ଗଠନ ପରେ ଟିଟିଲାଗଡ଼ ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ନୋଟିସ ହୋଇଥିବା ନେଇ ବିଜେଡ଼ି ଭାଜପା ବିବାଦ ତୀବ୍ର ହେବାରେ ଲାଗିଛି। ଟିଟିଲାଗଡ଼ ଭାଜପା ବିଧାୟକ ନବୀନ ଜୈନ ବ୍ଲକ କାର୍ଯ୍ୟରେ ଅଯଥା ହସ୍ତକ୍ଷେପ କରୁଛନ୍ତି । ଏପରି କି ଉନ୍ନୟନ କାର୍ଯ୍ୟରେ ପିସି ଦାବି ହେଉଛି ବୋଲି ବ୍ଲକ ଅଧ୍ୟକ୍ଷା,ସମିତି ସଭ୍ୟାସଭ୍ୟ ଓ ସରପଞ୍ଚ ବଲାଙ୍ଗୀର ଜିଲାପାଳଙ୍କଠାରେ ଏହାମଧ୍ୟରେ ଅନେକ ଥର ଅଭିଯୋଗ କରିଆସୁଛନ୍ତି। ତେବେ ଏହାକୁ ଅଣଦେଖା କରାଯିବା ନେଇ ବିଜେଡ଼ି ନେତା, କର୍ମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବ୍ଲକକୁ ଜନସାଧାରଣଙ୍କ ଦ୍ୱାରା ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ହୋଇ ଯାଇଥିବା ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷ, ସମିତି ସଭ୍ୟଙ୍କ କ୍ଷମତା ସଙ୍କୁଚିତ କରାଯାଉଛି। ଫଳରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ବିଡ଼ିଓଙ୍କୁ ହାତ ବାରିସୀ କରି ବିଧାୟକ ମନୋମୁଖୀ କାର୍ଯ୍ୟ ଚଳାଇଥିବା ବୁଧବାର ସ୍ଥାନୀୟ ବିଜେଡ଼ି କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ ଗୁରୁତର ଅଭିଯୋଗ ଆଣିଛନ୍ତି। ବିଜେଡ଼ି ସରକାର ସମୟରେ ପ୍ରତ୍ୟେକ ପଞ୍ଚାୟତରେ ଗ୍ରାମସଭାର ଅନୁମୋଦନ କ୍ରମେ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ୫୦ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ଉକ୍ତ ପାଣ୍ଠିକୁ ହରିଲୁଟ କରିବାକୁ ଚକ୍ରାନ୍ତ ହେଉଛି। ବିଡ଼ିଓ ଏବଂ ବ୍ଲକ ଅଧ୍ୟକ୍ଷାଙ୍କ ଦ୍ୱାରା ଫାଇଲ ଦସ୍ତଖତ ପରେ ମଧ୍ୟ ପିସି ନ ଦେଲେ ବିକାଶ କାର୍ଯ୍ୟର ଫାଇଲ ଚାଲୁନାହିଁ। ଏନେଇ ସାଧାରଣରେ ନିର୍ବାଚିତ ସମିତି ସଭ୍ୟା ସଭ୍ୟ, ସରପଞ୍ଚଙ୍କୁ ଅନେକ ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡୁଛି ବୋଲି ପୂର୍ବତନ ମନ୍ତ୍ରୀ ସାହୁ ଅଭିଯୋଗ ବାଢିଛନ୍ତି। ସେ ଆହୁରି କହିଛନ୍ତି, ସେ ମିଶନ ଶକ୍ତି ବିଭାଗରେ ମନ୍ତ୍ରୀ ଥିବା ବେଳେ ୨.୫ କୋଟି ଟଙ୍କା ବ୍ୟୟ ଅଟକଳରେ ଟିଟିଲାଗଡ଼ଠାରେ ୫୨ ଷ୍ଟଲ ବିଶିଷ୍ଟ ମିଶନ ଶକ୍ତି ହାଟ ପ୍ରତିଷ୍ଠା ହୋଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ହାଟ ଷ୍ଟଲ ଆବଣ୍ଟନ ହେଲା ନାହିଁ। ପ୍ରାୟ ୨୦ କୋଟି ଟଙ୍କା ବ୍ୟୟ ଅଟକଳରେ ଟିଟିଲାଗଡ଼ ଉପଖଣ୍ଡ ଡାକ୍ତରଖାନାର ନୂତନ କୋଠା ନିର୍ମାଣ ହୋଇଥିଲା । ତାହାକୁ ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ କରାଗଲା ନାହିଁ। ବିଧାୟକ ଟିଟିଲାଗଡ ଉପଖଣ୍ଡ ଡାକ୍ତରଖାନାକୁ ୫ ଜଣ ବିଶେଷଜ୍ଞ ଡାକ୍ତର ଆଣିବା ସହରରେ ପ୍ରଚାର ହେଲା । ହେଲେ କେହି ଡାକ୍ତର ଆସିଲେ ନାହିଁ ବୋଲି ସେ କହିଥିଲେ । ବିଧାୟକଙ୍କ ମନୋମୁଖୀ କାର୍ଯ୍ୟକୁ ଜନତା ଦୃଢ଼ ବିରୋଧ କରିବେ ବୋଲି ପୂର୍ବତନ ମନ୍ତ୍ରୀ ସାହୁ କଡ଼ା ଚେତାବନୀ ଦେଇଛନ୍ତି । ଖବରଦାତା ସମ୍ମିଳନୀରେ ୧୯ ଜଣ ସମିତି ସଭ୍ୟାସଭ୍ୟ ତଥା ୧୦ ଜଣ ସରପଞ୍ଚ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାଏକଙ୍କ ସମେତ ଉପାଧ୍ୟକ୍ଷ ଜଗତରାମ ରଣା, ବରିଷ୍ଠ ବିଜେଡ଼ି ନେତା ପ୍ରେମ ଜୈନ, ଶ୍ୟାମାପ୍ରସାଦ ଗରିଆ, ଦିଲୀପ ବାଗ, ଗୁଟୁ ବାଗ, ଜିଲା ପରିଷଦ ସଭ୍ୟା ଗୀତା ବିଶି, ସଞ୍ଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# କଣ୍ଟାବାଞ୍ଜି ରେଲୱେ ଷ୍ଟେଶନରୁ ଗଞ୍ଜେଇ ଜବତ

କଣ୍ଟାବାଞ୍ଜି,୧୯।୨(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ରେଳ ଷ୍ଟେଶନର ପ୍ଲାଟଫର୍ମ ନଂ ୧ରୁ ମଙ୍ଗଳବାର ରାତିରେ ୬ କିଲୋ ୭୨୮ଗ୍ରାମ ଗଞ୍ଜେଇ ଜବତ ହୋଇଛି । ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ରେଳବାଇ ପୋଲିସ ପ୍ରଭାକର ଭୋଇ(୪୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ପ୍ରକାଶ ଯେ, କଣ୍ଟାବାଞ୍ଜିରୁ ରାୟପୁର ଅଭିମୁଖେ ଯିବାକୁ ଥିବା ଟ୍ରେନରେ ଗଞ୍ଜେଇ ଚୋରା ଚାଲାଣ କରିବାକୁ ଥିବା ବେଳେ ଷ୍ଟେଶନରେ ପୋଲିସ ପାଟ୍ରୋଲିଂ କରିବା ବେଳେ ଜବତ କରିଥିଲା । ଅଭିଯୁକ୍ତ ପ୍ରଭାକରଙ୍କ ଘର ସିନ୍ଧେକେଲା ଥାନା ସାଲେବରଟ ଝଲପ ଗାଁରେ ବୋଲି ଜଣାଯାଇଛି । ପାଟ୍ରୋଲିଂ ବେଳେ ଏ.ଏସ.ଆଇ. ମକାରୁ ସାହୁ, ଆର.କେ.ସାହୁ, କନଷ୍ଟେବଲ ବି.ମହନ୍ତ, ଏସ.ସାହୁ ଅଭିଯୁକ୍ତଙ୍କୁ କାବୁ କରିଥିଲେ। ଏନେଇ ଜି.ଆର.ପି. କଣ୍ଟାବାଞ୍ଜି ଥାନା (ନଂ.୧୪/ ୧୮।୨। ୨୦୨୫)ରେ ମାମଲା ରୁଜୁ ହୋଇଛି।

# ଲର୍କି ବିଦ୍ୟାଳୟର ବାର୍ଷିକ ଉତ୍ସବ

କଣ୍ଟାବାଞ୍ଜି,୧୯।୨(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା ତୁରେକେଲା ଆଞ୍ଚଳିକ ସାଧନ କେନ୍ଦ୍ର ଅନ୍ତର୍ଗତ ଲର୍କି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ଦିନ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ତୁରେକେଲା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିରଞ୍ଚି ନାରାୟଣ ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପରିଚାଳନା କମିଟିର ସଭାପତି ଯଶୋବନ୍ତୀ ମେହେର, ଶିକ୍ଷୟିତ୍ରୀ ଟିକେଶ୍ୱରୀ ସେଠ, ବିନୋଦିନୀ ତାଣ୍ଡୀ, ରଜନୀ ମେହେର, ଲୀଳାବତୀ ମେହେର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ପୂର୍ବରୁ କରାଯାଇଥିବା କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ବିଦ୍ୟାଳୟରେ ଶୈକ୍ଷିକ ଓ ଅଣ ଶୈକ୍ଷିକ ଦିଗରେ ଆଗୁଆ ଥିବା ଛାତ୍ରୀଛାତ୍ର ଏବଂ ସମେଟିଭ ପ୍ରଥମ ପରୀକ୍ଷାରେ ଶ୍ରେଣୀରେ ପ୍ରଥମ ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ସମ୍ମାନିତ କରାଯାଇଥିଲା।


ବାର୍ଷିକ ଉତ୍ସବ ଅବସରରେ ପୁରସ୍କୃତ ଛାତ୍ରୀଛାତ୍ର।

# ଛୋଟ ଯାନରେ କ୍ଷମତା ଠାରୁ ଅଧିକ ପରିବହନ

ଲୋଇସିଂହା,୧୯।୨(ସୁଶାନ୍ତ ବାରିକ)

**ଖରିଫ ଧାନ କ୍ରୟ**

**ଫଲ୍‌ସ ଏଣ୍ଟ୍ରି କରି ମାଲାମାଲ୍ ଅଭିଯୋଗ**

୨୦୨୪-୨୫ ଖରିଫ ଧାନ କିଣା ସରିଯାଇଛି। ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ୧୦ ପ୍ରାଥମିକ କୃଷି ସମବାୟ ସମିତି ଜରିଆରେ ୬ ହଜାର ୧୧୯ ଜଣ ଚାଷୀଙ୍କ ଠାରୁ ୨ ଲକ୍ଷ ୫୭ ହଜାର ୧୩୧ କୁଇଣ୍ଟାଲ ୪୪ କେଜି ଧାନ କ୍ରୟ କରାଯାଇଛି । ବିଭିନ୍ନ କାରଣରୁ ପଞ୍ଜୀକୃତ ୧୬୪ ଜଣ ଚାଷୀ ନିଜର ଧାନ ବିକ୍ରି କରି ପାରି ନ ଥିବା ବିଭାଗୀୟ ସୂତ୍ରରୁ ଜଣାଯାଇଛି । ତେବେ ବିଳମ୍ବରେ ଧାନ କ୍ରୟ ଆରମ୍ଭ ହୋଇଥିବା ବେଳେ ଆଗୁଆ ଧାନ କିଣା ସାରି ଦେବା ଘଟଣା ରହସ୍ୟମୟ ମନେହେଉଛି । ମିଳିଥିବା ସୂଚନା ଅନୁଯାୟୀ, ଚଳିତବର୍ଷ ବ୍ଲକର ୬ ହଜାର ୨୫୮ ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜୀକୃତ ହୋଇଥିଲେ। ବ୍ଲକର ସରଗାଡ ପାକ୍ସରେ ପଞ୍ଜୀକୃତ ୬୬୪ ଚାଷୀଙ୍କ ମଧ୍ୟରୁ ୬୩୩ ଜଣ ଚାଷୀ ଧାନ ବିକ୍ରି କରିଛନ୍ତି । ଏଠାରେ ୨୭ ହଜାର ୪୫୨ କୁଇଣ୍ଟାଲ ୧୩ କେଜି ଧାନକ୍ରୟ ହୋଇଛି । ସେହିପରି ଯୋଗୀସର୍ଡାରେ ୧୧୧୪ ପଞ୍ଜୀକୃତ ଚାଷୀଙ୍କ ମଧ୍ୟରୁ ୧୦୯୩ ଚାଷୀଙ୍କ ଠାରୁ ୪୪ ହଜାର ୭୫୮ କୁଇଣ୍ଟାଲ ୭୯ କେଜି, କନ୍ଦାଜୁରୀରେ ପଞ୍ଜୀକୃତ ୬୭୧ ଚାଷୀଙ୍କ ମଧ୍ୟରୁ ୬୫୩ ଜଣ ଚାଷୀଙ୍କଠାରୁ ୩୦ ହଜାର ୩୦୮ କୁଇଣ୍ଟାଲ ୭୭ କେଜି ଧାନ ଉଠିଛି । ଲୋଇସିଂହାରେ ୪୪୬ ପଞ୍ଜୀକୃତଙ୍କ ମଧ୍ୟରୁ ୧୧ ଜଣ ଚାଷୀ ଧାନ ବିକ୍ରି କରିନାହାନ୍ତି । ଏଠାରେ ମାତ୍ର ୧୯ ହଜାର ୭ କୁଇଣ୍ଟାଲ ୭୬ କେଜି ଧାନ ଉଠିଥିବା ବେଳେ କୁଶମେଲରେ ୬୭୫ ପଞ୍ଜୀକୃତ ଚାଷୀଙ୍କ ମଧ୍ୟରୁ ୬୫୯ ଜଣ ଚାଷୀ ୨୭ ହଜାର ୩୪୫ କୁଇଣ୍ଟାଲ ୨୭ କେଜି ଧାନ ବିକିଛନ୍ତି । ବୁର୍ଡାରେ ୫୪୯ ପଞ୍ଜୀକୃତ ଚାଷୀଙ୍କ ମଧ୍ୟରୁ ୧୦ ଜଣ ଚାଷୀ ଧାନ ବିକ୍ରି କରିନାହାନ୍ତି। ୧୯ ହଜାର ୪୫୩ କୁଇଣ୍ଟାଲ୪୨ କେଜି ଧାନ ଉଠିଛି । ଗଡଶଙ୍କର ଡୁଙ୍ଗରିପାଲିରେ ୩୧୫ ଚାଷୀଙ୍କ ମଧ୍ୟରୁ ୩୦୯ ଚାଷୀଙ୍କ ଠାରୁ ୧୨ ହଜାର ୮୧୬ କୁଇଣ୍ଟାଲ ୩୪ କେଜି, କୁଶଙ୍ଗରେ ୮୬୩ରୁ ୮୫୪ ଜଣ ଚାଷୀଙ୍କ ଠାରୁ ୩୮ ହଜାର ୬୨୨ .୪୦ କେଜି, ରେଙ୍ଗାଲିରେ ୨୭୨ରୁ ୨୬୫ ଚାଷୀଙ୍କ ଠାରୁ ୯ ହଜାର ୧୮୧ କୁଇଣ୍ଟାଲ ୨୫ କେଜି, ବାଦିମୁଣ୍ଡାରେ ୬୮୯ରୁ ୬୭୬ ଜଣ ଚାଷୀଙ୍କ ଠାରୁ ୨୮ ହଜାର ୧୮୫ କୁଇଣ୍ଟାଲ ୩୧ କେଜି ଧାନ ଉଠିଥିବା ଯୋଗାଣ ବିଭାଗ ସୂତ୍ରରୁ ପ୍ରକାଶ। ସେହିପରି ଆଗଲପୁର ବ୍ଲକର ୧୩ ପାକ୍ସ ଓ ଗୋଟିଏ ଏସଏଚଜି ଜରିଆରେ ୯ ହଜାର ୯୬୪ ଜଣ ଚାଷୀଙ୍କଠାରୁ ୪ ଲକ୍ଷ ୯୩ ହଜାର ୩୮୧ କୁଇଣ୍ଟାଲ ୯ କେଜି ଧାନ କିଣା ଯାଇଥିବା ହସ୍ତଗତ ହୋଇଛି। ଚଳିତବର୍ଷ କଟ୍‌ନୀ ଛଟ୍‌ନୀ ହେବନି ବୋଲି ରାଜ୍ୟ ସରକାର କହିଥିବା ବେଳେ ପାକ୍ସରେ କୁଇଣ୍ଟାଲ ପିଛା ୪ରୁ ୫ କେଜି ଧାନ କଟ୍‌ନୀ କରାଯାଇଥିଲା । ଏହାକୁ ବିଭାଗୀୟ ମନ୍ତ୍ରୀ ମଧ୍ୟ ସ୍ୱୀକାର କରିଛନ୍ତି। ଏଥର ବେଶ ଚର୍ଚ୍ଚାରେ ରହିଛି ପାକ୍ସରେ ମିଛ ଧାନକିଣା ବା ଫଲ୍‌ସ ଏଣ୍ଟ୍ରି। ଛୋଟ ଛୋଟ ଚାରିଚକିଆ ଯାନରେ କ୍ଷମତା ଠାରୁ ଅଧିକ କୁଇଣ୍ଟାଲ ଧାନ ପରିବାହନ ହୋଇଥିବା ଭଳି ସଂଗୀନ ଅଭିଯୋଗ ଆସିଛି। ମିଲର୍ସମାନେ ଗ୍ରାମାଞ୍ଚଳରୁ ଅଣ୍ଡର ରେଟରେ ଧାନ କିଣି ମିଲ୍‌ରେ ପୁରାଇ ରଖିଥିବା ବେଳେ ପାକ୍ସରେ ଫଲସ ଏଣ୍ଟ୍ରି କରି ମାଲାମାଲ ହୋଇଥିବା ଅଭିଯୋଗ ହେଉଛି । କିପରି ଭାବେ ଛୋଟ ଯାନରେ ବହୁ ପରିମାଣର ଧାନ ପରିବହନ ହେଲା ଏହାର ତଦନ୍ତ ହେଲେ ଧାନ କିଣା ଦୁର୍ନୀତିର ପର୍ଦ୍ଦାଫାଶ ହୋଇ ପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।


ମଣ୍ଡିରେ ଛୋଟ ଗାଡିରେ ପରିବହନ ହେଉଥିବା ଧାନ।

# ଦାନିପାଲି ମାଛବଜାର, ନାହିଁ ଆବଶ୍ୟକ ଷ୍ଟଲ୍

**ସମ୍ବଲପୁର,୧୯।୨(ପ୍ରମୋଦ ବହିଦାର)**



ମାଛ ବଜାର ବାହାର ରାସ୍ତକଡ଼ରେ ବେପାରୀମାନେ ମାଛ ବିକ୍ରି କରୁଛନ୍ତି।

■ରାସ୍ତାକଡ଼ରେ ବେପାର କରୁଛନ୍ତି ବ୍ୟବସାୟୀ

■ଜଳ ନିଷ୍କାସନ ବ୍ୟବସ୍ଥା ହୋଇନାହିଁ

ସମ୍ବଲପୁର ସହର ବୁଢ଼ାରଜା ନିକଟ ପ୍ରଫେସର କଲୋନୀସ୍ଥିତ ଦାନିପାଲି ସ୍ୱାସ୍ଥ୍ୟକର ମାଛ ବଜାର। ବହୁ ପ୍ରତୀକ୍ଷିତ ଏହି ବଜାର ଖୋଲିଥିଲେ ହେଁ, ତାହାର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇପାରିନାହିଁ। ଆବଶ୍ୟକ ଷ୍ଟଲ ନ ଥିବାରୁ ମାଛ ବେପାରୀମାନେ ବର୍ତ୍ତମାନ ମଧ୍ୟ ରାସ୍ତାକଡ଼ରେ ପସରା ମେଲାଇ ବେପାର କରୁଛନ୍ତି।

ବୁଢ଼ାରଜା ଓ ଅଇଁଠାପାଲି ଅଞ୍ଚଳରେ ରାସ୍ତାକଡ଼ ମାଛ ବେପାରୀଙ୍କ ଥଇଥାନ ପାଇଁ ୨୦୧୫ ଡିସେମ୍ବର ୨୧ରେ ପ୍ରଫେସର କଲୋନୀସ୍ଥିତ ପ୍ରାୟ ସାଢ଼େ ୭ ହଜାର ବର୍ଗଫୁଟ ପରିମିତ ଜମିରେ ଦାନିପାଲି ଅଧୁନିକ ସ୍ୱାସ୍ଥ୍ୟକର ମାଛ ବଜାରର ଶିଳାନ୍ୟାସ ହୋଇଥିଲା। ତତ୍କାଳୀନ ସମ୍ବଲପୁର ଉନ୍ନୟନ ପ୍ରାଧିକରଣ ଅଧକ୍ଷ ବିଜୟ ମହାନ୍ତିଙ୍କ ଉପସ୍ଥିତିରେ ତତ୍କାଳୀନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀ ଏହାର ଶିଳାନ୍ୟାସ କରିଥିଲେ। ଓଡ଼ିଶା ସହରାଞ୍ଚଳ ବିକାଶ ପାଣ୍ଠିରୁ ପ୍ରାୟ ୮୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମହାନଗର ନିଗମ ପକ୍ଷରୁ ଏହାର ନିର୍ମାଣ ହୋଇଥିଲା। ୨୦୧୬ ମସିହା ସୁଦ୍ଧା ମାଛ ବଜାର ନିର୍ମାଣ ସରିଥିଲେ ବି ଏହାର ଶୁଭାରମ୍ଭ ହୋଇ ନ ଥିଲା। ପରିଶେଷରେ ନିର୍ମାଣର ପ୍ରାୟ ୯ ବର୍ଷ ପରେ ଗତ ଫେବୃଆରୀ ୧୭ରେ ଏହି ଆଧୁନିକ ସ୍ୱାସ୍ଥ୍ୟକର ମାଛ ବଜାର ଖୋଲିଥିଲା। ଏହାକୁ କେହି ଉଦ୍‌ଘାଟନ କରି ନ ଥିଲେ ମଧ୍ୟ ମାଛ ବେପାରୀମାନେ ନିଜ ଷ୍ଟଲରେ ନିଜସ୍ୱଭାବେ ପୂଜାର୍ଚ୍ଚନା କରି ବେପାର ଆରମ୍ଭ କରିଥିଲେ। ବଜାରରେ ଆଲୋକ ଓ ଜଳଯୋଗାଣ ବ୍ୟବସ୍ଥା ହୋଇଛି। ମାତ୍ର ଅବର୍ଜନା ଜଳ ନିଷ୍କାସନର ଉପଯୁକ୍ତ ବ୍ୟବସ୍ଥା ହୋଇନାହିଁ। ଏପରିକି ବଜାର ସଂଲଗ୍ନ ନାଳ ନିର୍ମାଣ ହୋଇ ନ ଥିବାରୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି କେତେଜଣ ମାଛ ବେପାରୀ।

ଅଇଁଠାପାଲି ପିଏଚ୍‌ଡି ପଡ଼ିଆ, ପ୍ରଫେସର କଲୋନୀ ଓ ଏସ୍‌ଆର୍‌ଆଇଟି କଲୋନୀ ନିକଟ ରାସ୍ତାକଡ଼ରେ ବେପାର କରୁଥିବା ମାଛ ବେପାରୀମାନଙ୍କୁ ଏଠାରେ ଥଇଥାନ କରାଯାଇଛି। ଦାନିପାଲି ମାଛ ବଜାରରେ ନିର୍ମାଣ ହୋଇ ୨୪ଷ୍ଟଲରେ ୨୪ଜଣ ମାଛ ବେପାରୀଙ୍କୁ ଥଇଥାନ କରାଯାଇଥିଲା। ତେଣୁ ଉଚ୍ଛେଦ ବେଳେ ମହାନଗର ନିଗମ ତାଲିକାଭୁକ୍ତ କରିଥିବା ୨୮ ଜଣ ପଞ୍ଜିକୃତ ବେପାରୀଙ୍କ ମଧ୍ୟରୁ ୪ଜଣ ଷ୍ଟଲ ନ ପାଇ ନିରାଶ ହୋଇଥିଲେ। ଏହା ସାଙ୍ଗକୁ ନୂଆ କରି ବ୍ୟବସାୟ କରୁଥିବା ଅନ୍ୟ ମାଛ ବେପାରୀମାନେ ମଧ୍ୟ ଷ୍ଟଲ ନ ପାଇ ବାହାରେ ବିକ୍ରିବଟା କରୁଛନ୍ତି। ଏହାକୁ ନେଇ ସମ୍ବଲପୁର ମହାନଗର ନିଗମ ପ୍ରବର୍ତ୍ତନ ଅଧିକାରୀ ସୁଶାନ୍ତ କୁମାର ସାହୁ କହିଛନ୍ତି, ଅଇଁଠାପାଲି ପିଏଚ୍‌ଡି ପଡ଼ିଆ ଓ ଏସ୍‌ଆର୍‌ଆଇଟି କଲେନୀ ନିକଟର ୧୫ଜଣ ଓ ପ୍ରଫେସର କଲୋନୀସ୍ଥିତ ୧୧ଜଣଙ୍କ ନାମ ତାଲିକା ପ୍ରସ୍ତୁତ ହୋଇଥିଲା। ଏଠାରେ ଅତିରିକ୍ତ ଦୁଇଜଣ ମଧ୍ୟ ସେମାନଙ୍କ ନାମକୁ ତାଲିକାଭୁକ୍ତ କରିଥିଲେ। ତେଣୁ ତାଲିକାଭୁକ୍ତ ୨୮ଜଣଙ୍କ ମଧ୍ୟରୁ ପ୍ରତିଦିନ ବେପାର କରୁଥିବା ୨୪ଜଣଙ୍କୁ ପ୍ରଥମେ ଷ୍ଟଲ ପ୍ରଦାନ କରାଯାଇଛି। ଏଠାରେ ଖୁବ୍‌ଶୀଘ୍ର ଚିକେନ ଓ ଛେଳିମାଂସ ବେପାରୀଙ୍କ ପାଇଁ ନିର୍ମାଣ ହେବାକୁ ଥିବା ଷ୍ଟଲରେ ବଳକା ମାଛ ବେପାରୀଙ୍କୁ ଥଇଥାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ସେ କହିଛନ୍ତି।

# ଚିତ୍ରକଳା ପ୍ରଦର୍ଶନୀ ଐକ୍ୟମ ଉଦ୍‌ଘାଟିତ



ଐକ୍ୟମ ପ୍ରଦର୍ଶନୀକୁ ଅତିଥିମାନେ ବୁଲି ଦେଖୁଛନ୍ତି।

**ସମ୍ବଲପୁର,୧୯।୨(ବି.ଶଙ୍କର)**

ଓଡ଼ିଶାର ବିଭିନ୍ନ ଜିଲାର ଚିତ୍ରଶିଳ୍ପୀ ମିଳିତ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀ ଐକ୍ୟମ ବୁଧବାର ସନ୍ଧ୍ୟା ୬ଟାରେ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ଗୌରିଶଙ୍କର ସାହାଣୀ ପାର୍କ ସ୍ଥିତ ଓଡ଼ିଶା ଲଳିତ କଳା ଏକାଡେମୀ ଆଞ୍ଚଳିକ ଆର୍ଟ ଗ୍ୟାଲେରୀରେ ଐକ୍ୟମର ସଂଯୋଜକ କେଦାର ନାୟକଙ୍କ ସଂଯୋଜନାରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା। ସମ୍ବଲପୁର ଜିଲାର ଅତିରିକ୍ତ ଜିଲାପାଳ (ସାଧାରଣ) ଈଶ୍ୱର ଚନ୍ଦ୍ର ନାୟକ ମୁଖ୍ୟ ଅତିଥି, ବରିଷ୍ଠ ଚିତ୍ରଶିଳ୍ପୀ ଭୋଳାନାଥ ନାୟକ, ଜିଲା ସଂସ୍କୃତି ଅଧିକାରୀ ରୋଜାଲିନ ତିର୍କୀ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଭୀମ ଭୋଇ ଚେୟାର ପ୍ରଫେସର ଡ. ପ୍ରଦୀପ କୁମାର ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇ ଚିତ୍ରଶିଳ୍ପୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ପ୍ରଦର୍ଶନୀରେ କେଦାର ନାୟକଙ୍କ ସମେତ ହୃଷୀକେଶ ରଣା, ଏମ. ସାଇ ଜନାର୍ଦ୍ଦନ ଆଚାର୍ଯ୍ୟ, ପ୍ରେମଚାନ୍ଦ ରାଉତ, ପ୍ରଭୁ ଦୟାଲ ତିର୍କି, ପି. ବି. ଗଣେଶ, ଶାନ୍ତନୁ କୁମାର ମେହେର, ବୃନ୍ଦାବନ ବିଶି, ସତ୍ୟନାରାୟଣ ମେହେର, ବୀରେନ୍ଦ୍ର ବି. ସିଂ, ଗଣେଶ ପ୍ରସାଦ ସିଂ, ସମରେନ୍ଦ୍ର ବେହେରା, ପୂର୍ଣ୍ଣଚନ୍ଦ୍ର ମେହେର, ପପୁ କୁମାର ନାୟକ, ସୁରେଶ କୁମାର ସାହୁ, ଡି. ଶିବା ଆଚାରୀ, ବିକାଶ ଘୋଷ, ଶୁଭମ୍ ସାହୁ, ଅଂଶୁମାନ ପଣ୍ଡା, ରାହୁଲ୍ ମହାକୁଡ, ଲିଙ୍କନ ନାୟକ, ସୁଶାନ୍ତ ମେହେର, ବିଦ୍ୟାପତି ପଧାନ ଏବଂ ସରୋଜ ରଣାଙ୍କ ଚିତ୍ତାକର୍ଷକ ଚିତ୍ରକୃତୀ ସ୍ଥାନ ପାଇଛି। ଏହି ପ୍ରଦର୍ଶନୀ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ କଳାପ୍ରେମୀ ତଥା ଦର୍ଶକମାନଙ୍କ ପାଇଁ ପୂର୍ବାହ୍ନ ୧୧ ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଖୋଲା ରହିବ।

# ଭିନ୍ନକ୍ଷମ କୌଣସି ଗୁଣରେ କମ୍ ନୁହନ୍ତି

**ସମ୍ବଲପୁର,୧୯।୨(ଭବାନୀ ଶଙ୍କର ଭୋଇ)**

**ସ୍ୱତନ୍ତ୍ର ଅଲିମ୍ପିକ ତାଲିମ କାର୍ଯ୍ୟକ୍ରମ**

ସମ୍ବଲପୁର ବୁଢାରଜା ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଜିଲା ଅର୍ନ୍ତନିବେଶୀ ସମ୍ବଳ କେନ୍ଦ୍ରଠାରେ ସମଗ୍ର ଶିକ୍ଷା ପକ୍ଷରୁ ୨ ଦିନିଆ ସ୍ୱତନ୍ତ୍ର ଅଲିମ୍ପିକ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଉଦଘାଟନୀ ଉତ୍ସବରେ ସମ୍ବଲପୁର ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ମୁଖ୍ୟ ଅତିଥି ଏବଂ ଜିଲା ଅର୍ନ୍ତନିବେଶୀ ଶିକ୍ଷା ସଂଯୋଜକ ଅରୁଣ କୁମାର ଦାଶ ଏବଂ ବୁଢାରଜା ଉଚ୍ଚ ବିଦ୍ୟାଳୟ ସୁମିତ୍ରା ପତ୍ରୀ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭୋଇ ଏହି ଅବସରରେ କହିଥିଲେ ଯେ, ଭିନ୍ନକ୍ଷମମାନେ କୌଣସି ଗୁଣରେ କମ୍ ନୁହନ୍ତି। ସେମାନେ ବି ସକ୍ଷମ ମାନଙ୍କ ସହ ପ୍ରତିଯୋଗୀତା କରି ସଫଳ ହୋଇ ପାରୁଛନ୍ତି। ତେଣୁ ସରକାର ସ୍ୱତନ୍ତ୍ର ଅଲମ୍ପିକ ଜରିଆରେ ଉଭୟ ଭିନ୍ନକ୍ଷମ ଏବଂ ସକ୍ଷମ ମାନଙ୍କୁ ଏକାଠି ଭାଗ ନେବା ପାଇଁ ସୁଯୋଗ ସୃଷ୍ଟି କରିଛନ୍ତି। ଭିନ୍ନକ୍ଷମ ମାନେ ବି ପାଠ ପଢା ସହ ସ୍ୱତନ୍ତ୍ର ଅଲିମ୍ପିକରେ ଭାଗ ନେଇ ନିଜ ପ୍ରତିଭା ପ୍ରଦର୍ଶନ କରିପାରିବେ ବୋଲି ସେ କହିଥିଲେ। ଅନ୍ତର୍ଜାତିକ ପ୍ରଶିକ୍ଷକ ଉମାକାନ୍ତ ଷଡଙ୍ଗୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର, ସୁବର୍ଣ୍ଣପୁର ଏବଂ ବୌଦ୍ଧ ଜିଲାର ସମସ୍ତ ବ୍ଳକ ସମ୍ବଳ ଶିକ୍ଷକ ମାନେ ସାମିଲ ହୋଇଥିଲେ। ସମନ୍ୱିତ କ୍ରୀଡାରେ ଭିନ୍ନକ୍ଷମ ମାନଙ୍କୁ ସାମିଲ କରି ସଶକ୍ତ କରିବା ପାଇଁ ଷଡଙ୍ଗୀ ଆହ୍ୱାନ ଦେଇଥିଲେ। ପରେ ଭୁବନେଶ୍ୱର ସ୍ଥିତ ଓପନ ଲର୍ଣ୍ଣିଂ ସିଷ୍ଟମର ଅଧକ୍ଷ ମନତୋଷ ବେହେରା ଅର୍ନ୍ତନିବେଶୀ କ୍ରୀଡା ପ୍ରଶିକ୍ଷଣର ଉପାଦେୟତା, ଜାତୀୟ ଶିକ୍ଷାନୀତି ଏବଂ ଭିନ୍ନକ୍ଷମ ଅଧିକାର ଆଇନ(ଆରପିଡ୍ଲୁଡି ଏକ୍ଟ) ୨୦୧୬ ର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ ଅନ୍ୟତମ ଜାତୀୟ କୋଚ ତ୍ରୀନାଥ ସାମଲ ଫୁଟବଲ ଖେଳରେ ଏକୀକୃତ ଟିମର ଗୁରୁତ୍ୱ ଉପରେ ସମସ୍ତ ବ୍ଳକ ସମ୍ବଳ ଶିକ୍ଷକ ମାନଙ୍କୁ ଅବଗତ କରାଇଥିଲେ। ଜିଲା ସଂଯୋଜକ ସମସ୍ତ କାର୍ଯ୍ୟକ୍ରମକୁ ସଂଯୋଜକ୍ତା କରିଥିଲେ। ଆନ୍ତର୍ଜାତିକ କୋଚ ସମସ୍ତ ପ୍ରଶିକ୍ଷାର୍ଥୀ ମାନଙ୍କୁ ସ୍ୱତନ୍ତ୍ର ଅଲିମ୍ପିକ୍ସ କ୍ରୀଡା ଉପର ଶିକ୍ଷଣ ଓ ତାଲିମ ପ୍ରଦାନ କରିଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗୁରୁବାର ମଧ୍ୟ ଜାରି ରହିବ।




ସମଗ୍ର ଶିକ୍ଷା ପକ୍ଷରୁ ସ୍ୱତନ୍ତ୍ର ଅଲିମ୍ପିକ ତାଲିମ କାର୍ଯ୍ୟକ୍ରମରେ ଅତିଥିଙ୍କୁ ପ୍ରଧାନଶିକ୍ଷୟିତ୍ରୀ ସ୍ୱାଗତ କରୁଛନ୍ତି।



ଭୀମ ମଣ୍ଡଳୀରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

# କ୍ଷେତ୍ର ପରିଦର୍ଶନ କଲେ ଜିଲାପାଳ

**ନାକଟିଦେଉଳ,୧୯।୨(ବୈକୁଣ୍ଠନାଥ ସାହୁ)**

**ଭୀମ ମଣ୍ଡଳୀ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ପାଇଲା**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ୍ ଘୋଷରାମାଳ ନିକଟ ଚମ୍ପାଳି ନଦୀ ତଟରେ ଥିବା ପ୍ରସିଦ୍ଧ ପୌରାଣିକ ତଥା ଐତିହାସିକ ପୀଠ ଭୀମ ମଣ୍ଡଳୀକୁ ରାଜ୍ୟ ସରକାର ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେଇଛନ୍ତି। ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଭୀମ ମଣ୍ଡଳୀ ସ୍ଥାନ ପାଇବା ପରେ ପ୍ରଶାସନିକ ତତ୍ପରତା ଦେଖାଦେଇଛି। ଏଥିସହ ଆସନ୍ତା ୨୫ ତାରିଖରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଭୀମ ମଣ୍ଡଳୀ ଗସ୍ତକରିବା କାର୍ଯ୍ୟକ୍ରମ ରହିଛି। ତେବେ ଏହି ଗସ୍ତ ପୂର୍ବରୁ ବୁଧବାର ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଉପଖଣ୍ଡ ଏବଂ ବ୍ଲକ୍ ପ୍ରଶାସନିକ ଅଧିକାରୀଙ୍କ ସହ ଭୀମ ମଣ୍ଡଳୀ ଗସ୍ତକରି କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏହି ଅବସରରେ ଜିଲାପାଳ ଭୀମ ମଣ୍ଡଳୀରେ ଥିବା ବିଭିନ୍ନ ଗୁମ୍ଫା ବୁଲି ଦେଖିଥିଲେ। ଏଥିସହ ଗୁମ୍ଫାଗୁଡ଼ିକର ପ୍ରସ୍ତର ଦେହରେ ଥିବା ବିଭିନ୍ନ ଶିଳାଲେଖ ଅନୁଧ୍ୟାନ କରିଥିଲେ। ଅନ୍ୟପକ୍ଷରେ ଗୁମ୍ଫା ନିକଟରେ ଥିବା ଗୁପ୍ତେଶ୍ୱର ଧାମ ମଧ୍ୟ ପରିଦର୍ଶନ କରିଥିଲେ। ତେବେ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇବା ପରେ ଭୀମ ମଣ୍ଡଳୀର ବିକାଶ ସହ ଶିଳାଲେଖଗୁଡିକର ସୁରକ୍ଷା ଦିଗରେ ସରକାରୀ ସ୍ତରରେ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ଜିଲାପାଳଙ୍କ ଗସ୍ତ ସମୟରେ ରେଢ଼ାଖୋଲ ଉପଜିଲାପାଳ ରଶ୍ମିରଞ୍ଜନ ମହନ୍ତ, ଡିଏଫ୍‌ଓ କାଲୁଙ୍ଗେ ଗୋରଖ ୱମାନ, ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର, ନାକଟିଦେଉଳ ବିଡିଓ କ୍ଷମାନିଧି ଭୋଇ, ଏବିଡିଓ ବିଦ୍ୟାଧର ରାଉତରାୟ, ବ୍ଲକ୍ ଉପାଧ୍ୟକ୍ଷ ଜିତେନ୍ଦ୍ରିୟ ପ୍ରଧାନ, ଘୋଷରାମାଳ ସରପଞ୍ଚ ପ୍ରେମଶୀଳା ପ୍ରଧାନ ଏବଂ ନାକଟିଦେଉଳ ବନାଞ୍ଚଳ ଅଧିକାରୀ ଅଶ୍ୱିନୀ କୁମାର ବେହେରାଙ୍କ ସମେତ ବିଭିନ୍ନ ବିଭାଗର କନିଷ୍ଠ ଯନ୍ତ୍ରୀ ଓ ଅଧିକାରୀ ଉପସ୍ଥିତ ଥିଲେ। ଭୀମ ମଣ୍ଡଳୀକୁ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନଦେଇ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ସହ ପାରିପାର୍ଶ୍ୱିକ କ୍ଷେତ୍ରଗୁଡିକୁ ବିକଶିତ କରାଯିବା ସହ ଗୁମ୍ଫା ଏବଂ ଶିଳାଲେଖଗୁଡ଼ିକର ସୁରକ୍ଷା କରାଯିବା ନେଇ ଆଜକୁ ଦୀର୍ଘ ବର୍ଷ ହେଲା ଅଞ୍ଚଳବାସୀ ବିଭିନ୍ନ ସମୟରେ ଦାବି କରି ଆସୁଥିଲେ। ତେବେ ନିକଟରେ ଭୀମ ମଣ୍ଡଳୀକୁ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦେଇଥିବାରୁ ଅଞ୍ଚଳବାସୀ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇବା ସହ ଆଗାମୀ ଦିନରେ ସୁଦୂରପ୍ରସାରି ବିକାଶ ହୋଇପାରିବ ବୋଲି ଆଶା ରଖିଛନ୍ତି।

# ବନାଗ୍ନି ନିୟନ୍ତ୍ରଣ ପାଇଁ ସଚେତନତା ଲୋଡ଼ା

**ସମ୍ବଲପୁର,୧୯।୨(ଭବାନୀ ଶଙ୍କର ଭୋଇ)**

■ଅମଳ ପରେ କ୍ଷେତ ନଡ଼ାରୁ ଜୈବିକ ଖତ ସୃଷ୍ଟି ଆହ୍ୱାନ

■୨୫ବନସୁରକ୍ଷା ସମିତିକୁ ପ୍ରୋତ୍ସାହନ ରାଶି ପ୍ରଦାନ

ସମ୍ବଲପୁର ସଦର ବନାଞ୍ଚଳସ୍ତରୀୟ ବନାଗ୍ନି ନିୟନ୍ତ୍ରଣ ସଚେତନତା ଶିବିର ବୁଧବାର ମୋତିଝରଣଠାରେ ଅନୁଷ୍ଠିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ହରିଶଙ୍କର ନାୟକଙ୍କ ତତ୍ତ୍ୱାବଧାନରେ ଯୁଯୁମୁରା କେନ୍ଦୁପତ୍ର ବନାଞ୍ଚଳ ଅଧିକାରୀ ସଞ୍ଜୟ କୁମାର ପ୍ରଧାନ, ଅଗ୍ନିଶମ ବିଭାଗ ଅଧିକାରୀ ଲକ୍ଷ୍ମୀକାନ୍ତ ଥପା, ସହକାରୀ କୃଷି ଅଧିକାରୀ ଇପ୍ସିତା ନାୟକ, ତେଲତାଳ ଜିଲା ପରିଚାଳକ ମନୋଜ କୁମାର ଦାସ ଯୋଗ ଦେଇଥିଲେ। କେନ୍ଦୁପତ୍ର ବନାଞ୍ଚଳ ଅଧିକାରୀ ପ୍ରଧାନ ବନାଗ୍ନି ନିୟନ୍ତ୍ରଣ ସଚେତନତା ସୃଷ୍ଟି କରିବା ପାଇଁ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ଅଗ୍ନିଶମ ବିଭାଗ ଅଧିକାରୀ ଅଗ୍ନି ନିର୍ବାପକ ରେଖା ନିର୍ମାଣ କରି ବନାଗ୍ନି ନିୟନ୍ତ୍ରଣ ସଚେତନତା ସୃଷ୍ଟି କରିବା ପାଇଁ ନିଜ ବକ୍ତବ୍ୟରେ ଉପାସ୍ଥାପନ କରିଥିଲେ।

ଯୁଯୁମୁରା କେନ୍ଦୁପତ୍ର ବନାଞ୍ଚଳ ଅଧିକାରୀ ସଞ୍ଜୟ କୁମାର କହିଥିଲେ, ଫସଲ ଅମଳ ପରେ ବିଲରେ ନିଆଁ ନ ଲଗାଇ ନଡା ବା ପାଳରୁ ଜୈବିକ ଖତ ସୃଷ୍ଟି କଲେ ବନାଗ୍ନି ନିୟନ୍ତ୍ରଣ ସହ ଚାଷ ଜମିର ଉନ୍ନତି ହେବ। ସଦର ବନାଞ୍ଚଳ ଜଙ୍ଗଲରେ ନିଆଁ ଲାଗି ନ ଥିବାରୁ ୨୫ ବନସୁରକ୍ଷା ସମିତିକୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ୟଙ୍ଗକବି ପ୍ରଭଞ୍ଜନ ପୁରୋହିତ ଓ ଯୁବକବି ଆଭାସ ରଞ୍ଜନ ପଣ୍ଡା ଜଙ୍ଗଲ ସୁରକ୍ଷା ଓ ଜଙ୍ଗଲ ନିଆଁ ନିର୍ବାପକ ଉପରେ କବିତା ପାଠ କରିଥଲେ। କାର୍ଯ୍ୟକ୍ରମରେ ବନପାଳ ରଞ୍ଜନ ଖମାରୀ, ବନ ସହାୟକ ଟୁଲୁ ସେଠ, ଜ୍ୟୋତି ସେଠ, ଆରତୀ ପ୍ରଧାନ ପ୍ରମୁଖ ଜଙ୍ଗଲ ନିଆଁ ନିର୍ବାପକ ଉପରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏଥିରେ ବନପାଳ, ବନରକ୍ଷୀ, ବିଭିନ୍ନ ବନସୁରକ୍ଷା ସମିତିରୁ ଆସିଥିବା ବନ ସହାୟକ, ସହାୟିକା, ସଭାପତି, ପାରା ଷ୍ଟାଫମାନେ ବହୁସଂଖ୍ୟାରେ ଯୋଗ ଦେଇଥିଲେ। କ୍ଷେତ୍ର ସଂଯୋଜକ ଉମାକାନ୍ତ ପୋଢ ଧନ୍ୟବାଦ ଅର୍ପଣ କରିଥିଲେ।



ବନାଗ୍ନି ନିୟନ୍ତ୍ରଣ ସଚେତନତା ଶିବିରରେ ମଞ୍ଚାସୀନ ଅତିଥି।

# ୫୬ଛାତ୍ରୀଛାତ୍ରଙ୍କୁ ଟ୍ରଫି, ସାର୍ଟିଫିକେଟ ପ୍ରଦାନ

**ସମ୍ବଲପୁର,୧୯।୨(ବି.ଶଙ୍କର)**

ସମ୍ବଲପୁର ଜିଲା ଧନକଉଡା ବ୍ଲକ ଅନ୍ତର୍ଗତ ପ୍ରାଥମିକ ବିଦ୍ୟାଳୟଗୁଡିକରୁ ତୃତୀୟ ଏବଂ ପଞ୍ଚମ ଶ୍ରେଣୀରେ ୨୦୨୩-୨୪ନିମନ୍ତେ ମେଧାବୃତ୍ତି ଲାଭ କରି ଥିବା ଛାତ୍ରୀଛାତ୍ରଙ୍କ ସମ୍ବର୍ଦ୍ଧନା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଛି। ସ୍ଥାନୀୟ ସରକାରୀ ହିନ୍ଦୀ ଉଚ୍ଚ ବିଦ୍ୟାଳୟ ସଭାକକ୍ଷରେ ଧନକଉଡା ବ୍ଲକର ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇଙ୍କ ଅଧ୍ୟକ୍ଷତା କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟ ଅତିଥିଭାବେ ସମ୍ବଲପୁର ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଆଗାମୀ ଦିନରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଭିମୁଖୀ କରିବା ନିମନ୍ତେ ଜିଲାର ସମସ୍ତ ବ୍ଲକ ଉତ୍ସାହମୂଳକ କାର୍ଯ୍ୟକ୍ରମ କରିବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟ ଅତିଥିଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁସ୍ମିତା ପାଟଯୋଶୀ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ବ୍ଲକର ବିଭିନ୍ନ ପ୍ରାଥମିକ ବିଦ୍ୟାଳୟଗୁଡିକରୁ ତୃତୀୟ ଏବଂ ପଞ୍ଚମ ଶ୍ରେଣୀରେ ଅଧ୍ୟୟନ ବୃତ୍ତି ଲାଭ କରି ଥିବା ୫୬ ଛାତ୍ରୀଛାତ୍ରଙ୍କୁ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଏଥିସହ ସର୍ବାଧିକ ମେଧାବୃତ୍ତି ହାସଲ କରିଥିବା ତାଲବ ଓ ବନ୍ଧପାଲି ପ୍ରାଥମିକ ବିଦ୍ୟାଳୟ, ସର୍ବାଧିକ ବୃତ୍ତି ହାସଲ କରିଥିବା କ୍ଲଷ୍ଟର ମୁଖ୍ୟଭାବେ ସିଆରସିସି ମାନସ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହିନ୍ଦୀ ଉଚ୍ଚ ବିଦ୍ୟାଳୟ ବରିଷ୍ଠ ଶିକ୍ଷୟିତ୍ରୀ ରତ୍ନାପ୍ରଭା ହୋତା ଧନ୍ୟବାଦ ଅର୍ପଣ କରିଥିଲେ।




ମେଧାବୃତ୍ତି ସମ୍ବର୍ଦ୍ଧନା ଉତ୍ସବରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

ଇଣ୍ଡିଆନ ବ୍ୟାଙ୍କ Indian Bank
ଇଲାହାବାଦ ALLAHABAD

**ଇଣ୍ଡିଆନ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ), ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭**

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

**ଇଣ୍ଡିଆନ ବ୍ୟାଙ୍କ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ଏବଂ ୯ ଅନୁଯାୟୀ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା / ଜାମିନ୍‌ଦାରମାନେ ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଏବଂ ୯ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି।

ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ।

***ଏତଦ୍ୱାରା ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।***

| ଜଗତସିଂହପୁର ଶାଖା / ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ପରିମାଣ |
|---|---|---|---|---|
| **ଋଣଗ୍ରହୀତା: ଶ୍ରୀ ମହମ୍ମଦ ଜାମିଲ୍,** ପିତା: ମହମ୍ମଦ କାସିମ୍, ଓହଳ, ଜଗତସିଂହପୁର, ପିନ୍- ୭୫୪୧୦୩, **ସହ-ଋଣଗ୍ରହୀତା: ଶ୍ରୀମତୀ ଫିର୍ଦସ ମହାଜବିନ୍।** | **ଶ୍ରୀ ମହମ୍ମଦ ଜାମିଲ୍**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୨୧୪/୮୮୩, ଖାତା ନଂ.୪୮/୧୩୫, ମୌଜା: ଜୟବାଡ, ପୋ./ଜିଲ୍ଲା: ଜଗତସିଂହପୁର, ଓଡିଶା, ଏରିଆ: ୦.୦୪ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ରାସ୍ତା, ଦକ୍ଷିଣ- ନଜିବ୍ ଇସ୍ତିଆକ୍ ଆଲାମ ଖାନ୍, ପୂର୍ବ- ନଜିବ୍ ଇସ୍ତିଆକ୍ ଆଲାମ ଖାନ୍, ପଶ୍ଚିମ- ପ୍ଲଟ ନଂ.୨୧୪। | ୨୦.୧୧.୨୦୨୪ | ୧୪.୦୨.୨୦୨୫ | ଟ.୧୫,୦୭,୨୫୯/- + ସେବାବଦ ସୁଧ, ଖର୍ଚ୍ଚଏବଂ ଅନ୍ୟାନ୍ୟ ଦେୟ |
| **ଋଣଗ୍ରହୀତା: (୧)ମେସର୍ସ ଓର୍ଚ୍ଚିଡ ରିଟେଲ୍ (ପାର୍ଟନରସିପ୍ ଫାର୍ମ),** ସେଣ୍ଟ୍ରାଲ ମାର୍କେଟ, ପୋ./ଜିଲ୍ଲା: ଜଗତସିଂହପୁର, ପିନ୍- ୭୫୪୧୦୩, **(୨)ଶ୍ରୀ ମହମ୍ମଦ ଜାମିଲ୍ (ମ୍ୟାନେଜିଂ ପାର୍ଟନର),** ପିତା: ମହମ୍ମଦ କାସିମ୍, ଓହଳ, ଜଗତସିଂହପୁର, ପିନ୍- ୭୫୪୧୦୩, **(୩) ଶ୍ରୀ ନଜିବ୍ ଇସ୍ତିଆକ୍ ଆଲାମ୍ (ପାର୍ଟନର)।** | **ଶ୍ରୀ ନଜିବ୍ ଇସ୍ତିଆକ୍ ଆଲାମ୍ ଖାନ୍** ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୨୧୪/୭୬୯, ଖାତା ନଂ.୪୮/୧୦୮, ମୌଜା: ଜୟବାଡ, ଜଗତସିଂହପୁର, ଏରିଆ: ୦.୧୩ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ରାସ୍ତା, ଦକ୍ଷିଣ-ଅମିର ଇମ୍ତିୟାଜ୍ ଆଲାମ୍ ଖାନ୍, ପୂର୍ବ- ଦିଲ୍‌ଦାର ଇଫ୍ତିୟାଜ୍ ଆଲାମ୍ ଖାନ୍, ପଶ୍ଚିମ- ଆଲ୍ଲାହା ବକ୍ସ ଏବଂ ଇକ୍‌ରାର ବକ୍ସ। | ୨୦.୧୧.୨୦୨୪ | ୧୪.୦୨.୨୦୨୫ | ଟ.୫୦,୩୦,୨୪୦/- + ସେବାବଦ ସୁଧ, ଖର୍ଚ୍ଚଏବଂ ଅନ୍ୟାନ୍ୟ ଦେୟ |
| | **ଶ୍ରୀ ମହମ୍ମଦ ଜାମିଲ୍**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୬୪୩, ଖାତା ନଂ.୪୯୪/୧୨୭୧, ମୌଜା: ପାରଙ୍ଗ, ଅନୁଗୁଳ, ଏରିଆ: ୦.୧୨ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ରାସ୍ତା, ଦକ୍ଷିଣ- ରାଜେନ୍ଦ୍ର କୁମାର ସିଂ, ପୂର୍ବ- ସେଉଳ ପାତ୍ର, ପଶ୍ଚିମ- ପ୍ଲଟ ନଂ.୬୪୨। | | ୧୭.୦୨.୨୦୨୫ | |

ସ୍ଥାନ-ଭୁବନେଶ୍ୱର, ତାରିଖ-୧୯.୦୨.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

# ଶିକ୍ଷାକୁ ଅର୍ଥପୂର୍ଣ୍ଣ, ଆନନ୍ଦମୟ କରିବାକୁ ପ୍ରୟାସ

**ସୋନପୁର,୧୯।୨(ମୃତ୍ୟୁଞ୍ଜୟ ଶତପଥୀ)**


ଜିଲାସ୍ତରୀୟ ନିପୁଣ ଓଡ଼ିଶା ମେଳାରେ ମଞ୍ଚାସୀନ ଅତିଥିମାନେ।

ସୋନପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଜିଲାସ୍ତରୀୟ ନିପୁଣ ଓଡ଼ିଶା ମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ତଥା ସମଗ୍ର ଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ ମୀନାରାଣୀ ମଙ୍ଗଳ ସଭାରେ ଅଧ୍ୟକ୍ଷତା କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା ମୁଖ୍ୟ ଅତିଥିଭାବେ ଯୋଗଦେଇ ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ ପିଲାଙ୍କ ପାଇଁ ଶିକ୍ଷାକୁ ଅର୍ଥପୂର୍ଣ୍ଣ ଓ ଆନନ୍ଦମୟ କରିବା ପାଇଁ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ। ନିପୁଣ ଓଡ଼ିଶା ଓ ମାତୃଭାଷାର ମହତ୍ତ୍ୱ ଉପରେ ଠେଲା ବକ୍ତବ୍ୟ ରଖିଥିଲେ।

ଜିଲାପାଳ ଅନ୍ୟା ଦାସ ଅନ୍ୟତମ ଅତିଥି ଭାବେ ଯୋଗଦାନ କରି ନିପୁଣ ଓଡ଼ିଶା ୨୦୨୪ ପ୍ରଣୟନର ମୂଳ ଲକ୍ଷ୍ୟ ପାଠ୍ୟ ସାମଗ୍ରୀ ଦ୍ୱାରା ଶିଶୁଙ୍କୁ ପାଠ ପଢାଇବା। ପ୍ରଥମରୁ ତୃତୀୟ ଶ୍ରେଣୀରେ ପାଠ ପଢୁଥିବା ପିଲାଙ୍କୁ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କ୍ଷେତ୍ରରେ ଦକ୍ଷ କରାଇବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ, ଡୁଙ୍ଗୁରିପାଲି ଗୋଷ୍ଠି ଶିକ୍ଷା ଅଧିକାରୀ ଗଣେଷ କିଷାନ ଓ ଉଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ଆଲୋକ ପଧାନ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ଦକ୍ଷତା ବୃଦ୍ଧି, ମାତୃଭାଷା ଓ ଗଣିତ ଶିକ୍ଷା ଉପରେ ଆଲୋଚନା କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ହୃଷିକେଶ ଚାନ୍ଦ। ଜିଲା ଶିକ୍ଷା ଓ ଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ରାମଚନ୍ଦ୍ର ବାଗ ପ୍ରାରମ୍ଭିକ ସୂଚନ ପ୍ରଦାନ କରିଥିଲେ। ଏହି ଅବସରରେ ଅଭିଭାବକ, ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଶିକ୍ଷଣ ଭିତ୍ତିକ ପରିବେଶ ସୃଷ୍ଟି କରିବାକୁ ଶପଥ ପାଠ କରିଥିଲେ। ସୋନପୁର ଗୋଷ୍ଠି ଶିକ୍ଷା ଅଧିକାରୀ ଲକ୍ଷ୍ମଣ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଜ୍ଞା ପରିମିତା ଦାସ, ସମଗ୍ର ଶିକ୍ଷା ଅଭିଯାନ ଜିଲା ପ୍ରକଳ୍ପ କାର୍ଯ୍ୟାଳୟର ସ୍ମିତା ମିଶ୍ର, ଅକ୍ଷୟ ସାହୁ, ମୃତ୍ୟୁଞ୍ଜୟ ପ୍ରଧାନ, ମାନସ ରଞ୍ଜନ ସେଠ୍ ଓ ରାଜନାରାୟଣ ମିଶ୍ର କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ପରେ ଶ୍ରେଷ୍ଠ ବିଦ୍ୟାଳୟ ପାଇଁ ମୋର ପରିକଳ୍ପନା ଶିର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଜିଲା ଶିକ୍ଷା ଓ ଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷୟିତ୍ରୀ ସସ୍ମିତା ଦେହୁରୀଙ୍କ ପରିଚାଳନାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ସୁବାଷ ଚନ୍ଦ୍ର ମିଶ୍ର, ଧ୍ୱନ୍ୱନ୍ତରୀ ବିଶି, ଦିପ୍ତିରେଖା ପଣ୍ଡା, ପ୍ରମୋଦ ବାରିକ ଓ ରୀନା ବାଗ ଆଲୋଚନାଚକ୍ରରେ ଭାଗ ନେଇଥିଲେ। ସିଆରସିସି ବ୍ରତାନନ୍ଦ ଭୋଇ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ବ୍ଲକରୁ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଆଧାରିତ ଉପକରଣ ପ୍ରଦର୍ଶିତ ହୋଇଥିଲା। ଘନଶ୍ୟାମ ମିଶ୍ରଙ୍କ କଣ୍ଢେଇ ନାଚ ଓ ସର୍ବେଶ୍ୱର ମିଶ୍ରଙ୍କ ଛାଇ ଚିତ୍ର ମାଧ୍ୟମରେ ଶିକ୍ଷାଦାନ ସମସ୍ତଙ୍କୁ ଉତ୍ସାହିତ କରିଥିଲା। ପରେ ଗୀତ, ଗପ ଓ ସକ୍ରିୟାତ୍ମକ କାର୍ଯ୍ୟ ମାଧ୍ୟମରେ ଶିକ୍ଷାଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

**ଜିଲାସ୍ତରୀୟ ନିପୁଣ ଓଡ଼ିଶା ମେଳା**

## ସଂକ୍ଷେପରେ

### ପଡ଼ିଆବାହାଲ ଅଞ୍ଚଳରେ ହାତୀ ଉପଦ୍ରବ

**ପଡ଼ିଆବାହାଲ,୧୯।୨(ରାଧାମୋହନ ଷଡ଼ଙ୍ଗୀ)**

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ତଥା ପଡ଼ିଆବାହାଲ ବନଖଣ୍ଡ ଅଞ୍ଚଳରେ ହାତୀ ଉପଦ୍ରବ ଦେଖାଦେଇଛି। ବୁଧବାର ସକାଳେ ବାହାମ ପଞ୍ଚାୟତରେ ଥିବା ଦୟାନନ୍ଦ ପବ୍ଲିକ ସ୍କୁଲ ନିକଟ ଏକ ପରିବା ବଗିଚାରେ ପଶି ଏକ ହାତୀ ବ୍ୟାପକ କ୍ଷୟକ୍ଷତି କରିଛି। ସନ୍ତୋଷିନୀ ନାୟକଙ୍କ ବଗିଚାରେ ଥିବା ବିମ୍ବ, ଫୁଲକୋବି, ଟମାଟୋ, ପଣସ ସହ ଫୁଲ ବଗିଚାକୁ ହାତୀ ଦଳିଚକଟି ନଷ୍ଟ କରିଦେଇଛି। କେବଳ ବାହାମ ନୁହେଁ ବାରିବନ୍ଧ, ଲାଲାମୁନି, ଖଲିଆପାଲି, ପୁଡ଼ାପଡ଼ା ଟୋଲ୍‌ଗେଟ ନିକଟରେ ଚାଷୀଙ୍କ ପନିପରିବା ଫଳ ମଧ୍ୟ ହାତୀ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ବନ ବିଭାଗ କ୍ଷୟକ୍ଷତି ଆକଳନ କରି ତୁରନ୍ତ କ୍ଷତିପୂରଣ ଦେବାକୁ ଦାବି ହେଉଛି।

### କ୍ରିକେଟ ଟୁର୍ନାମେଣ୍ଟ: ବୁର୍ଲା ବିଜୟୀ

**ପଡ଼ିଆବାହାଲ,୧୯।୨(ରାଧାମୋହନ ଷଡ଼ଙ୍ଗୀ)**

ପୁଲ୍‌ୱାମା ଶହୀଦଙ୍କ ସ୍ମୃତିରେ ସମ୍ବଲପୁର ଜିଲା ଝୁଜୁମୁରା ବ୍ଲକ୍ ପଡ଼ିଆବାହାଲ ପଧାନପାଲି ହାଇସ୍କୁଲ ଖେଳ ପଡ଼ିଆରେ ଆୟୋଜିତ ପଞ୍ଚଦିବାସୀୟ ସପ୍ତମ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳରେ ଭିକମପୁର ଦଳକୁ ହରାଇ ବୁର୍ଲା ମାରୁତି କ୍ଲବ ଚାମ୍ପିୟନ ହୋଇଛି। ପଡ଼ିଆବାହାଲ କ୍ରିକେଟ କ୍ଲବ୍‌ର ଆୟୋଜନ ଓ ପଧାନପାଲି କ୍ରିକେଟ କ୍ଲବ୍ ସହଯୋଗରେ ଆୟୋଜିତ ଏହି ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ବାହାମ ସରପଞ୍ଚ ସରସ୍ୱତୀ ଭୁସାଗର ମୁଖ୍ୟ ଅତିଥି, ବାହାମ ସମିତି ସଭ୍ୟ ପ୍ରଫୁଲ୍ଲ ମଗର, କବରାପାଲି ସମିତି ସଭ୍ୟା ବନିତା ଓରାମ, ପଡ଼ିଆବାହାଲ ଆରୋଗ୍ୟ ମନ୍ଦିର ଡାକ୍ତର ଲୋକନାଥ ପ୍ରଧାନ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଅମୂଲ୍ୟା ସାହୁ, ଦେବାନନ୍ଦ ଭୁସାଗର, ସାମାଜିକ କର୍ମୀ ସ୍ମୃତି ସ୍ୱରୂପ ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଚାମ୍ପିୟନ ଓ ରନର ଅପ୍ ଦଳକୁ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟ ଆୟୋଜନରେ ବିପ୍ଲବ ଭୁସାଗର, ସୂର୍ଯ୍ୟନାରାୟଣ ସାହୁ, ରମଣୀ କୁମ୍ଭାର, ରୂପେଶ ବେସନ, ଉମାକାନ୍ତ ବେସନ ସହଯୋଗ କରିଥିଲେ।

### ପାପକ୍ଷୟ ରାସ୍ତା ବିପର୍ଯ୍ୟସ୍ତ

**ବିନିକା, ୧୯।୨ (ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲ୍ଲା ବିନିକା ପାପକ୍ଷୟ ଘାଟ ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। ଐତିହାସିକ ପୁଣ୍ୟ ତୀର୍ଥ ପାପକ୍ଷୟ ଘାଟ ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁ ଜଗନ୍ନାଥଙ୍କ ଦର୍ଶନ ହେଉକି ମୁକ୍ତି ବୁଡ଼ ହେଉ ପୁଣ୍ୟ ଅର୍ଜନ ପାଇଁ ଆସିଥାନ୍ତି। ଏହି ରାସ୍ତା ବାଟରେ ଆଦର୍ଶ ବିଦ୍ୟାଳୟ ଥିବାରୁ ପ୍ରତିଦିନ ଛାତ୍ରୀଛାତ୍ର ଯିବା ଆସିବା କରୁଛନ୍ତି। ରାସ୍ତା ମରାମତି ଅଭାବରୁ ଓ ନିକଟରେ ଜଳ ଯୋଗାଣ ବିଭାଗ ତରଫରୁ ରାସ୍ତା ଉପରେ ଗାତ ଖୋଳି ପାଇପ ପୋତିଥିବାରୁ ଖାଲ ଢିପ ହୋଇଯାଇଛି। ଯାହାଫଳରେ ପ୍ରତିଦିନ କିଛିନା କିଛି ଦୁର୍ଘଟଣା ଘଟୁଛି। ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ଶୀଘ୍ର ରାସ୍ତା ନିର୍ମାଣ କରିବାକୁ ଦାବି ହେଉଛି।

# କଟକ ମଙ୍ଗଳା କ୍ଲବ ଫାଇନାଲରେ



ବାପୁନି ବିନ୍ଧାଣିଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

**ସୋନପୁର,୧୯।୨(ମୃତ୍ୟୁଞ୍ଜୟ ଶତପଥୀ)**

**ରାମଧୁନ କପ୍ ସର୍ବଭାରତୀୟ ଫୁଟବଲ୍**

ସୁବର୍ଣ୍ଣପୁର ଗାନ୍ଧୀ ପଡିଆରେ ଚାଲିଥିବା ୧୬ତମ ରାମଧୁନ କପ୍ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ବୁଧବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱରର ଜଗା ୟୁନାଇଟେଡ୍ ଓ କଟକର ମା' ମଙ୍ଗଳା କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। କଟକ ଦଳ ୫-୦ ଗୋଲରେ ଭୁବନେଶ୍ୱରକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ମା' ମଙ୍ଗଳା କ୍ଲବର ବାପୁନି ବିନ୍ଧାଣୀଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ମ୍ୟାଚ୍‌କୁ ରେଫେରି ଦିଲୀପ ରାଉତ ପରିଚାଳନା କରିଥିବା ବେଳେ ଜିତେନ୍ଦ୍ର ଥନାପତି, ସୁବ୍ରତ ପୁରୋହିତ ଓ ସଞ୍ଜନ ପୁରୋହିତ ସହଯୋଗ କରିଥିଲେ। ମୁଖ୍ୟ ଅତିଥିଭାବେ ସୁବର୍ଣ୍ଣପୁର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବୀରେନ୍ଦ୍ର କୁମାର ନାୟକ ସମ୍ମାନିତ ଅତିଥିଭାବେ ଶ୍ରମ ଆୟୁକ୍ତ ଡିଲେଶ୍ୱର ଖାଖା, ଯୁବ ସଙ୍ଗଠକ ଅରବିନ୍ଦ ବାରିକ୍, ଜିଲା ହାବିଲଦାର-କନେଷ୍ଟବଳ ସଂଘ ସଭାପତି ଦୀନେଶ ମିଶ୍ର, ଜିଲା ବ୍ୟବସାୟୀ ସଂଘ ସଭାପତି ଧୀରେନ୍ଦ୍ର କୁମାର ପଟ୍ଟନାୟକ, ସମ୍ପାଦକ ଗୁଣନିଧି ମେହେର, ଅମୀୟ ରଞ୍ଜନ ଦାଶ, ଭେଟେରାନ ଫୁଟବଲ ଖେଳାଳି ଗଣେଷ ରାମ ମେହେର, ପଞ୍ଚାନନ ସାହୁ, ନରସିଂହ ରାଓ ଓ ପବିତ୍ର ଖପରଧ୍ୱାଜ ଖେଳାଳି, ଆୟୋଜନ କମିଟିକୁ ଉତ୍ସାହିତ କରିଥିଲେ। କ୍ଲବ ସମ୍ପାଦକ ପିୟୁଷ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାକୁ ବିକାଶ ପଣ୍ଡା ସଂଯୋଜନା କରିଥିଲେ। ମନୋରଞ୍ଜନ ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ। ପ୍ରଭୁଦତ୍ତ କୁମ୍ଭାର ଧାରା ବିବରଣୀ ପ୍ରଦାନ କରିଥିଲେ। ରାମଧୂନ କ୍ଲବର କର୍ମକର୍ତ୍ତା ଓ ସଦସ୍ୟ ମାନେ ମ୍ୟାଚ୍ ଆୟୋଜନରେ ସହଯୋଗ କରିଥିଲେ।

# ସୁବର୍ଣ୍ଣପୁରରେ ଏବିଭିପିର ବିକ୍ଷୋଭ

**କିଟ୍‌ରେ ନେପାଳୀ ଛାତ୍ରୀଙ୍କ ମୃତ୍ୟୁ ଘଟଣା**

**ସୋନପୁର,୧୯।୨(ମୃତ୍ୟୁଞ୍ଜୟ ଶତପଥୀ)**

କିଟ ବିଶ୍ୱବିଦ୍ୟାଳୟରେ ନେପାଳୀ ବି ଟେକ ଛାତ୍ରୀ ପ୍ରକ୍ରିତି ଲାମସଲଙ୍କ ମୃତ୍ୟୁ ଘଟଣା ଏବେ ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ସହ ଦୋଷୀଙ୍କୁ ଦଣ୍ଡ ଦେବାକୁ ସାଧାରଣରେ ଦାବି ହେଉଛି। ପ୍ରତିବାଦରେ ଛାତ୍ର ସଙ୍ଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ପକ୍ଷରୁ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରଯାଇଛି। ଭୁବନେଶ୍ୱର କିଟ ବିଶ୍ୱବିଦ୍ୟାଳୟରେ ଯେଉଁଭଳି ଭାବେ ନେପାଳୀ ଛାତ୍ରୀଛାତ୍ରଙ୍କ ବିରୋଧରେ ଅମାନୁଷିକ ଅତ୍ୟାଚାର କରାଯାଇଛି ଏବିଭିପି ତା'ର ପ୍ରତିବାଦ କରିଛି। ସନ୍ଧ୍ୟାରେ ରାଲି ସହ ବିଜୁ ପଟ୍ଟନାୟକ ଛକରେ ଛାତ୍ରୀଛାତ୍ର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଶିକ୍ଷା ଅନୁଷ୍ଠାନ ମାଲିକ ଅଚ୍ୟୁତ ସାମନ୍ତଙ୍କୁ ତୁରନ୍ତ ଗିରଫ କରିବା ଓ ଶିକ୍ଷାନୁଷ୍ଠାନକୁ ସିଲ୍ କରିବା ପାଇଁ ରାଜ୍ୟ ସରକାରଙ୍କଠାରେ ସେମାନେ ଦାବି କରିଛନ୍ତି । ଏହି ଅବସରରେ ଛାତ୍ରୀଛାତ୍ରମାନେ ଅଚ୍ୟୁତଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଆନ୍ଦୋଳନରେ ଏବିଭିପି ରାଜ୍ୟ ସହସମ୍ପାଦକ ଶୁଭମ ପ୍ରସାଦ ମିଶ୍ର ନେତୃତ୍ୱ ନେଉଥିଲେ । ଏଥିରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁମନ୍ତ ଜଗଦଲା, ନଗର ସମ୍ପାଦକ ଲିପୁନ ସାହୁ, ସୋନପୁର କଲେଜ ଶାଖା ସଭାପତି ମିଳନ ସେଠୀ, ସୌମ୍ୟ ନାଏକ, ରୋଶନ ବାଗ, ଶକ୍ତି ବେହେରା, ରାକେଶ କଅଁର, ସୁଧୀର କର୍ମୀ, ରିଙ୍କୁ ନାଏକ, ସମୟ ସାହୁ, ପ୍ରଦୀପ ଦୀପ ଓ ଧିରେନ ଷାଣ୍ଡ ଉପସ୍ଥିତ ଥିଲେ।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com


@ ଜ୍ଞାନରଞ୍ଜନ


@ ହରି


@ ରାଜେଶ୍ୱର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରାସ୍ତା ନିର୍ମାଣ ପାଇଁ ପ୍ରଶାସନ ସମନ୍ୱୟ ବୈଠକ

**ବିନିକା, ୧୯।୨(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ସହରର ପାପକ୍ଷୟ ଛକରୁ ଡଭଲା ଛକ ପର୍ଯ୍ୟନ୍ତ ରାସ୍ତା ଖାଲଢିପ ହୋଇ ମରଣଯନ୍ତା ପାଲଟିଛି। ବୁଧବାର ସନ୍ଧ୍ୟାରେ ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମନ୍ୱୟ ବୈଠକରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଲଲାଟେନ୍ଦୁ ସା, ପ୍ରୋଜେକ୍ଟ ମ୍ୟାନେଜର ଏସ.ଆର. ଥାନାପତି, ପିଡବ୍ଲ୍ୟୁଡି ସୁପରିଣ୍ଟେଣ୍ଡେଣ୍ଟ ଅଜସ୍ରତ ସାହୁ, ପିଏଚ୍‌ଡି ଇଇଏ କୁମାର ମୂର୍ତ୍ତି, ବିଡିଓ ତଥା ଏନଏସି ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ମଣ୍ଟୁ ଖମାରୀ, ଏସଡିଓ ପୂର୍ତ୍ତ ବିଭାଗ ଶୈଳେଶ ଡେଲକି, ଏନଏସି ଚେୟାରମ୍ୟାନ ସୁବାଷ ଚନ୍ଦ୍ର ଭୁଏ ଉପସ୍ଥିତ ଥିଲେ। ଶୀଘ୍ର କିପରି ରାସ୍ତା ନିର୍ମାଣ ହେବ ତାହା ଉପରେ ଆଲୋଚନା କରାଯାଇଥିଲା। ଗତ ୩ ତାରିଖରେ ମଧ୍ୟ ଏନଏସି କାର୍ଯ୍ୟାଳୟରେ ଜିଲା ପ୍ରଶାସନର ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲେ ବି ରାସ୍ତାକାମ କଚ୍ଛପ ଗତିରେ ଚାଲିଥିବାରୁ କେବେ ସୁଦ୍ଧା କାମ ସରିବ ବୋଲି ପଚାରିବାରୁ ଉପସ୍ଥିତ ପଦାଧିକାରୀ ପ୍ରତିକ୍ରିୟା ଦେବାକୁ ମନା କରିଥିଲେ।

# ମିନିଷ୍ଟାଡିୟମ ପାଇଁ ସ୍ଥାନ ପରିଦର୍ଶନ କଲା ପ୍ରଶାସନ

**ଡୁଙ୍ଗୁରିପାଲି, ୧୯।୨(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି କଲେଜ ପଡିଆରେ ଏକ ମିନି ଷ୍ଟାଡିୟମ ନିର୍ମାଣ ପାଇଁ ହେଉଥିବା ଦାବିକୁ ମଙ୍ଗଳବାର ବଳ ମିଳିଛି। ମଙ୍ଗଳବାର ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ପ୍ରଶାସନର ଏକ ଟିମ୍ କ୍ଷେତ୍ର ପରିଦର୍ଶନ କରିଥିଲେ। ସୁବର୍ଣ୍ଣପୁର ଉପଜିଲାପାଳ ସୌମ୍ୟରୁପା ରଥ, ରାମପୁର ତହସିଲଦାର ବିମଳ ପାତ୍ର, ସୁବର୍ଣ୍ଣପୁର ଜିଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ଡୁଙ୍ଗୁରିପାଲି କଲେଜ ଖେଳପଡିଆ ପରିଦର୍ଶନ କରି ସ୍ଥିତ ଅନୁଧ୍ୟାନ କରିଥିଲେ। ଅନୁଧ୍ୟାନ କଲା ପରେ ଉପଜିଲାପାଳ ରଥ କହିଛନ୍ତି, ମିନିଷ୍ଟାଡିୟମ ପାଇଁ ଯେଉଁ ଭିତ୍ତିଭୂମି ଦରକାର ତାହା ଏଠାରେ ରହିଛି। ମିନିଷ୍ଟାଡିୟମ ନିର୍ମାଣ ସକାଶେ ସରକାରଙ୍କୁ ପ୍ରପୋଜାଲ ପଠାଯିବ ବୋଲି ଉପସ୍ଥିତ ଅଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସୂଚନାଯୋଗ୍ୟ ଯେ, ସୋମବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅଞ୍ଚଳବାସୀଙ୍କ ପକ୍ଷରୁ ଡୁଙ୍ଗୁରିପାଲିଠାରେ ଏକ ମିନି ଷ୍ଟାଡିୟମ ନିର୍ମାଣ ପାଇଁ ଜିଲାପାଳଙ୍କ ନିକଟରେ ଦାବି କରାଯାଇଥିଲା।

# ଆଇନ ସଚେତନତା ଶିବିର

**ଅମରପାଲି,୧୯।୨(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନ୍ଦୁପାଲି ହାଇସ୍କୁଲରେ ତାଲୁକ ଆଇନ ସେବା କମିଟି ତରଫରୁ ଆଇନ ସଚେତନତା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଦେୱାନୀ ଜଜ ତଥା ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷା ସରୋଜିନୀ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏସ୍‌ଡିଜେଏମ ପୁନମ ସେଠ, ବୀରମହାରାଜପୁର ଭାରପ୍ରାପ୍ତ ଥାନା ଅଧିକାରୀ ଲିଙ୍ଗରାଜ ସେଠ ଓ ଆଇନଜୀବୀ ଶଙ୍କର୍ଷଣ ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଉକ୍ତ ସଚେତନତା ଶିବିର ରେ କେନ୍ଦୁପାଲି ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଇନ୍ଦିରା ମିଶ୍ର ପୌରୋହିତ୍ୟ କରିଥିଲେ। ଯୌନ ଶୋଷଣରୁ ସୁରକ୍ଷା ଉପରେ ଏବଂ ପିକ୍ସୋ ଆର୍ଟ ଉପରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ। ଶିକ୍ଷକ ସୀତାଂଶୁ ଶେଖର ଖମାରୀ ସଭା ସଂଯୋଜନା କରିଥିଲେ। ବିଚାର ବିଭାଗୀୟ କର୍ମଚାରୀ ସଞ୍ଜୀବ ବାରିକ, ଶେଷଦେବ କୁଦେଇ,ରବିନାରାୟଣ ଅମାତଙ୍କ ସମେତ ବିଦ୍ୟାଳୟର ଅମରେଶ ତ୍ରିପାଠୀ, ଅର୍ପିତା ହୋତା, ବିଷ୍ଣୁପ୍ରସାଦ ଧଳ, ଦେବାଶିଷ ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷକ ଦିବ୍ୟାରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



କେନ୍ଦୁପାଲି ହାଇସ୍କୁଲରେ ମଞ୍ଚାସୀନ ଅତିଥିମାନେ।

# ଏମ୍‌ଏନ୍‌ସିସି ଚମ୍ପିୟନ ଟ୍ରଫି: ବ୍ରାହ୍ମଣୀପାଲି ଚାମ୍ପିୟନ

**ଅମରପାଲି,୧୯।୨(ପୀତାମ୍ବର ସାହୁ)**


ଟ୍ରଫି ସହିତ ଚାମ୍ପିୟନ ବ୍ରାହ୍ମଣୀପାଲି ଦଳ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କାନପୁର ଯୁବକ ସଂଘ ଆନୁକୂଲ୍ୟରେ ଏମ୍‌ଏନ୍‌ସିସି ଚାମ୍ପିୟନ ଟ୍ରଫି କ୍ରିକେଟ ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ କେନ୍ଦୁପାଲିକୁ ହରାଇ ବ୍ରାହ୍ମଣୀପାଲି (ଉଲୁଣ୍ଡା) ଦଳ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ତିନୋଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟରେ କେନ୍ଦୁପାଲି ପ୍ରଥମେ ବ୍ୟାଟିଂ କରି ୬ ଓଭରରେ ୬ ଉଇକେଟ ହରାଇ ୭୮ ରନ କରିଥିଲା। ଜବାବରେ ବ୍ରାହ୍ମଣୀପାଲି ଦଳ ଆବଶ୍ୟକ ରନକୁ ୫.୨ ଓଭରରେ କୌଣସି ଉଇକେଟ ନ ହରାଇ ସଂଗ୍ରହ କରିଥିଲା। ଦ୍ୱିତୀୟ ଫର୍ମାଟରେ କେନ୍ଦୁପାଲି ଦଳ ପ୍ରଥମେ ବ୍ୟାଟିଂ କରି ୩ଓଭରରେ ୪ ଉଇକେଟ ହରାଇ ୩୧ ରନ କରିଥିଲା। ଜବାବରେ ବ୍ରାହ୍ମଣୀପାଲି ଦଳ ୩ ଓଭରରେ ୩ ଉଇକେଟ ହରାଇ ୩୧ ରନ କରିଥିଲା। ତୃତୀୟ ଫର୍ମାଟରେ ବ୍ରାହ୍ମଣୀପାଲି ଦଳ ୧୦ରନ କରିଥିବା ବେଳେ କେନ୍ଦୁପାଲି ଦଳ ୭ ରନ କରିଥିଲା। ଦୁଇଟି ଫର୍ମାଟରେ ବିଜୟୀ ହୋଇ ବ୍ରାହ୍ମଣୀପାଲି ଦଳ ମ୍ୟାଚ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କ୍ରୀଡାବିତ ସୁଶାନ୍ତ ଦାସ,ବାଲ୍ମୀକି ଖମାରୀ, ସୁବାସ ସାହୁ, ନିରଞ୍ଜନ ଖମାରୀ ଓ ପୋଡ଼ସି ମହାକୁର ଅତିଥି ଭାବେ ଯୋଗଦେଇଥିଲେ। ବ୍ରାହ୍ମଣୀପାଲିର ସଞ୍ଜୟ ହାତୀଙ୍କୁ ମ୍ୟାନ ଅଫ ଦି ଫାଇନାଲ, ପୁରୁଷୋତ୍ତମ ହାତୀଙ୍କୁ ମ୍ୟାନ ଅଫ ଦି ସିରିଜ, ଦେବ ହାତୀଙ୍କୁ ଶ୍ରେଷ୍ଠ ବୋଲର, କେନ୍ଦୁପାଲିର ଦୀପକ ମେହେରଙ୍କୁ ଶ୍ରେଷ୍ଠ ବ୍ୟାଟର ଭାବେ ପୁରସ୍କୃତ କରାଯାଇଥିଲା। ଏହା ସହିତ ଚାମ୍ପିୟନ ବ୍ରାହ୍ମଣୀପାଲି ଦଳକୁ ନଗଦ ୧୫ ହଜାର ଟଙ୍କା ସହିତ ଟ୍ରଫି ଏବଂ ଉପବିଜେତା କେନ୍ଦୁପାଲିକୁ ନଗଦ ୯ ହଜାର ଟଙ୍କା ସହିତ ଟ୍ରଫି ପୁରସ୍କୃତ କରାଯାଇଥିଲା। ଫାଇନାଲ ମ୍ୟାଚକୁ ଝାଣ୍ଟୁ ଛତ୍ରିଆ ଓ ଉତ୍ତମ ଖମାରୀ ପରିଚାଳନା କରିଥିଲେ। ଅଭିମନ୍ୟୁ ଖମାରୀ ସ୍କୋରିଂ ଏବଂ କବିରାଜ ଖମାରୀ ଧାରା ବିବରଣୀ ପ୍ରଦାନ କରିଥିଲେ।

**■ସଞ୍ଜୟ ହାତୀ ମ୍ୟାନ ଅଫ ଦି ଫାଇନାଲ**

**■ପୁରୁଷୋତ୍ତମ ହାତୀ ମ୍ୟାନ ଅଫ ଦି ସିରିଜ**

## ସଂକ୍ଷେପରେ

### ବେଆଇନ ବାଲି ଚାଲାଣ: ୩ ଗିରଫ

**ବନ୍ଧମୁଣ୍ଡା,୧୯।୨(ସୁବ୍ରତ ଦେ):** ବିଶ୍ରା ଥାନା ଅଧୀନ ଶାରୁ ବାହାଲ ଗାଁରେ ବୁଧବାର ବିଶ୍ରା ପୋଲିସ ଚଢ଼ାଉ କରି ବେଆଇନ ବାଲି ଚାଲାଣ ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରୋହିତ ଗୌଡ଼, ସର୍ଫରାଜ ଆନନ୍ଦ,ଇସ୍ମାଇଲ ଟପ୍ପୋ। ଏଥିସହ ୩ଟି ଟ୍ରାକ୍ଟରକୁ ମଧ ଜବତ କରାଯାଇଛି।

### ଆମ ପୋଲିସ କାର୍ଯ୍ୟକ୍ରମ

**ବେଦବ୍ୟାସ,୧୯।୨( ଦେବବ୍ରତ ବେହୁରା):** ବ୍ରାହ୍ମଣୀ ତରଙ୍ଗ ଥାନା ଅନ୍ତର୍ଗତକଲୁଙ୍ଗା ଫାଣ୍ଡି ପରିସରରେ ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଥାନା ଭାରପ୍ରାପ୍ତ ଅଧିକାରୀ ଗଗନ ବିହାରୀ ନାୟକଙ୍କ ଅଧକ୍ଷତାରେ ଫାଣ୍ଡି ଅଧିକାରୀ ଭାରତ ଚନ୍ଦ୍ର ସାହୁଙ୍କ ସହିତ ଅନ୍ୟାନ୍ୟ ପୋଲିସ ଅଧିକାରୀ, ସାଧାରଣ ଲୋକେ ସାମିଲ ହୋଇଥିଲେ। ଅଞ୍ଚଳରେ ଚାଲିଥିବା ମଦ କାରବାର, ଚୋରି, ସାଇବର କ୍ରାଇମ, ତଥା ରାତ୍ରି ସମୟରେ ନାଇଟ ପାଟ୍ରୋଲିଂ ଉପରେ ଆଲୋଚନା ହୋଇଥିଲା। ବିଶେଷ କରି ସାଧାରଣ ଜନତା ଓ ପୋଲିସ ମଧରେ କିପରି ସମନ୍ୱୟ ରହିବ ତାହା ଉପରେ ବିଶେଷ ଧାନ ଦିଆଯାଇଥିଲା। ଏଥିରେ ଅଞ୍ଚଳର ପ୍ରମୁଖ ଦାମଦର ମଲିକ, ଛବିଳ ପୂଜାରୀ, ଛୋଟା ବାବୁ, ସଞ୍ଜୀବ ସାହୁ, ସଂଯୁକ୍ତା ବର୍ଲା ପ୍ରମୁଖ ଉପସ୍ଥିତ ଥିଲେ।

### ହାପି ମୋମେଣ୍ଟସ ଇଣ୍ଡିଆର ପ୍ରତିଷ୍ଠା ଦିବସ

**ରାଉରକେଲା:୧୯।୨( ଦିନେଶ ମିଶ୍ର):** ସାମାଜିକ ଅନୁଷ୍ଠାନ ହାପି ମୋମେଣ୍ଟସ ଇଣ୍ଡିଆର ୧୩ତମ ପ୍ରତିଷ୍ଠା ଦିବସ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ଏକ ପ୍ରସ୍ତୁତି ବୈଠକ ରାଉରକେଲା କ୍ଲବଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଉପଦେଷ୍ଟା କୁଞ୍ଜ ବିହାରୀ ରାଉତ, ଗ୍ରେସୀ ଡେଭିଡ, ସସ୍ମିତା ପ୍ରଧାନ, ରେଖା ଗୁପ୍ତା, ଆଶା ବାଲାନ, ମାନୋସୀ ଘୋଷ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ ତ୍ରୟୋଦଶ ପ୍ରତିଷ୍ଠା ଦିବସ ଆସନ୍ତା ମେ ୧୮ ତାରିଖ ସିଭିକ ସେଣ୍ଟରଠାରେ ଅନୁଷ୍ଠିତ ହେବ। ସେହିପରି ମାର୍ଚ୍ଚ ୭ରେ ରାଉରକେଲାରେ ଏବଂ ୨୩ରେ ପୁରୀଠାରେ ଆନ୍ତର୍ଜାତୀୟ ମହିଳା ଦିବସ, ମାର୍ଚ୍ଚ ୧୩ ତାରିଖ ଦିନ ଅନାଥ ଏବଂ ଅନୁନ୍ନତ ଗ୍ରାମାଞ୍ଚଳ ପିଲାମାନଙ୍କ ସହିତ ହୋଲି ପାଳନ, ୧୭ ତାରିଖରେ ଭୁବନେଶ୍ୱରରେ ଜାତୀୟ ସମ୍ମିଳନୀ ଏବଂ ଏକରାମ ପ୍ରତିଭା ସମ୍ମାନ, ଏପ୍ରିଲ ମାସ ୧ ତାରିଖ ଦିନ ରାଉରକେଲା ଛେଣ୍ଡଠାରେ ଉତ୍କଳ ଦିବସ ପାଳନ, ମେ ମାସ ୧୦ ଏବଂ ୧୧ ତାରିଖ ଦିନ ଭଞ୍ଜଭବନଠାରେ ରାଉରକେଲା ଶିଶୁ ମହୋତ୍ସବ, ୧୭ ତାରିଖରେ ସଂଗୀତ ଭିତ୍ତିକ କାର୍ଯ୍ୟକ୍ରମ ମେରା ସୁର ମେରି ପେହଚାନ ଓ ୧୮ ତାରିଖ ଦିନ ସିଭିକ ସେଣ୍ଟରରେ ୧୩ ତମ ପ୍ରତିଷ୍ଠା ଦିବସ ପାଳନ କରାଯିବ। ଏହି ପ୍ରତିଷ୍ଠା ଦିବସରେ କବି ସମ୍ମିଳନୀ, ମେରା ସୁର ମେରି ପେହଚାନର ମହାସମାବେଶ ଓ ରାଉରକେଲା ଶିଶୁ ମହୋତ୍ସବର ପୁରସ୍କାର ପ୍ରଦାନ କରାଯିବ। ଏଥିପାଇଁ ସଦସ୍ୟଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଶେଷରେ ପଣ୍ଡା ସମସ୍ତଙ୍କ ସହଯୋଗ କାମନା କରି ଧନ୍ୟବାଦ ଅର୍ପଣ କରିଥିଲେ।



ଫେବୃଆରୀ ୩ୟ ସପ୍ତାହରୁ ରାଉରକେଲାର କୋଏଲ ନଦୀ ଜଳସ୍ତର ହ୍ରାସ ପାଇଛି।

# ଶ୍ରମିକଙ୍କ ଉପରେ ଦମନ କାର୍ଯ୍ୟକଳାପ ପାଇଁ ସିଆଇଟିୟୁର ଉଦ୍‌ବେଗ

**ରାଉରକେଲା, ୧୯।୨(ସଙ୍ଗୀତା ଜେନା)**

ସିଆଇଟିୟୁ ରାଷ୍ଟ୍ରୀୟ ଉପାଧକ୍ଷ ବିଷ୍ଣୁ ମହାନ୍ତିଙ୍କ ସଭାପତିତ୍ୱରେ ସିଆଇଟିୟୁ ସମ୍ପାଦକ ମଣ୍ଡଳୀ ବୈଠକ ମଙ୍ଗଳବାର ସନ୍ଧ୍ୟା ୮ଟାରେ ସେକ୍ଟର-୧୯ ଠାରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘଦିନ ଧରି ଏନଜେସିଏସ ଚୁକ୍ତିନାମା ନ ହେବା ଏବଂ ଧର୍ମଘଟ ପରେ ସେଲ କର୍ତ୍ତୃପକ୍ଷ ବିଭିନ୍ନ କାରଖାନାରେ ଟ୍ରାନ୍ସଫର, ସସପେଣ୍ଡ, ଚାର୍ଜସିଟ ଓ ପ୍ରମୋସନ ବନ୍ଦ ଆଦି କର୍ଯ୍ୟାନୁଷ୍ଠାନ ନେଇ ଶ୍ରମିକଙ୍କ ଉପରେ ଦମନ କାର୍ଯ୍ୟକଳାପ ନେଇ ସିଆଇଟିୟୁ ଦୃଢ଼ ଉଦ୍‌ବେଗ ପ୍ରକାଶ କରୁଛି। ସେଲ୍‌ରେ ଇସ୍ପାତ ଶ୍ରମିକ, ଠିକା ଓ ଖଣି ଶ୍ରମିକ ସହ କେତେଜଣ ଅଧିକାରୀଙ୍କ ଅକ୍ଳାନ୍ତ ପରିଶ୍ରମରେ ସେଲ ଲାଭ ଓ ଉତ୍ପାଦନରେ ଶିଖରରେ ପହଞ୍ଚିପାରିଛି। ୮ବର୍ଷପରେ ମଧ ଏନଜେସିଏସ ଚୁକ୍ତିନାମା ହୋଇପାରିଲା ନାହିଁ। ଏବେ ଶ୍ରମିକ ଉପରେ ଆକ୍ରମଣ ସହ କେତେକ ଅଧିକାରୀ ନିଲମ୍ବିତ କରି ଚାକିରୀରୁ ବାହାର କରିବା ଭୟ ସୃଷ୍ଟି କରାଯାଉଛନ୍ତି ବୋଲି ମହାନ୍ତି କହିଛନ୍ତି। ୨୦୧୬ରେ ସିଆଇଟିୟୁ ତରଫରୁ ସିଡିଏ(କଣ୍ଡକ୍ଟ, ଡିସିପ୍ଲିନ୍ ଓ ଅପିଲ) ଦ୍ୱାରା ଅଫିସରଙ୍କ ବହିଷ୍କାର କରିବାର ପ୍ରକ୍ରିୟା କଥା ଜଣାଇଥିଲେ। ଏହା ଛଡା ସିଡିଏ ନାମରେ ଅଧିକାରୀଙ୍କୁ ବହିଷ୍କାର କଲେ ମଧ କୌଣସି ଶିଳ୍ପର ଉନ୍ନତି ହେବ ନାହିଁ। ଶିଳ୍ପରେ ବିବାଦ ବଦଳରେ ଶିଳ୍ପ ସମ୍ପର୍କ ବୃଦ୍ଧି କଲେ ଶୃଙ୍ଖଳା ସହ କାରଖାନାର ଅଭିବୃଦ୍ଧି ହେବ। ସାଧାରଣ ସମ୍ପାଦକ ବସନ୍ତ ନାୟକ ଏସଡବ୍ଲ୍ୟୁଏଫଆଇ ଡାକରାରେ ସମସ୍ତ ଇସ୍ପାତ କାରଖାନା ଓ ଖଣିରେ ୩୯ମାସର ଏରିଅର, ଗୋଟିଏ ଅତିରିକ୍ତ ଇନକ୍ରିମେଣ୍ଟ, ଗ୍ରାଚ୍ୟୁଇଟିରେ ସିଲିଂ ପ୍ରତ୍ୟାହାର ଓ ଠିକା ଶ୍ରମିକଙ୍କ ମୂଳଦରମା ବୃଦ୍ଧି ସହ ତୁରନ୍ତ ଏନଜେସିଏସ୍ ଚୁକ୍ତିନାମା ପାଇଁ ମାସଧରି ପ୍ରଚାର ଅଭିଯାନ ଧାରଣା ଓ ବିକ୍ଷୋଭ ରାଉରକେଲାରେ କରାଯିବ କହିଥିଲେ। ଏହା ସହିତ ସ୍ଥାନୀୟ ସ୍ତରରେ ଆଇଜିଏଚ୍‌ରେ ଚିକିତ୍ସାର ମାନବୃଦ୍ଧି, ସେକ୍ଟର ଅଞ୍ଚଳର ବିକାଶ ଓ ଅଭିବୃଦ୍ଧି, ସୁଲଭ ତଥା ଗ୍ରହଣୀୟ ଦରରେ ବାସଗୃହ ଓ ମେଡିକ୍ଲେମର ସୁଧାର ପାଇଁ ମଧ ପ୍ରଚାର ଅଭିଯାନ ବ୍ୟାପକ କରାଯିବ। ୩୯ମାସର ଏରିଅର ନ ମିଳିଲେ ଏହାଦ୍ୱାରା ଶ୍ରମିକମାନେ ପିଏଫ୍, ଡିଏ, ଏନପିଏସ୍ ତଥା ଉଚ୍ଚ ପେନସନ୍ ଇପିଏସ୍-୯୫ରେ ମଧ କ୍ଷତିଗ୍ରସ୍ତ ହେବେ। ରାଉରକେଲାରେ ଇସ୍ପାତ ଓ ଠିକାଶ୍ରମିକ ଏହି କାର୍ଯ୍ୟକ୍ରମକୁ ସହଯୋଗ ଓ ସଫଳ କରିବାପାଇଁ ସିଆଇଟିୟୁ ନିବେଦନ କରିଛି। ଏହି ବୈଠକରେ ରତ୍ନାକର ନାୟକ, ପ୍ରଦିପ ସେଠୀ, ଜଙ୍ଗେଶ୍ୱର ସାହୁ, ଜୀବନ ବାରିଆ, ସଂଗ୍ରାମ ସାମଲ, ସଞ୍ଜୟ ନାୟକ, ଜେକେ ସାହୁ , ପ୍ରଦ୍ୟୁଷ ପରିଡା, ଶିବରାମ ବେହେରା, ପିକେ ଶଡଙ୍ଗୀ, ସନ୍ତୋଷ ବେହେରା, ତ୍ରିଲୋଚନ ପାତ୍ର, ଅକ୍ଷୟ ରାଉତ, ପର୍ଶୁରାମ ଜେନା, ବି.ଡି. କିଶାନ, ଏମ. କେ ପାଣିଗ୍ରାହୀ, ପିତାମ୍ବର ବେହେରା, ସନ୍ୟାଷି ପ୍ରଧାନ, ବିଶ୍ୱରଞ୍ଜନ ମଲ୍ଲୀକ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ।

# ଛାତ୍ରୀଙ୍କ ଆତ୍ମରକ୍ଷା କୌଶଳ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ରାଉରକେଲା,୧୯।୨(ଦିନେଶ ମିଶ୍ର)**

ପାନପୋଷ ସ୍ଥିତ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଆତ୍ମରକ୍ଷା କ୍ଲବ ପକ୍ଷରୁ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ସହଯୋଗରେ ସ୍ନାତକ ବର୍ଗର ଛାତ୍ରୀଙ୍କ ଆତ୍ମରକ୍ଷା ଶିବିର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଡ. ସସ୍ମିତା ସାମଲଙ୍କ ଅଧକ୍ଷତାରେ ଆୟୋଜିତ ହୋଇଥିବା ଏହି ଶିବିରକୁ ଆତ୍ମରକ୍ଷା କ୍ଲବର ସଦସ୍ୟା ଅଧାପିକା ଡ.ସୋନିଆ ପରିଚାଳନା କରିଥିଲେ। ଛାତ୍ରୀମାନଙ୍କ ପାଇଁ ଆତ୍ମରକ୍ଷା ଜ୍ଞାନ କୌଶଳର ଆବଶ୍ୟକତା ଓ ଏହାର ଉପକାରିତା ଉପରେ କଲେଜର ଅଧକ୍ଷା ଡ.ସାମଲ ବିସ୍ତୃତ ଆଲୋଚନା କରିଥିଲେ। କ୍ଲବର ସଂଯୋଜିକା ତଥା ଅଧାପିକା ଡକ୍ଟର ସ୍ମୃତି ସିଗ୍ଧା ମିଶ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଛାତ୍ରମାନଙ୍କ ଶାରୀରିକ ସୁରକ୍ଷା ସହିତ ମାନସିକ ଦୃଢ଼ତା ସମ୍ପର୍କରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ଯୁକ୍ତ୨ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସଂଯୋଜିକା ମମତା ବାକ୍ସଲା ଓ କ୍ରୀଡା ବିଭାଗର ଅଧାପିକା କ୍ୟାପଟେନ ମୀନା ଦାସ ପ୍ରମୁଖ ଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିରକୁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଶିକ୍ଷଣ ଶିକ୍ଷିକା ଦୁଲାରୀ ମଣ୍ଡାରୀ, ମହିମା ସୁନ୍ଦରୀ ମଲ୍ଲିକ, ଦେବୀ ଦର୍ଶନୀ ବେହେରା ପରିଚାଳନା କରିଥିଲେ। ଏହି ଶିବିର ଚଳିତ ୨୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି କ୍ଲବ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏହି ଶିବିରରେ ୭ଶହରୁ ଊର୍ଦ୍ଧ୍ୱ ସ୍ନାତକ ବର୍ଗର ଛାତ୍ରୀମାନେ ଅଂଶ ଗ୍ରହଣ କରି ଆତ୍ମସୁରକ୍ଷା ପ୍ରଶିକ୍ଷଣ ନେଉଛନ୍ତି। କ୍ଲବର ଅନ୍ୟତମ ସଦସ୍ୟା ତଥା ଅଧାପିକା ସନ୍ତୋସିନୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଚାକିରି ଦାବି: ବିସ୍ଥାପିତ ସଂଘର ବିକ୍ଷୋଭ



ଉଦିତନଗରରେ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

**ରାଉରକେଲା,୧୯।୨(ସଙ୍ଗୀତା ଜେନା)**

ରାଉରକେଲା ଇସ୍ପାତ କାରଖାନା ଏବଂ ମନ୍ଦିରା ଡ୍ୟାମ ଜଳ ପ୍ରକଳ୍ପ ପାଇଁ ଜମି ହରାଇଥିବା ବିସ୍ଥାପିତଙ୍କୁ ୨୦୧୩ରେ ଚିହ୍ନଟ କରି ୨୦୧୪ରେ କ୍ଷତିପୂରଣ ବାବଦରେ ଚାକିରୀ ପ୍ରଦାନ ପାଇଁ ଚୂଡ଼ାନ୍ତ କରାଯାଇଥିଲା। ସେମାନଙ୍କୁ ବିଭିନ୍ନ ପ୍ରକ୍ରିୟାରେ ଚାକିରି ପ୍ରଦାନ ପାଇଁ ପ୍ରତିଶ୍ରୁତି ମଧ ଦିଆଗଲା। ହେଲେ ଆଜି ପର୍ଯ୍ୟନ୍ତ ପ୍ରତିଶ୍ରୁତି ପୂରଣ ହୋଇପାରିଲା ନାହିଁ। ୨୦୧୪ରେ ତାଲିକାଭୁକ୍ତ ହୋଇଥିବା ୩୭୨୨ ଜଣ ବିସ୍ଥାପିତ ଏବେ ମଧ ଚାକିରୀ ଆଶାରେ ଅଛନ୍ତି। ପ୍ରାୟ ୬ ଦିନ ପୂର୍ବେ ଯଥାଶୀଘ୍ର ଚାକିରୀ ପ୍ରକ୍ରିୟା ପୂରଣ କରାଯାଉ ବୋଲି ସଂଘ ପକ୍ଷରୁ ପ୍ରଶାସନକୁ ତାଗିଦ୍ କରାଯାଇଥିଲା। ହେଲେ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ବୁଧବାର ପୂର୍ବାହ୍ନ ୧୧ଟାରେ ରାଉରକେଲା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ୭୦ଭିଲେଜ୍ ରାଉରକେଲା ଓ ମନ୍ଦିରା ଡ୍ୟାମ୍ ବିସ୍ଥାପିତ ସଂଘ ସଭାପତି ଖାଡ଼ା କୁଜୁରଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ପୂରଣ ଖାଲଖୋ, ଉପଦେଷ୍ଟା ଅନୀଲ ଲାକ୍ରା, କାହ୍ନୁ ଲାକ୍ରା ସମେତ ଶତାଧିକ ସଦସ୍ୟ ଏଥିରେ ସାମିଲ ହୋଇଥିଲେ। ଚାକିରି ପାଇଁ ପ୍ରଶାସନିକ ସ୍ତରରେ ବୈଠକ ଯଥାଶୀଘ୍ର କରିବାକୁ ସଂଘ ରାଉରକେଲା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବା ପରେ ଦାବି କରିଥିଲେ। ତେବେ ଆଗାମୀ ୪ରୁ ୫ଦିନ ପରେ ଏହାର ସମାଧାନପାଇଁ ଆଲୋଚନା କରାଯିବ ବୋଲି ରାଉରକେଲା ଅତିରିକ୍ତ ଜିଲାପାଳଙ୍କ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲା।

# ମଲ୍ଟିପ୍ରୋଜେକ୍ଟ ରାଉରକେଲା ୱାନ୍‌ର କାର୍ଯ୍ୟ ଆରମ୍ଭ

**ରାଉରକେଲା,୧୯।୨(ସଙ୍ଗୀତା ଜେନା)**

**ଧରିତ୍ରୀ ପ୍ରଭାବ**

ଗତ ୧୭ତାରିଖରେ ରାଉରକେଲା ୱାନ୍ ପ୍ରକଳ୍ପ ଖବର ଧରିତ୍ରୀରେ ପ୍ରକାଶିତ ହେବା ପରେ ନିର୍ମାଣ କାର୍ଯ୍ୟ ପାଇଁ ପ୍ରଶାସନ ଆଣ୍ଠାଭିଡିଛି। ଯଥାଶୀଘ୍ର ପ୍ରକଳ୍ପ ଶେଷ ହେବା ପାଇଁ ଆଶା ଉଜ୍ଜୀବିତ ହୋଇଛି। ସୂଚନାଯୋଗ୍ୟ, ଇସ୍ପାତ ସହରବାସୀଙ୍କ ପାଇଁ ଗୋଟିଏ ଛାତ ତଳେ ଜନ୍ମ- ମୃତ୍ୟୁ ପଞ୍ଜିକରଣ, ଭବନ ଯୋଜନା ଅନୁମୋଦନ, ବିଲ ପୈଠ, ସମ୍ପତି କର, ପାଣି ଓ ବିଜୁଳୀ ବିଲ ପୈଠ ସହ ସମସ୍ତ ସରକାରୀ ସେବାର ଲାଭ ପ୍ରଦାନ, ସ୍ମାର୍ଟସିଟି କମାଣ୍ଡ ଓ କଂଟ୍ରୋଲ ରୁମ୍ ଆଦି ପାଇଁ ରାଉରକେଲା ୱାନ ପ୍ରକଳ୍ପ ରୂପରେଖ ପ୍ରଦାନ କରାଯାଇଥିଲା। ୨୦୨୦ ଅକ୍ଟୋବରରେ ପ୍ରାୟ ୭ ଏକର ଜମିରେ ନିର୍ମାଣ ଆରମ୍ଭ ହେଲା। ହେଲେ ଆଜିକୁ ୫ ବର୍ଷ ପୁରିଯାଇଥିଲେ ମଧ ରାଉରକେଲାର ଏହି ପ୍ରମୁଖ ଅଞ୍ଚଳରେ ଅର୍ଦ୍ଧନିର୍ମିତ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇପାରି ନାହିଁ। ରାଉରକେଲା ଚାମ୍ବର ଅଫ୍ କମର୍ସର ନିକଟ ତଥା ସହରର ପ୍ରବେଶ ସ୍ଥଳରେ ଥିବା ଏହି ପ୍ରକଳ୍ପରେ ୧୨୧.୮୪ କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଥିଲା। ଏଥିରେ କମାଣ୍ଡ କଣ୍ଟ୍ରୋଲ ରୁମ୍, ଅଡିଟୋରିୟମ୍, କନଭେନସନ୍ ସେଣ୍ଟର, ଜନଜାତୀୟ ସଂଗ୍ରହାଳୟ,ପାରମ୍ପରିକ ଆଦିବାସୀଙ୍କ ସମସ୍ତ ବସ୍ତୁ, ହକି ହଲ୍, ହକି ଖେଳାଳିଙ୍କ ସୂଚୀ, କିମ୍ବଦନ୍ତୀ ହକି ଖେଳାଳିମାନଙ୍କ ଫଟୋ ଓ ଉପଲବ୍ଧ ସାମଗ୍ରୀ ଆଦିର ମ୍ୟୁଜିୟମ୍ ଆଦିର ଡିଜାଇନ ସହ ୩ ତାଲା କୋଠା ନିର୍ମାଣ ପ୍ରସ୍ତାବ ରହିଥିଲା।



ପାନପୋଷ ହକିରୋଡ ସ୍ଥିତ ପ୍ରକଳ୍ପରେ ନିର୍ମାଣ ଆରମ୍ଭ ହୋଇଛି।

# ମଦ ବିକ୍ରେତାଙ୍କୁ ପୋଲିସ ଜିମା ଦେଲା ମହିଳା ଗୋଷ୍ଠୀ

**ବଡ଼ଗାଁ,୧୯।୨(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ନୂଆ କାଦୋପଡା ଗ୍ରାମରେ ମଦ ବିକ୍ରି କରୁଥିବା ଜଣେ ବ୍ୟକ୍ତିଙ୍କୁ ସୋମବାର ପୂର୍ବାହ୍ନରେ ଗ୍ରାମର ମହିଳା ଗୋଷ୍ଠୀ ସଦସ୍ୟାମାନେ ଧରି ପୋଲିସ ଜିମା ଦେଇଛନ୍ତି। ପୋଲିସ ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ନୂଆ କାଦୋପଡା ଗ୍ରାମର ରାଜେଶ ରଣା (୩୬)। ସେ ମହିଳା ଗୋଷ୍ଠୀ ସଦସ୍ୟାଙ୍କ ବାରଣ ସତ୍ତ୍ୱେ ମଦ ବିକ୍ରି କରୁଥିଲେ। ଗ୍ରାମରେ ମହିଳା ଗୋଷ୍ଠୀ ସଦସ୍ୟାମାନେ ଏକତ୍ରିତ ହୋଇ ମଦ ବେପାରୀଙ୍କ ଘରେ ଚଢ଼ାଉ କରି ମଦ ଜବତ କରିବା ସହ ରାଜେଶଙ୍କୁ ପୋଲିସ ଜିମା ଦେଇଛନ୍ତି। ବଡ଼ଗାଁ ଥାନା ଏଏସ୍‌ଆଇ ଶ୍ରୀକାନ୍ତ ପଣ୍ଡା, ଉମାକାନ୍ତ ନାଏକ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଏକ ମାମଲା ରୁଜୁ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ବଡ଼ଗାଁ ଥାନା ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ମଦ ବିକ୍ରି ବନ୍ଦ କରିବା ପାଇଁ ମହିଳା ଗୋଷ୍ଠୀ ପ୍ରୟାସ କରିଆସୁଛନ୍ତି।

# ଠିକା ଶ୍ରମିକଙ୍କ ନିମନ୍ତେ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର

**ରାଉରକେଲା,୧୯।୨( ଦିନେଶ ମିଶ୍ର)**

ରାଉରକେଲା ଇସ୍ପାତ କାରଖାନା ସ୍ଥିତ ଏସଏମଏସ-୧ ବିଭାଗର ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଥିବା ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିରରେ ଏସଏମଏସ-୧ ବିଭାଗରେ ନିୟୋଜିତ ପ୍ରାୟ ୨୨୦ଜଣ ଠିକା ଶ୍ରମିକ ଉପକୃତ ହୋଇଥିଲେ। ଏସଏମଏସ-୧ ବିଭାଗର ସିଜିଏମ ବି. ସୁନୀଲ କାର୍ଥା ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଏହି ଶିବିର ପରିଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମ ମାନବ ସମ୍ବଳ ଠିକା ଶ୍ରମିକ ସେଲ ଦ୍ୱାରା କର୍ମଚାରୀ ଓ ରାଜ୍ୟ ବୀମା କର୍ପୋରେସନ ମଡେଲ ହସ୍ପିଟାଲ ସହଭାଗିତାରେ ଅନୁଷ୍ଠିତ ହୋଇଥିଲା। ଇଏସଆଇ ମଡେଲ ହସ୍ପିଟାଲର ଡାକ୍ତର ଓ ଟେକନିସିଆନ ଏନେଇ ସ୍ୱାସ୍ଥ୍ୟ ପରୀକ୍ଷା ସମ୍ପାଦନ କରିଥିଲେ। ଏହି ଶିବିରରେ ଠିକା ଶ୍ରମିକଙ୍କ ଉଚ୍ଚତା, ଓଜନ, ବଡି ମାସ ଇଣ୍ଡେକ୍ସ, ଚକ୍ଷୁ ପରୀକ୍ଷା, ରକ୍ତ ଚାପ, ରକ୍ତ ଶର୍କରା, ବ୍ଲ ଗ୍ରୁପିଙ୍ଗ, ହେପାଟିଟିସ ବି ଏବଂ ଶ୍ରବଣ ଓ ପଲ୍ସ ହାର ଭଳି ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଠିକା ଶ୍ରମିକଙ୍କୁ ସର୍ବେକ୍ଷଣ ଫର୍ମ ମଧ ଦିଆ ଯିବା ସହିତ ସର୍ବେକ୍ଷଣରେ ଚିହ୍ନଟ ରୋଗୀଙ୍କୁ ଅଧିକ ସ୍ୱାସ୍ଥ୍ୟ ପରୀକ୍ଷଣ ଓ ଚିକିତ୍ସା ପାଇଁ ଇଏସଆଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଆରଏସପି ମାନବ ସମ୍ବଳ ଠିକା ଶ୍ରମିକ ସେଲର ସିନିୟର ମ୍ୟାନେଜର ସୁଶ୍ରୀ ସଙ୍ଗତା ମାରିୟା ସିନ୍ଦୁର ଓ ବିଭାଗୀୟ ଦଳ ଦ୍ୱାରା ଏସଏମଏସ-୧ ବିଭାଗର ଏଜିଏମ ଅନିକେତ ଅନନ୍ତଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ଏସପିଏସବି ଆନ୍ତଃ ଇସ୍ପାତ କାରଖାନା ହକି ଚାମ୍ପିୟନଶିପ ଆରମ୍ଭ

**ରାଉରକେଲା,୧୯।୨( ଦିନେଶ ମିଶ୍ର)**

ରାଉରକେଲା ଇସ୍ପାତ କାରଖାନାର (ଆର୍‌ଏସପି) ଆନୁକୂଲ୍ୟରେ ଆୟୋଜିତ ଏସପିଏସବି ଆନ୍ତଃ ଇସ୍ପାତ କାରଖାନା ହକି ଚାମ୍ପିୟନଶିପ ଫେବୃଆରୀ ୧୮ ତାରିଖରେ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ସହର ପ୍ରଶାସନ ଏବଂ କୋର୍ପୋରେଟ ସାମାଜିକ ଦାୟିତ୍ୱ ବିଭାଗର ସିଜିଏମ ଇନ-ଚାର୍ଜ ପି କେ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସହର ଇଞ୍ଜିନିୟରିଂ ଏବଂ ଉଦ୍ୟାନ କୃଷି ବିଭାଗର ସିଜିଏମ ବି କେ ଜୋଜୋ ଏବଂ ଆରଏସପିର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସ୍ୱାଇଁ ଏହି ଟୁର୍ନାମେଣ୍ଟର ଆନୁଷ୍ଠାନିକ ଶୁଭାରମ୍ଭ ଘୋଷଣା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଖେଳାଳି ଏବଂ ମ୍ୟାଚ ଅଧିକାରୀଙ୍କ ସହ ପରିଚିତ ହୋଇଥିଲେ। ନିଜର ବକ୍ତବ୍ୟରେ ସ୍ୱାଇଁ ଏଥିରେ ଅଂଶଗ୍ରହଣକାରୀ ଦଳଗୁଡ଼ିକୁ କ୍ରୀଡା ମନୋଭାବ ସହିତ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ ଏବଂ ଟୁର୍ନାମେଣ୍ଟର ସଫଳତା କାମନା କରିଥିଲେ। ଉଲ୍ଲେଖନୀୟ ଯେ, ଭିଲାଇ ଷ୍ଟିଲ ପ୍ଲାଣ୍ଟ (ବିଏସପି ), ଆରଆଇଏନଏଲ, ଟାଟା ଷ୍ଟିଲ ଏବଂ ଆୟୋଜକ ଆରଏସପି ଦଳ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରୁଛନ୍ତି। ଉଦ୍‌ଘାଟନୀ ମ୍ୟାଚରେ ଆରଏସପି ଦଳ ୫ -୧ ଗୋଲରେ ଆରଆଇଏନଏଲ ଦଳକୁ ପରାସ୍ତ କରିଥିଲା। ପରବର୍ତ୍ତୀ ମ୍ୟାଚରେ ଟାଟା ଷ୍ଟିଲ ଦଳ ୬ -୧ ଗୋଲରେ ବିଏସପି ଦଳକୁ ପରାସ୍ତ କରିଥିଲା। ଏହାର ଫାଇନାଲ ମ୍ୟାଚ ଫେବୃଆରୀ ୨୦ ତାରିଖରେ ଖେଳାଯିବ।



ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି ଅତିଥି।

# କର୍ମମୟ ଜୀବନର ଆଶାବାଡି ହେଉଛି ବିଶ୍ୱାସ

**ରାଉରକେଲା,୧୯।୨( ଦିନେଶ ମିଶ୍ର)**




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ବିଶ୍ୱାସ, ଅବିଶ୍ୱାସ,ଅନ୍ଧବିଶ୍ୱାସ ସମ୍ପର୍କରେ ଆଲୋଚନାଚକ୍ର**

ସୁନ୍ଦରଗଡ଼ ଲେଖକ ସାମ୍ମୁଖ୍ୟ ଏବଂ ମଧୁସୂଦନ ପାଠାଗାରର ମିଳିତ ଆନୁକୂଲ୍ୟରେ ମାସିକ ଆଲୋଚନା ଆସର, ଗଳ୍ପ ପାଠ ଓ ସାରସ୍ୱତ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଛେଣ୍ଡ ସ୍ଥିତ ମଧୁସୂଦନ ପାଠାଗାରଠାରେ ଅନୁଷ୍ଠିତ ହୋଇଯାଇଛି। ଲେଖକ ସାମୁଖ୍ୟର ସଭାପତି ସ୍ତମ୍ଭକାର ଭୁପେନ ମହାପାତ୍ରଙ୍କ ଅଧକ୍ଷତା, ପାଠାଗାରର ସାଧାରଣ ସମ୍ପାଦକ ବିଜୟ କୁମାର ବରାଳଙ୍କ ଆବାହକତ୍ୱ ଓ ସାମୁଖ୍ୟର ଉପସଭାପତି ରଶ୍ମିବାଳା ରାଉତରାୟଙ୍କ ସଂଯୋଜନାରେ ଆୟୋଜିତ ଆଲୋଚ୍ୟ ବିଷୟ ଧର୍ମୀୟ ସମାଜରେ ବିଶ୍ୱାସ, ଅବିଶ୍ୱାସ ଓ ଅନ୍ଧ ବିଶ୍ୱାସ ଆଲୋଚନାଚକ୍ରରେ ଆରଏସପିର ପ୍ରାକ୍ତନ ମହାପ୍ରବନ୍ଧକ ଇଂ ଅଭୟ କୁମାର ଦାସ ଉଦ୍‌ଘାଟକ, ମୁଖ୍ୟ ଅତିଥି ବରିଷ୍ଠ ଆଇନଜୀବୀ ଗିରିଶ ଚନ୍ଦ୍ର ମହାପାତ୍ର,ବରେଣ୍ୟ ବକ୍ତାଭାବେ ବରିଷ୍ଠ ଖବରଦାତା ତଥା କବି କୁଞ୍ଜବିହାରୀ ରାଉତ, ସମ୍ମାନିତ ବକ୍ତା ସାମାଜିକ କର୍ମୀ ପଶୁପତିନାଥ ଚାଟାର୍ଜୀ, ଉପସଂହାରରେ ଶିକ୍ଷାବିତ ଶଙ୍କର ପ୍ରସାଦ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ବିଶ୍ୱାସର ଅର୍ଥ ଅନୁରକ୍ତି ବୋଲି ଅତିଥିମାନେ ତାଙ୍କ ବକ୍ତବ୍ୟରେ କହିଥିଲେ। ସମ୍ପ୍ରତି ସମାଜରେ ଧର୍ମର ଅପବ୍ୟବହାର କରାଯାଉଛି। ଧର୍ମ କେବେ ମଣିଷ ମଣିଷ ମଧ୍ୟରେ ଲଢ଼େଇ କରେ ନାହିଁ। ବିଶ୍ୱାସ ବିନା କୌଣସି ସମାଜ ତିଷ୍ଠି ପାରେନା। କର୍ମମୟ ଜୀବନର ଆଶାବାଡି ହେଉଛି ବିଶ୍ୱାସ। ରାଜନୀତି ଧର୍ମଠାରୁ ଅଲଗା ରହିବା ଦରକାର। ପ୍ରତ୍ୟେକ କଥାକୁ ବୈଜ୍ଞାନିକ ଦୃଷ୍ଟିକୋଣରୁ ବିଚାର କରିବା ଦରକାର। ଶିକ୍ଷାକୁ ସୁବ୍ୟବସ୍ଥିତ କରାଗଲେ ଅନ୍ଧ ବିଶ୍ୱାସ ଦୂର ହୋଇପାରିବ ବୋଲି ଏହି ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଥିଲା। ପ୍ରାରମ୍ଭରେ ସଭାପତି ମହାପାତ୍ର ଅନୁଷ୍ଠାନର ଆଭିମୁଖ୍ୟ ଓ ଆସନ୍ତା ମାସରେ ହେବାକୁ ଥିବା ବାର୍ଷିକୋତ୍ସବ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କୁନି ପ୍ରତିଭା ଦେବରାଜ ବଳଙ୍କ ଗଣେଶ ବନ୍ଦନାରୁ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଗାଳ୍ପିକ ଅଜୟ କୁମାର ମହାନ୍ତି ଓ ସୁମିତ୍ରା ବାରିକ ଗଳ୍ପ ପାଠ କରିଥିଲେ। ତୃତୀୟ ପର୍ଯ୍ୟାୟରେ କବି ମଞ୍ଜୁଳା ରଥଙ୍କ ସଭାପତିତ୍ୱ, ସୁଶାନ୍ତ କୁମାର ନାୟକ ଓ ସୁନିତା ସାହୁଙ୍କ ସଂଯୋଜନାରେ ମୀନ କେତନ ପଶାୟତ, କୁଞ୍ଜବିହାରୀ ରାଉତ, ରଶ୍ମିବାଳା ରାଉତରାୟ, ସୁଚିତ୍ରା ଲେଙ୍କା, ଚିନ୍ମୟୀ ପୁରୋହିତ, ତ୍ରିଲୋଚନ ସ୍ୱାଇଁ, ଧୋବେଇ ବେହେରା, ମଞ୍ଜୁଳା ରଥ, ପଶୁପତିନାଥ ଚାଟାର୍ଜୀ ଓ ସଂଯୋଜକ ଦ୍ୱୟ କବିତା ପାଠ କରିଥିବାବେଳେ ଶେଷରେ ପାଠାଗାରର ସମ୍ପାଦକ ବିଜୟ କୁମାର ବରାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସର୍ବଶ୍ରୀ ବଳରାମ ଦାଶ, ଜୟଶ୍ରୀ ଦାସ, ଦେବେନ୍ଦ୍ର କୁମାର ବଳ, ଡ଼ଃ ପ୍ରଭାକର ନାୟକ, ରାଖାଲ ମହାନ୍ତି, ସୂର୍ଯ୍ୟନାରାୟଣ ପଣ୍ଡା, ରଘୁନାଥ ଦାଶ, ସୁରେଶ ପାଣି, ବ୍ରଜକିଶୋର ପାଣି, ଅନ୍ନପୂର୍ଣ୍ଣା ଷଡ଼ଙ୍ଗୀ, ଅଙ୍ଗୁରବାଳା ପରିଡ଼ା, ଗୀତା ରାଣୀ ବେହେରା, ଜ୍ୟୋସ୍ନାରାଣୀ ରାୟ, ଚନ୍ଦ୍ରକାନ୍ତି ପାତ୍ର, ତୃପ୍ତିମୟୀ ନାୟକ, ପୀତବାସ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଏସ୍ଏମ୍ସି କମ୍ପାନୀ କବଳରେ ବଡ଼ମାଲ-ହିର୍ମା ରାସ୍ତା

- ପାଉଁଶ, ଧୂଳି ଗୁଣ୍ଡରୁ ରାସ୍ତା ଅବସ୍ଥା ଶୋଚନୀୟ
- ସାଧାରଣ ଲୋକଙ୍କ ଜନଜୀବନ ପ୍ରଭାବିତ

ଝାରସୁଗୁଡ଼ା,୧୯।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ସଦର ବ୍ଲକ ଅନ୍ତର୍ଗତ ବଡ଼ମାଲରୁ ହିର୍ମା ରାସ୍ତା ଏସ୍ଏମ୍ସି କମ୍ପାନୀର ଶହ ଶହ ଭାରିଯାନ ଚଳାଚଳ ସହିତ ପାଉଁଶ ପରିବହନ କରିବା ଦ୍ୱାରା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ରାସ୍ତା ପାର୍ଶ୍ୱସ୍ଥ ଗାଁ ଲୋକେ ଓ ଦୋକାନୀ ପାଉଁଶ ଓ ଧୂଳି ଗୁଣ୍ଡରେ ଅତିଷ୍ଠ ହୋଇ ପଡ଼ିଲାଣି। ଗତ ୨୦୦୮ଠାରୁ ଏସ୍ଏମ୍ସି କମ୍ପାନୀ ହିର୍ମାଠାରେ ପ୍ରତିଷ୍ଠିତ ହୋଇଛି। ଏହାର କ୍ଷମତା ଅନୁଯାୟୀ ଭାରୀଯାନ ଠିକ ଚାଲୁଥିଲା। ସ୍ଥାନୀୟ ଲୋକଙ୍କ ଅଭିଯୋଗ କ୍ରମେ ତତ୍କାଳୀନ ବିଧାୟକ ନବ ଦାସ ରାସ୍ତା ଉନ୍ନତି ସକାଶେ ଏହି ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗରୁ ପିଡବ୍ଲ୍ୟୁଡି ବିଭାଗକୁ ପରିବର୍ତ୍ତନ କରି ପିଡବ୍ଲ୍ୟୁଡି ବିଭାଗ ଦ୍ୱାରା ରାସ୍ତା ନିର୍ମାଣ କରାଯାଇଥିଲା। ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ରାସ୍ତା ମରାମତି କରାଯାଇନାହିଁ। ଅନ୍ୟପକ୍ଷେ କମ୍ପାନୀ ଧୀରେ ଧୀରେ ତାର ଉତ୍ପାଦନ ଓ ଆମଦାନି ବଢାଇବା ଦ୍ୱାରା ଭାରିଯାନ ମଧ୍ୟ ଅଧିକ ଦରକାର ପଡିଲା। ଗତ ୬ ମାସ ହେବ ଭାରିଯାନ ଓ ପାଉଁଶ ବୋଝେଇ ହାଇୱା ବ୍ୟବହାର ବଢ଼ିଛି ଯେ ରାସ୍ତାର ୨ କଡ଼ରେ ଥିବା ଗ୍ରାମ କାଲୋପତ୍ରା, କଣ୍ଟାପାଲି, ହରେକୃଷ୍ଣପୁରର ମୁଣ୍ଡାପଡା ସହିତ ୫୦ରୁ ଅଧିକ ଦୋକାନୀ ଏବଂ ତାଙ୍କ ପରିବାରଙ୍କ ଜୀବନ ପାଉଁଶ ଓ ଧୂଳିଗୁଣ୍ଡ ଦ୍ୱାରା ବିତସ୍ପୃହ ହୋଇଗଲାଣି।

ଏହି ରାସ୍ତା ଲାଗି ରହିଛି କାଲୋପତ୍ରା ପ୍ରାଥମିକ ବିଦ୍ୟାଳୟ ଓ ଏକ ଇଂଲିଶ ମିଡିୟମ ସ୍କୁଲ। ପ୍ରତିଦିନ ପାଠପଢି ଆସୁଥିବା ଶିଶୁ ଓ ତାଙ୍କ ଅଭିଭାବକ ମଧ୍ୟ ପାଉଁଶ ଓ ଧୂଳିଗୁଣ୍ଡର ଶିକାର ହେଉଛନ୍ତି। ରାସ୍ତାରେ ଜମୁଥିବା ପାଉଁଶ ଓ ଧୂଳିଗୁଣ୍ଡ ସଫା ନ କରି ସକାଳୁ କମ୍ପାନୀ ପାଣି ଢାଳି ଦେଉଥିବାରୁ ସ୍କୁଲକୁ ଯାଉଥିବା ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର ତଥା ବୟସ୍କ ଲୋକମାନେ ପାଉଁଶ ଧୂଳିଗୁଣ୍ଡ ଓ ପାଣି ମିଶ୍ରଣ କାଦୁଅ ଦ୍ୱାରା ଖସିଯାଇ ଦୁର୍ଘଟଣାର ବାରମ୍ବାର ଶିକାର ହେଉଛନ୍ତି। କାଲୋପତ୍ରା ଓ କଣ୍ଟାପାଲି ଗ୍ରାମବାସୀ ବାରମ୍ବାର ଏସ୍ଏମ୍ସି କମ୍ପାନୀ ଅଧିକାରୀଙ୍କୁ ରାସ୍ତାରେ ପାଉଁଶ ଧୂଳିଗୁଣ୍ଡ ଓ ରାସ୍ତା ନିର୍ମାଣ ପାଇଁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳି ପାରିନାହିଁ। ହିମା ପଞ୍ଚାୟତ କୁମ୍ଭାରୀ ଗ୍ରାମର ତ୍ରିନାଥ ବିରତିଆ କହନ୍ତି କମ୍ପାନୀର ପ୍ରଦୂଷଣ ଆମର ପଞ୍ଚାୟତ ସହିତ ବଡ଼ମାଲ ଅଞ୍ଚଳ ଛାତ୍ରୀଛାତ୍ର, ଜନସାଧାରଣଙ୍କ ଜୀବନ ସମ୍ପୂର୍ଣ୍ଣ ପ୍ରଦୂଷିତ କରିସାରିଛି। କାଲୋପତ୍ରା ଗ୍ରାମର ପରୀକ୍ଷିତ ଧରୁଆ କହନ୍ତି ବଡ଼ମାଲ-ହିର୍ମାର ଉନ୍ନତିକରଣ ଓ ଡଷ୍ଟ ପାଇଁ ବହୁତ ଥର ରାସ୍ତାରୋକୋ କରିବା ସହ ବିଭିନ୍ନ ସମୟରେ ଜିଲା ପ୍ରଶାସନରେ ଜଣାଇଥିଲେ ମଧ୍ୟ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ରହିଛି। କମ୍ପାନୀ ବିରୋଧରେ କିଛି କାର୍ଯ୍ୟ କଲେ ଲୋକମାନଙ୍କୁ ବିଭିନ୍ନ ଚାପ ପକାଇ ମୁହଁ ବନ୍ଦ କରାଯାଉଛି। ସେହିପରି ହିର୍ମା ଗ୍ରାମର ଅନିଲ ସାହୁ କହନ୍ତି ପାଉଁଶ ଓ ଧୂଳି ଦ୍ୱାରା ହେଉଥିବା ପ୍ରଦୂଷଣତା ରୋକିବା ପାଇଁ ବ୍ୟବସ୍ଥା ନ କଲେ ଏବଂ ରାସ୍ତା ନିର୍ମାଣ ନ କଲେ ଅଞ୍ଚଳରେ ରହୁଥିବା ଲୋକ ନାନାଦି ବିପଦପୂର୍ଣ୍ଣ ରୋଗର ସମ୍ମୁଖୀନ ହେବା ସହିତ ଦୁର୍ଘଟଣାରେ ବହୁତ ଲୋକଙ୍କ ଜୀବନ ଯିବ ଏଥିରେ କିଛି ସନ୍ଦେହ ନାହିଁ। ପିଡବ୍ଲ୍ୟୁଡି ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ପଚରାଯିବାରୁ ବଡ଼ମାଲ-ହିର୍ମା ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ସରି ଯାଇଛି। ସରକାରୀସ୍ତର କିଛି କାମ ବାକି ରହିଯାଇଥିବାରୁ ବିଳମ୍ବ ହେଉଛି କିନ୍ତୁ କାମ ଶୀଘ୍ର ଆରମ୍ଭ ହେବ ବୋଲି କହିଛନ୍ତି। ଏ ନେଇ ଏସ୍ଏମ୍ସି କମ୍ପାନୀର ସାଧାରଣ ପରିଚାଳକ ଲକ୍ଷ୍ମୀ ନାରାୟଣ ମିଶ୍ରଙ୍କୁ ପଚାରିବାରୁ ସେ କୌଣସି ମତାମତ ଦେବାକୁ ମନା କରିଥିଲେ।



ଦୟନୀୟ ଅବସ୍ଥାରେ ବଡ଼ମାଲ-ହିର୍ମା ରାସ୍ତା।

## ସଂକ୍ଷେପରେ

### ନାମଲେଖା ପାଇଁ ସ୍ୱତନ୍ତ୍ର କମିଟି ଗଠିତ
#### ୨୦୨୫-୨୬ ଶିକ୍ଷା ବର୍ଷ

ଝାରସୁଗୁଡ଼ା,୧୯।୨ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହରସ୍ଥିତ ବୁରୋମାଲ ବୁଡାପଡ଼ା ଉପକଣ୍ଠ ଜିଲା ଦିବ୍ୟାଙ୍ଗ ବିଦ୍ୟାଳୟରେ ୨୦୨୫-୨୬ ଶିକ୍ଷା ବର୍ଷ ପାଇଁ ଭାରତ ସରକାରଙ୍କ ଦିବ୍ୟାଙ୍ଗ ଜନ ସଶକ୍ତି କରଣ ଯୋଜନାରେ ପିଲାମାନଙ୍କ ନାମଲେଖା ପାଇଁ ମଙ୍ଗଳବାର ମଧ୍ୟାହ୍ନରେ ଏକ ଚୟନ କମିଟି ଗଠନ କରାଯାଇଛି। କମିଟିରେ ସଭାପତି ଭାବେ ସଚିବ ନିକୁଞ୍ଜ ବିହାରୀ ଜ୍ୟୋତି, ଆବାହକ ଭାରପ୍ରାପ୍ତ ଅଧକ୍ଷା ସୁଲୋଚନା ସାହୁ ଏବଂ ସଭ୍ୟ ଭାବେ ଗୁଣନିଧି ଭଇଁସା, ସ୍ୱତୋ ଜ୍ୟୋତିଷ, ପୁଷ୍ପିତା ମହାକୁର, ସୀତାରାମ ସେଲମା, ନାମଲେଖା ଦାୟିତ୍ୱ ଲିପିସ୍ମିତା ପଧାନଙ୍କୁ ଦିଆଯାଇଥିବା ବେଳେ ନାମଲେଖା ମାର୍ଚ୍ଚ ଶେଷ ତାରିଖକୁ ଧାର୍ଯ୍ୟ କରଯାଇ ଏପ୍ରେଲ ୧୦ରେ ପ୍ରବେଶ ଉତ୍ସବ ପାଇଁ ସ୍ଥିର କରାଯାଇଛି। କାର୍ଯ୍ୟକ୍ରମରେ ସଚିବ ଜ୍ୟୋତିଷ ସାହୁ ସଭାପତିତ୍ୱ କରିଥିବା ବେଳେ ପ୍ରତିଷ୍ଠାତା ବିବେକାନନ୍ଦ ମିଶ୍ର ଉପସ୍ଥିତ ଥିଲେ।

### ତୃତୀୟ ଥର ଚୋରି କରିବାକୁ ଆସି ଧରାପଡ଼ିଲେ ଚୋର

କୋଲାବିରା,୧୯।୨(ଚିନ୍ମୟ କୁମାର ବହିଦାର)

ଥରେ ନୁହେଁ ୨ଥର ନୁହେଁ ୩ଥର ଧରି ଗୋଟିଏ ସ୍ଥାନରୁ ଚୋରି କରିବାକୁ ଆସି ଶେଷରେ ଧରାପଡିଛି ଚୋର। ପୂର୍ବରୁ ୨ଥର ଲକ୍ଷାଧିକ ମୂଲ୍ୟର ସାମଗ୍ରୀ ଚୋରି କରି ଫେରାର ଥିବା ଚୋର ବୁଧବାର ଦୋକାନୀଙ୍କ ହାବୁଡରେ ପଡିଛନ୍ତି। କେବଳ ସେତିକି ନୁହେଁ ଫେରାର ହେଉଥିବା ସମୟରେ ଛାତରୁ ଡେଇଁ ଗୋଡ ମଧ୍ୟ ଭାଙ୍ଗିଛି। ଝାରସୁଗୁଡ଼ା ଜିଲା କୋଲାବିରା ଥାନା ଅନ୍ତର୍ଗତ ମାଲିଡିହି ଗ୍ରାମରେ ଏହି ଘଟଣା ଘଟିଛି। ସୂଚନା ଯେ, କୋଲାବିରା ଥାନା ଅନ୍ତର୍ଗତ ମାଲିଡିହି ଗ୍ରାମର ନିମେଇ ସାହୁଙ୍କ ଏକ ତେଜରାତି ଦୋକାନ କରିଛି। ଗତ ଡିସେମ୍ବର ୩୦ରେ ଦୁର୍ବୃତ୍ତ ଦୋକାନ ତାଡି ସାମଗ୍ରୀ ଚୋରି କରିନେଇଥିଲା। ଜାନୁଆରୀ ୯ରେ ମଧ୍ୟ ଦୋକାନ ଛପର ଖୋଲି ଅନୁରୁପ ଭାବେ ଦୋକାନରୁ ସାମଗ୍ରୀ ଚୋରି ହୋଇଥିଲା। ୨ ଥରରେ ପ୍ରାୟ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା କୋଲାବିରା ଥାନାରେ ଦୋକାନୀ ଅଭିଯୋଗ କରିଥିଲେ। ଏହାପରେ ଦୋକାନୀ ନିମାଇ ଏବଂ ତାଙ୍କ ଭାଇ ସୁରକ୍ଷା ଦୃଷ୍ଟିରୁ ଦୋକାନ ଭିତରେ ହିଁ ଶୋଉଥିଲେ। ମଙ୍ଗଳବାର ରାତିରେ କୁଚିଣ୍ଡା ଥାନା ଅଞ୍ଚଳର ଲସା ଗ୍ରାମର ମଧୁସୁଦନ ଡନଶନା ଦୋକନ ଉପରେ ଚଢି ଆଜବେସଷ୍ଟାସ ହୁକର ନଟ ଖୋଲି ଭିତରୁ ପଶିବାକୁ ଉଦ୍ୟମ ହେଉଥିବା ବେଳେ ଦୋକାନ ଭିତରେ ଶୋଇଥିବା ୨ ଭାଇ ଉଠି ଚୋରଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲେ। ମାତ୍ର ଚୋର ଖସିଯିବାକୁ ଚେଷ୍ଟା କରି ଛାତଉପରୁ ତଳକୁ ଡିଆଁ ମାରିଥିଲେ। ଫଳରେ ଚୋରର ଗୋଡ ଭାଙ୍ଗିଯାଇ ଆହତ ହୋଇଥିଲା। ଆହତ ଚୋରଙ୍କୁ କାବୁ କରି କୋଲାବିରା ଥାନାକୁ ସୂଚନା ଦେଇଥିଲେ ନିମେଇ। ଚୋରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ହୋହାଲ୍ଲା ମଧ୍ୟରେ ଅନ୍ଧାର ସୁଯୋଗ ନେଇ ଅନ୍ୟ କେତେଜଣ ଫେରାର ହୋଇଥିଲେ। ଚୋର ନିକଟରୁ ନଟ ଖୋଲିବା ପାଇଁ ବ୍ୟବହୃତ ସ୍ପେନର, ଲୁହାରଡ, ଟର୍ଚ୍ଚ ଲାଇଟ ଆଦି ଜିନିଷ ମିଳିଛି। ଯେହେତୁ ପୂର୍ବରୁ ଚୋରି ମାମଲା ରୁଜୁ ହୋଇଛି ଏବେ ସୁସ୍ଥ ହୋଇ ଫେରିବା ପରେ ପୂର୍ବ ଚୋରିରେ ତାର ସଂପୃକ୍ତି ରହିଛି ନା ଘଟଣା ଅନ୍ୟ କିଛି ତାର ତଦନ୍ତ କରାଯିବ ବୋଲି ଭାରପ୍ରାପ୍ତ ଥାନା ଅଧିକାରୀ ଉପନିରୀକ୍ଷକ ସନ୍ତୋଷ କୁମାର ପଧାନ ପ୍ରକାଶ କରିଛନ୍ତି।

# ସରବାହାଲ ରେଲୱେ ଓଭର ବ୍ରିଜ୍‌ରେ ଜଳୁନି ଷ୍ଟ୍ରିଟ୍ ଲାଇଟ

ଝାରସୁଗୁଡ଼ା,୧୯।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହରସ୍ଥିତ ସରବାହାଲ ରେଲୱେ ଓଭର ବ୍ରିଜ୍ ଷ୍ଟ୍ରିଟ ଲାଇଟ ଜଳୁ ନ ଥିବା ସହିତ ବ୍ରିଜର ଦୁଇ ମୁଣ୍ଡ ରାତି ହେଲେ ସମ୍ପୂର୍ଣ୍ଣ ଭାବେ ଅନ୍ଧକାର ହୋଇଯାଉଛି। ଏଣୁ ଲୋକ ମାନେ ହଇରାଣ ହେବା ସଙ୍ଗେ ସଙ୍ଗେ ଦୁର୍ଘଟଣାର ଶିକାର ହେବା ସହିତ ଆଗାମୀ ଦିନରେ ମଧ୍ୟ ଦୁର୍ଘଟଣା ହେବା ଅବଶ୍ୟମ୍ଭାବୀ। ସରବାହାଲ ବ୍ରିଜ ନିର୍ମାଣ ହେବା ଆଜକୁ ପ୍ରାୟ ୧ ବର୍ଷ ହେବାକୁ ବସିଲାଣି। ବ୍ରିଜ ଅଙ୍କାବଙ୍କା ହେବା ସହିତ ଅତ୍ୟନ୍ତ ସରୁ ଭାବରେ ନିର୍ମାଣ ହୋଇଛ। ୨ଟି ୪ ଚକିଆ ଗାଡି ଯଦି ବିପରୀତ ଦିଗରୁ ଯିବା ଆସିବା କରିବେ ତାହା ହେଲେ ବ୍ରିଜ ମଧ୍ୟରେ ଆଉ କୌଣସି ଯାନବାହନ ଯାଇ ଆସି ପାରିବେ ନାହିଁ। ଏସବୁ ସମସ୍ୟା ଭିତରେ ରାତିରେ ଷ୍ଟ୍ରିଟ ଲାଇଟ ନ ଜଳିବା ଯୋଗୁ ରାସ୍ତାର ଅଙ୍କାବଙ୍କା ସ୍ଥାନରେ ଦୁଇ ପାର୍ଶ୍ୱରୁ ଆସୁଥିବା ୨ ଚକିଆ, ୪ ଚକିଆ ଯାନ କେହି କାହାକୁ ଦେଖି ପାରୁ ନାହାନ୍ତି। ଫଳରେ ବାରମ୍ବାର ବହୁତ ଦୁର୍ଘଟଣା ଘଟୁଛି। ଆହୁରି ମଧ୍ୟ ବ୍ରିଜର ଦୁଇ ମୁଣ୍ଡରେ ଥିବା ହାଇମାକ୍ସ ଲାଇଟ ଜଳୁ ନ ଥିବାରୁ ବ୍ରିଜ ତଳରୁ ଆସୁଥିବା ଗାଡି ଗୁଡିକ ଆଗକୁ ଦେଖି ନ ପାରି ବିଭିନ୍ନ ଗାଡି, ବାଇକ୍ ସହିତ ଧକ୍କା ହୋଇଯାଉଛନ୍ତି। ଗତ କିଛି ଦିନ ଏହି ବ୍ରିଜ୍ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ଏହା ସହିତ ଦୁର୍ଘଟଣା ପ୍ରାୟ ଦିନରେ ଘଟୁଛି। ଏ ସଂକ୍ରାନ୍ତରେ ସରବାହାଲର ବଳରାମ ପଣ୍ଡା, ସଂକୀର୍ତ୍ତନ ପ୍ରଧାନ କହନ୍ତି ଆମେ ପ୍ରଶାସନକୁ ବାରମ୍ବାର ଜଣାଇଲେ ମଧ୍ୟ ଶୁଣୁ ନାହାନ୍ତି, ଯଦି ଆଗାମୀ ଦିନରେ ଏହାର ସମାଧାନ ନ ହେଲେ ରାସ୍ତା ବନ୍ଦ କରି ଆନ୍ଦୋଳନ କରିବୁ।


ରେଲୱେ ଓଭର ବ୍ରିଜରେ ଲାଇଟ ଜଳୁନି।

# ଜେଇଏସ୍ ସିନିୟର ସିଟିଜେନ୍‌ର ବାର୍ଷିକ ବନ୍ଧୁ ମିଳନ, ମହାସମ୍ମେଳନ

ଝାରସୁଗୁଡ଼ା,୧୯।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହର ବଇମୁଣ୍ଡା ଜେଇଏସ୍ ସିନିୟର ସିଟିଜେନଙ୍କୁ ନେଇ ଏକ ବାର୍ଷିକ ବନ୍ଧୁ ମିଳନ ଏବଂ ମହାସମ୍ମେଳନ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଇଞ୍ଜିନିୟରିଂ ସ୍କୁଲ ପ୍ରେକ୍ଷାଳୟରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଇଂ ଅସି ରାୟ, ଇଂ ଶ୍ରୁତିକଣ୍ଠ ଲେଙ୍କା ଓ ଇଂ ଗାନ୍ଧୀ ଗୌଡଙ୍କ ମିଳିତ ଅଧ୍ୟକ୍ଷତାରେ ପରିଚାଳିତ ହୋଇଥିଲ। ୧୯୭୬ରୁ ୧୯୮୪ ଯାଏ ଝାରସୁଗୁଡା ଇଞ୍ଜିନିୟରଂ ସ୍କୁଲରୁ ୪ ବର୍ଷିଆ ଡିପ୍ଲୋମା ପ୍ରାପ୍ତ ୫୦ରୁ ଊର୍ଦ୍ଧ୍ୱ ଷାଠଏ ବର୍ଷରୁ ୭୩ ବର୍ଷ ବୟସ୍କ ଏବଂ ସରକାରୀ ତଥା ବେସରକାରୀ ଉଦ୍ୟୋଗର ବରିଷ୍ଠ ଇଞ୍ଜିନୟର/ପରିଚାଳକମାନଙ୍କ ନିଜର ସ୍ମୃତି ଚାରଣ ସହିତ ହର୍ଷ ଉଲ୍ଲାସରେ ଉତ୍ସବ ସମାହିତ ହୋଇଥିଲା। ଛାତ୍ର ମାନବ ଓ ଚମନ୍ ସିଂ ଲାକ୍ରାଙ୍କ କଣ୍ଠରୁ କିଶୋର କୁମାର ଓ ମହମ୍ମଦ ରଫିଙ୍କ ପୁରାତନ ଗୀତକୁ ସମସ୍ତ ଶ୍ରୋତା ଘନ ଘନ କରତାଳି ରେ ଆମୋଦିତ ହୋଇଥିଲେ। ସିନିୟର ସିଟିଜେନ୍ ପକ୍ଷରୁ ଇଂ ତ୍ରିଭୁବନ୍ ଦାସଙ୍କ ମଞ୍ଚ ପରିଚାଳନାରେ ନବ ନିର୍ବାଚିତ ସଭାପତି ଇଂ ଗାନ୍ଧୀ ଗୌଡ, ଉପ ସଭାପତି ଇଂ ସୁଶାନ୍ତ ପଣ୍ଡା, ସାଧାରଣ ସମ୍ପାଦକ ଇଂ ଅସିତ ରାୟ, ସହ ସମ୍ପାଦକ ଅରବିନ୍ଦ ସିଂ, କୋଷାଧ୍ୟକ୍ଷ ଇଂ ଶ୍ରୁତିକଣ୍ଠ ଲେଙ୍କା, କୋର କମିଟି ସଦସ୍ୟ ଇଂ ଶରୁ ବସ୍ତିଆ, ଇଂ କ୍ଷୀରୋଦ ମହନ୍ତ, ଇଂ କେଶବ ନାୟକ, ଇଂ ଅଶ୍ୱିନୀ ମିଶ୍ର, ଇଂ ବିଜୟ ପରିଡା ପ୍ରମୁଖ ଅଧକ୍ଷା ଇଂ ରୋନିତା ଦାସଙ୍କୁ ପୁଷ୍ପ ଗୋଛ ଏବଂ ଜଗନ୍ନାଥଙ୍କ ଚତୁର୍ଦ୍ଧା ମୂର୍ତ୍ତିର ସୁସଜ୍ଜିତ ମୂର୍ତ୍ତି ଉପହାରରେ ସମ୍ମାନିତ କରିଥିଲେ। ଦିବଙ୍ଗତ ବନ୍ଧୁମାନଙ୍କ ସ୍ମୃତିକୁ ମନେ ପକାଇ ସମସ୍ତେ ନିରବ ପ୍ରାର୍ଥନା କରିବା ସହ ସହ ପ୍ରଭୁଙ୍କ ଅଷ୍ଟକ ଗାନ କରି ଇଂ ତ୍ରିଭୁବନ ଦାସ ସମସ୍ତଙ୍କ ସୁସ୍ଥତା କାମନା କରି ଏଭଳି ବିଶାଳ ସହଭାଗିତା ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଶୁ ସୁରକ୍ଷା ଆଚରଣ ବିଧି, ବ୍ୟବସ୍ଥା ସମ୍ପର୍କିତ କର୍ମଶାଳା


ଚାଇଲ୍ଡ ହେଲ୍ପ ଲାଇନ ପୋଷ୍ଟର ଓ ଷ୍ଟିକର ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ଦେବଗଡ଼,୧୯।୨(ଶଶାଙ୍କ ଶେଖର ଝାଙ୍କର)

ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବୁଧବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲା ଡ୍ରାଇଭର ମହାସଂଘର ସଦସ୍ୟ ଓ ବିଭିନ୍ନ ସ୍କୁଲ ବସରେ ନିୟୋଜିତ ଚାଳକଙ୍କ ପାଇଁ ଶିଶୁ ସୁରକ୍ଷା ଆଚରଣ ବିଧି ଓ ବ୍ୟବସ୍ଥା ସମ୍ପର୍କିତ ଏକ ଜିଲାସ୍ତରୀୟ ସଚେତନତା କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି କର୍ମଶାଳାରେ ଶତାଧିକ ବାହନ ଚାଳକ ଯୋଗଦେଇ ଶିଶୁ ସୁରକ୍ଷା ସମ୍ପର୍କିତ ଆଚରଣ ବିଧି ଓ ବ୍ୟବସ୍ଥା ସମ୍ପର୍କରେ ତାଲିମ ନେଇଥିଲେ। ଜିଲାସ୍ତରୀୟ କାର୍ମଶାଳାରେ ମୁଖ୍ୟଅତିଥି ଭାବେ ପୌର ପରିଷଦ ଭାରପ୍ରାପ୍ତ ନଗରପାଳ ପ୍ରଜିତ କୁମାର ଭୋଜ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ ଚୋପଦାର, ଶିଶୁ ମଙ୍ଗଳ କମିଟି ସଦସ୍ୟ କୁମୁଦ ଚନ୍ଦ୍ର ଶତପଥୀ, ଜିଲା ସଡ଼କ ସୁରକ୍ଷା କମିଟି ସଦସ୍ୟ ସତ୍ୟନାରାୟଣ ମିଶ୍ର, ଜିଲା ଡ୍ରାଇଭର ମହାସଂଘ ସମ୍ପାଦକ ରଞ୍ଜିତ ପ୍ରଧାନ ପ୍ରମୁଖ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ବାହନ ଚାଳକମାନଙ୍କ ପାଇଁ ଉପଲବ୍ଧ ଥିବା ଶିଶୁ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଆଚରଣ ବିଧି ଓ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ କର୍ମଶାଳାରେ ଯୋଗଦେଇ ଜିଲା ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକ ଓଡିଶା ସରକାରଙ୍କ ସ୍କୁଲପିଲାଙ୍କ ପରିବହନ ପୋଲିସ-୨୦୧୬ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଶିଶୁମାନଙ୍କ ଜରୁରୀକାଳିନ ସେବା ଚାଇଲ୍ଡ ହେଲ୍ପ ଲାଇନ ପୋଷ୍ଟର ଓ ଷ୍ଟିକର ଅତିଥିମାନେ ଉନ୍ମୋଚନ କରି ଲୋକାର୍ପିତ କରିଥିଲେ। ଡ୍ରାଇଭର ମହାସଂଘର ସଦସ୍ୟମାନଙ୍କ ସମେତ ଜିଲାରେ ଶିଶୁ ସୁରକ୍ଷା ପାଇଁ କାର୍ଯ୍ୟରତ ସପୋର୍ଟ ଅନୁଷ୍ଠାନର ପ୍ରତିନିଧି ଯଥା ଶ୍ରୀଦତ୍ତ ସାହୁ, ଶୁଭସ୍ମିତା ମିଶ୍ର, ସଲମାନ ବେହେରା ପ୍ରମୁଖ। ସୁରକ୍ଷା ଅଧିକାରୀ ଚିନ୍ମୟ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ମଶାଳାରେ ଶିଶୁ ସୁରକ୍ଷା ବିଭାଗ କର୍ମକର୍ତ୍ତା କ୍ରାନ୍ତି ଧଉନଳିଆ, ଦେବରଞ୍ଜନ ପ୍ରଧାନ, ଲିଙ୍ଗରାଜ ପ୍ରଧାନ, ଅଜିତ ନାୟକ, ଗଗନ ବିଶ୍ୱାଳ, ଲିପୁନ ବଣିଚୂଳ, ସୂର୍ଯ୍ୟକାନ୍ତି, ତପସ୍ୱିନୀ ଓ ପିଙ୍କୁ ମୁଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ରକ୍ତଦାନ ଶିବିର

ଦେବଗଡ଼,୧୯।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ଆଦର୍ଶସ୍ନାତକମହାବିଦ୍ୟାଳୟରେ ରକ୍ତଦାନ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଯୁବ ରେଡକ୍ରସ ସଂସ୍ଥା ଓ ଦେବଗଡ଼ ମୁଖ୍ୟ ଚିକିତ୍ସାଳୟ ମିଳିତ ସହଯୋଗରେ ରକ୍ତଦାନ ଶିବିରରେ ପ୍ରାୟ ଅର୍ଦ୍ଧ ଶତାଧିକ ବିଦ୍ୟାର୍ଥୀ ରକ୍ତଦାନ କରିଥିଲେ। କାର୍ଯ୍ୟରେ ଡାକ୍ତର ଗଙ୍ଗୋତ୍ରୀ ନାୟକଙ୍କ ସହିତ ଲବୋରେଟରି ଟେକ୍ନିସିଆନ ଆଲୋକ ମହାପାତ୍ର, ଗୋପାଳକୃଷ୍ଣ ସାହୁ, ଷ୍ଟାଫ୍‌ନର୍ସ କ୍ଷୀରୋଦ ଚନ୍ଦ୍ର ନାୟକ, ଆଟେଣ୍ଡାଣ୍ଟ ମନୋରଞ୍ଜନ ଧଳ ଦାୟିତ୍ୱ ନିର୍ବାହ କରିଥିଲେ। ଏହି କାର୍ଯ୍ୟରେ ଯୁବ ରେଡକ୍ରସ ସଂସ୍ଥା ଦାୟିତ୍ୱରେ ଥିବା ଅଧାପକ ଦାମୋଦର ନାୟକଙ୍କ ସହିତ ବିଦ୍ୟାର୍ଥୀମାନେ ଓ ଅନୁଷ୍ଠାନ ସମସ୍ତ ଅଧାପକ, ଅଧାପିକା ଓ ଅଣ ଶିକ୍ଷକ କର୍ମଚାରୀମାନେ ସହଯୋଗ କରିଥିଲେ। ପ୍ରାରମ୍ଭରେ କାର୍ଯ୍ୟକ୍ରମ ଅନୁଷ୍ଠାନ ଅଧକ୍ଷ ଡାକ୍ତର ବିଜୟ କୁମାର ମହାରଣା ଓ ମୁଖ୍ୟଅତିଥି ବିଶିଷ୍ଟ ସାମାଜିକ କର୍ମୀ ତଥା ଅନୁଷ୍ଠାନ ପରିଚାଳନା ସମିତି ପ୍ରାକ୍ତନ ସଦସ୍ୟ ଅତୁଲ୍ୟ କୁମାର ପୂଜାରୀ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ୪୧ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା।

# ବାବା ସିଦ୍ଧେଶ୍ୱରଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ

ଦେବଗଡ଼,୧୯।୨
(ଶଶାଙ୍କ ଶେଖର ଝାଙ୍କର)


ବାବା ସିଦ୍ଧେଶ୍ୱରଙ୍କ ମନ୍ଦିରରେ ପୂଜା କରାଯାଉଛି।

ଦେବଗଡ଼ ପୌରାଞ୍ଚଳ ମଠସାହି ସ୍ଥିତ ମା' କନକ ଦୁର୍ଗା ମନ୍ଦିର ପରିସରରେ ନୂତନ ଭାବେ ନିର୍ମିତ ବାବା ସିଦ୍ଧେଶ୍ୱରଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ସମ୍ପନ୍ନ ହୋଇଯାଇଛି। ନୟାଗଡ ଜିଲା ରନରଣପୁରରୁ ଆସିଥିବା ପୁରୋହିତ ସନ୍ତୋଷ ତ୍ରିପାଠୀ, ପ୍ରଦୀପ୍ତ କୁମାର ରଥ, ମଧୁସୂଦନ ମହାପାତ୍ର, ଦିନବନ୍ଧୁ ଶତପଥି ଓ ରମେଶ ଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ମହାପ୍ରଭୁ ଶ୍ରୀଶ୍ରୀ ସିଦ୍ଧେଶ୍ୱର ବାବାଙ୍କ ଜୀବନ୍ୟାସ, ନବଯୌବନ ଦର୍ଶନ, ବିଗ୍ରହ ସ୍ଥାପନ, ପୂର୍ଣ୍ଣ ଆଳତିସମ୍ପନ୍ନ ହେବା ସହ ଶ୍ରଦ୍ଧାଳୁଙ୍କ ନିମନ୍ତେ ଖୋଲା ଦର୍ଶନର ବ୍ୟବସ୍ଥା କରାଯାଇଥିଲା। ଶଶାଙ୍କ ଶେଖର ଝାଙ୍କର ଓ ତାଙ୍କ ସ୍ତ୍ରୀ ବର୍ଷା ବୈଶାଳୀ ସ୍ମିତା ସାଳିନୀ ନାୟକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଶ୍ରଦ୍ଧାଳୁଙ୍କ ନିମନ୍ତେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ସେହିପରି ସନ୍ଧ୍ୟାରେ ପୁରୀରୁ ଆସିଥିବା ସ୍ୱନାମଧନ୍ୟ କଳାକାରମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ଦୀର୍ଘ ୩ ଦିନ ଧରି ଆୟୋଜିତ ହୋଇଥିବା ବାବା ସିଦ୍ଧେଶ୍ୱରଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆୟୋଜନରେ ମା' କନକଦୁର୍ଗା ମନ୍ଦିର ପରିଚାଳନା କମିଟି, ମନୋରମା କ୍ଲବ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟାସଦସ୍ୟମାନେ ସକ୍ରୀୟ ସହଯୋଗ କରିଥିଲେ।

# ଆକ୍ରମଣରେ ୨ ଗୁରୁତର: ଅଭିଯୁକ୍ତ ଗିରଫ

ଦେବଗଡ଼,୧୯।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ଥାନା ଟିଙ୍କବୀର ଗ୍ରାମ ବାନା ସାହିରେ ଜଣେ ଯୁବକ ମରଣାନ୍ତକ ଆକ୍ରମଣ କରିଥିବା ବେଳେ ନିଜ ଭାଇ ସହିତ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଏ ନେଇ ରିଆମାଳ ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ରିଆମାଳ ଥାନା ଅଧିକାରୀ ସତ୍ୟବ୍ରତ ରାଉତ ସୂଚନା ଦେଇଛନ୍ତି। ଟିଙ୍କବୀର ଗ୍ରାମ ବାନା ସାହିର ବାବୁଲି ବାଘ ପ୍ରାୟ ଏକ ବର୍ଷ ହେଲା ବିଭିନ୍ନ ସମୟରେ ଘରେ ଉନ୍ମତ କାଣ୍ଡ ଘଟାଉଥିବାରୁ ତାଙ୍କ ଭାଇ ପବିତ୍ର ବାଘ ଅଲଗା ରହିବା ସହିତ କଥାବାର୍ତ୍ତା ହେଉ ନ ଥିଲେ। ଗତ ୧୬ ତାରିଖ ରାତିରେ ବାବୁଲିଙ୍କ ସ୍ତ୍ରୀଙ୍କୁ ଗାଳିଗୁଲଜ କରି ଘର କବାଟ ଭାଙ୍ଗି ଜିନିଷପତ୍ର ଫୋପାଡି ଦେଇଥିଲେ। ପରେ ତାଙ୍କ ଭାଇ ପବିତ୍ରଙ୍କ ଘର କବାଟ ଏବଂ ଘର ଟାଇଲ ଭାଙ୍ଗିବା ଆରମ୍ଭ କରିଥିଲେ। ପବିତ୍ର ପ୍ରତିବାଦ କରିବାରୁ ବାବୁଲି ଧରିଥିବା ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ପବିତ୍ର ଗୁରୁତର ଆଘାତ ହୋଇଥିଲେ। ପବିତ୍ର ଏବଂ ବାବୁଲିଙ୍କ ପରିବାର ଆସି ବାବୁଲି ହାତରୁ ଧାରୁଆ ଅସ୍ତ୍ର ଛଡାଇ ପବିତ୍ରଙ୍କୁ ଉଦ୍ଧାର କରିଥିଲେ। ପରେ ବାବୁଲି ଘର ବାହାରକୁ ଯାଇ ପବିତ୍ରଙ୍କୁ ଗାଳିଗୁଲଜ କରିବା ସହିତ ଶୋଇଥିବା ବେଳେ ହାଣିଦେବୀ ବୋଲି ଧମକ ଦେଉଥିଲେ। ଏହି ସମୟରେ ସେହି ଗ୍ରାମର ସୁଶାନ୍ତ ବେହେରା, ବିକାଶ ସାହୁ ଏବଂ ପ୍ରଭାକର ସାହୁ ଗାଁ ମେଳା ଦେଖି ସାରି ଘରକୁ ଫେରୁଥିବା ବେଳେ ବାବୁଲିଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ମାତ୍ର ବାବୁଲି ଉଦକ୍ଷିପ୍ତ ହୋଇ ଏକ ଠେଙ୍ଗା ସାହାଯ୍ୟରେ ଆକ୍ରମଣ କରିବାରୁ ପ୍ରଭାକରଙ୍କ ମୁଣ୍ଡ ଫାଟି ରକ୍ତସ୍ରାବ ହୋଇଥିବା ବେଳେ ହାତରେ ମଧ୍ୟ ଆଘାତ ଲାଗି ଗୁରୁତର ଆହତ ହୋଇଥିଲେ। ତେବେ ୨ ଗୁରୁତର ଆହତଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ପବିତ୍ର ତାଙ୍କ ଭାଇ ବାବୁଲି ବିରୋଧରେ ରିଆମାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ବାବୁଲିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# 'ପୋଲିସ ଆମର ବନ୍ଧୁ' ବାର୍ତ୍ତା ନେଇ ସଚେତନତା ଶୋଭାଯାତ୍ରା

ଦେବଗଡ଼,୧୯।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ସ୍ଥିତ ଶତାୟୁ ତଥା ଐତିହ୍ୟ ସମ୍ପନ୍ନ ଶିକ୍ଷାନୁଷ୍ଠାନ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟରେ ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ପୋଲିସ ଆମର ବନ୍ଧୁ' ବାର୍ତ୍ତା ନେଇ ଛାତ୍ରମାନଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ଈଶ୍ୱର ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦେବଗଡ଼ ଥାନା ଅଧିକାରୀଙ୍କ ପ୍ରତିନିଧି ଭାବେ ସବ ଇନ୍ସପେକ୍ଟର ଅସିତ କୁମାର ସାହୁ ଶୋଭାଯାତ୍ରା ଶୁଭାରମ୍ଭ କରିଥିଲେ। ଛାତ୍ରମାନେ ପ୍ଲାକାର୍ଡ ଓ ବ୍ୟାନର ଧରି ବିଭିନ୍ନ ସଚେତନତା ସ୍ଲୋଗାନ ସହ ଦେବଗଡ଼ ଥାନା, ଜିଲା ମୁଖ୍ୟ ଚିକିତ୍ସାଳୟ, ଭାରତୀୟ ଷ୍ଟେଟବ୍ୟାଙ୍କ ଛକ, ଘରୋଇ ବସଷ୍ଟାଣ୍ଡ ଓ ପୁରୁଣା ପୋଷ୍ଟ ଅଫିସ ଛକ ପରିକ୍ରମା କରି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ଶୋଭାଯାତ୍ରାରେ ଶିକ୍ଷକ ସତ୍ୟ ପ୍ରକାଶ ମିଶ୍ର, ପଞ୍ଚାନନ ବ୍ରହ୍ମା, ରାମକୃଷ୍ଣ ସାହୁ, ବିନୋରୀଚରଣ ରାଉତ, ଶିକ୍ଷୟିତ୍ରୀ ସୁଜାତା ସାହୁ, ଦିପାନ୍ୱିତା ସାହୁ ଓ ଭାଗ୍ୟଶ୍ରୀ ଗିରିଙ୍କ ସମେତ ବହୁ ପୋଲିସ କର୍ମଚାରୀ ଅଂଶଗ୍ରହଣ କରିଥିଲେ।



ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ କାର୍ଯ୍ୟକ୍ରମରେ ଆୟୋଜିତ ସଚେତନତା ଶୋଭାଯାତ୍ରା।

# ବୀମା ରାଶି ନ ପାଇ ଚାଷୀ ଚାଷୀ ଅସନ୍ତୋଷ

## ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

କୋଲାବିରା,୧୯।୨
(ଚିନ୍ମୟ କୁମାର ବହିଦାର)

ଝାରସୁଗୁଡ଼ା ଜିଲା କୋଲାବିରା ଅଞ୍ଚଳର ଅନେକ ଚାଷୀଙ୍କୁ ଏ ପର୍ଯ୍ୟନ୍ତ ୨୦୨୩-୨୪ ବର୍ଷର ଫସଲ ବୀମା କ୍ଷତିପୂରଣ ମିଳି ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ସଂକ୍ରାନ୍ତରେ ବାରମ୍ବାର ବୀମା କମ୍ପାନୀ ଅଧିକାରୀଙ୍କୁ ଅବଗତ କରାଇବା ପରେ ମଧ୍ୟ ସେମାନେ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି କି ବୀମା ରାଶୀ ପ୍ରଦାନରେ ସହାୟକ ହେଉ ନ ଥିବା ଅଭିଯୋଗ ହେଉଛି। ବିଶେଷ ଭାବେ କୋଲାବିରା ବ୍ଲକ ଅନ୍ତର୍ଗତ ସଂମାସିଂହା ପଞ୍ଚାୟତର ପାଖାପାଖି ୪୫ଜଣ ଚାଷୀ ବୀମା କ୍ଷତିପୂରଣ ପାଇବାରୁ ବଞ୍ଚିତ ରହିଛନ୍ତି। ବୀମା କ୍ଷତିପୂରଣ ପାଇବା ପାଇଁ ଯୋଗ୍ୟତା ରଖୁଥିବା ଏସମସ୍ତ ଚାଷୀ ଆବଶ୍ୟକ କାଗଜପତ୍ର ଦାଖଲ କରିବା ସତ୍ତ୍ୱେ ବୀମା କମ୍ପାନୀ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବା ନେଇ ଜିଲାପାଳଙ୍କ ନିକଟରେ ବୁଧବାର ପୂର୍ବାହ୍ନରେ ଲିଖିତ ଅଭିଯୋଗ କରିଛନ୍ତି।

ମା' ଦୁର୍ଗା କୃଷକ ସଂଘ ସମାସିଂହା ସଭାପତି ଚେତାନନ୍ଦ ପଟେଲଙ୍କ ନେତୃତ୍ୱରେ ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ଅଭିମେଯାଗ କରିଛନ୍ତି ଯେ, ୨୦୨୩-୨୪ ଖରିଫ ଋତୁ ପାଇଁ ସରକାରଙ୍କ ପକ୍ଷରୁ ସମର୍ଥିତ ଫ୍ୟୁଚର ଜେନେରାଲ ଇନ୍ସୁରାନ୍ସ କମ୍ପାନୀଠାରେ ବୀମା ରାଶି ଜମା କରି ସମସ୍ତ ଚାଷୀ ପଲିସି ପାଇଛନ୍ତି। ତେବେ ଚାଷ କ୍ଷତିରେ ବୀମା ରାଶି ଅନେକ ଚାଷୀଙ୍କୁ ବୀମା କମ୍ପାନୀ ପ୍ରଦାନ କରିଥିବା ବେଳେ ଅନେକ ଏଥିରୁ ବଞ୍ଚିତ ରହିଛନ୍ତି।

ବୀମା କମ୍ପାନୀ ଦ୍ୱାରା ଅବଶ୍ୟକ କାଗଜପତ୍ର ଦାଖଲ କରିସାରିଥିଲେ ହେଁ କୌଣସି ନିର୍ଦ୍ଦିଷ୍ଟ କାରଣ ନ ଥାଇ କମ୍ପାନୀ କ୍ଷତିପୂରଣ ବୀମା ରାଶି ଦେବାରେ କୁଣ୍ଠା ପ୍ରକାଶ କରୁଛି। ଯାହାକି ଗରିବ ଚାଷୀଙ୍କୁ ବାଧୁଛି। ଅନିୟମିତ ବୃଷ୍ଟି, ରୋଗପୋକ, ବର୍ଷା ଅଭାବ ଜନୀତ ସମସ୍ୟାର ସମ୍ମୁଖିନ ହୋଇ ଚାଷରେ କ୍ଷତି ସହୁଥିବା ଚାଷୀ ତାର ହକ୍ ପାଇବା ପାଇଁ ବାରମ୍ବାର ବୀମା କମ୍ପାନୀ ନିକଟକୁ ଧାଉଁଛି। ଆଉ ବୀମା କମ୍ପାନୀ ଟାଳଟୁଳ ନିତି ଅବଲମ୍ବନ କରିଚାଲିଛି। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ଦେଖା ଦେବା ସହିତ ଜିଲାପାଳଙ୍କ ନିକଟରେ ଶେଷଥର ପାଇଁ ଅଭିଯୋଗ ସହିତ ଅନୁରୋଧ ଜଣେଇଛନ୍ତି। ଆସନ୍ତା ସପ୍ତାହକ ମଧ୍ୟରେ ଯଦି ବୀମା କମ୍ପାନୀ କ୍ଷତି ପୂରଣ ଦେବାରେ ଅବହେଳା କରେ ତେବେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚାଷୀ ନେତା ଚେତାନନ୍ଦ ପଟେଲ ପ୍ରକାଶ କରିଛନ୍ତି। ଜିଲାପାଳଙ୍କ ସମେତ ଅଭିଯୋପତ୍ରତର ଏକକିତା ନକଲ ମାଧ୍ୟମରେ ଫ୍ୟୁଚର ଜେନେରାଲ ଇନ୍ସୁରାନ୍ସ କମ୍ପାନୀ, ଜିଲା କୃଷି ଅଧିକାରୀ ଝାରସୁଗୁଡା, ବିଧାୟକ, ତହସିଲଦାର, ଥାନା ଅଧିକାରୀଙ୍କୁ ଜଣାଇଛନ୍ତି।

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

**କୁଆଁରମୁଣ୍ଡା,୧୯।୨(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ତଲବସ୍ତିର ଜଣେ ଯୁବକ ମଙ୍ଗଳବାର ଅପରାହ୍ନରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଟୁକୁନା ବାରିକ(୩୮)। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ତାଙ୍କ ପୁଅ କୁଆଁରମୁଣ୍ଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରିଛି। ଅନ୍ୟ ପକ୍ଷରେ ଆତ୍ମହତ୍ୟା ପଛର କାରଣ ସ୍ପଷ୍ଟ ହୋଇନାହିଁ।

### ନାବାଳିକାଙ୍କୁ ଅପହରଣ, ଥାନାରେ ଅଭିଯୋଗ

**ବଡ଼ଗାଁ,୧୯।୨(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅପହରଣ କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅପହରଣ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ନାବାଳିକାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଅପହରଣ ହୋଇଥିବା ତାଙ୍କର ବାପା ବଡ଼ଗାଁ ଥାନାରେ ଅଭିଯୋଗ କରିଛନ୍ତି।

### ଦେବ ମଣ୍ଡପରେ ଶ୍ରୀଜଗନ୍ନାଥ ପଞ୍ଚରାତ୍ର

**ବଡ଼ଗାଁ,୧୯।୨(ଅଶୋକ ଷଡ଼ଙ୍ଗୀ):** ବଡ଼ଗାଁ ବସ୍ତିସ୍ଥିତ ଦେବ ମଣ୍ଡପଠାରେ ମଙ୍ଗଳବାରଠାରୁ ମହିଳାଙ୍କ ଦ୍ୱାରା ଶ୍ରୀ ଜଗନ୍ନାଥ ପଞ୍ଚରାତ୍ର କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ ଅବସରରେ ଏକ ଧାର୍ମିକ ଶୋଭାଯାତ୍ରା ବଡ଼ଗାଁ ପରିକ୍ରମା କରିଥିଲା। କାର୍ଯ୍ୟକ୍ରମରେ ସ୍ୱାମୀ କୃଷ୍ଣ ପ୍ରେମାନନ୍ଦ ସରସ୍ୱତୀ ଯୋଗଦେଇ ପ୍ରବଚନ ଦେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମ ଆୟୋଜନରେ ଶ୍ରଦ୍ଧାଳୁ କୁମୁଦିନୀ ପାଣିଗ୍ରାହୀ, ଜ୍ୟୋତ୍ସ୍ନାମୟୀ ପାଣିଗ୍ରାହୀ, ଯଶୋବନ୍ତି ସା, ଅନୀତା ଅଗ୍ରୱାଲ, ସ୍ୱର୍ଣ୍ଣଲତା ପୃଷେଟ, ସଂଧ୍ୟା ରାଣୀ ରାଉତଙ୍କ ସହିତ ମହିଳାମାନେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି।

### ସପ୍ତାହବ୍ୟାପୀ ଭାଗବତ କଥାମୃତ ଆରମ୍ଭ

**ସୁନ୍ଦରଗଡ,୧୯।୨(ଜୟ ନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ ସହର ଇବ୍ ନଗର (ଆରଆର ଆଇଟି କଲୋନୀ) ଶିବ ମନ୍ଦିର ପରିସରରେ ମଙ୍ଗଳବାର ସନ୍ଧ୍ୟାଠାରୁ ସପ୍ତାହ ବ୍ୟାପୀ ଭାଗବତ କଥାମୃତ ଆରମ୍ଭ ହୋଇଛି। ପୁରୀରୁ ଆଗତ ତ୍ରୀଦଣ୍ଡି ସ୍ୱାମୀ ଭକ୍ତି ରକ୍ଷକ ସିଦ୍ଧାନ୍ତି ମହାରାଜ ଯୋଗଦେଇ ଭାଗବତ ଆଲୋଚନା କରୁଛନ୍ତି। ଫୁଲମତୀ ପଟେଲ, ସୃଜନୀ କମିଟି ଏବଂ ସହଯୋଗୀ ଭକ୍ତବୃନ୍ଦଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ଆସନ୍ତା ୨୪ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେହ ସନ୍ଧ୍ୟା ୬ଟାରୁ ରାତି ୯ ଟା ପର୍ଯ୍ୟନ୍ତ ଚାଲିବ।

### ପରୀକ୍ଷା କେନ୍ଦ୍ର ପରିଦର୍ଶନ କଲେ ଜିଲାପାଳ

**ବଲାଙ୍ଗୀର,୧୯।୨ (ବୀରେନ୍ଦ୍ର କୁମାର ଝାଙ୍କର)** ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା ସୁରୁଖୁରୁରେ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ପାଇଁ ଜିଲାପାଳ ଗୌରବ ଶିୱାଜୀ ଇସଲୱାର ବୁଧବାର ବଲାଙ୍ଗୀର ମହିଳା ମହାବିଦ୍ୟାଳୟ ଏବଂ ଦେଓଗାଁ ଯୁକ୍ତ ୨ କଲେଜ ପରିଦର୍ଶନ କରିଛନ୍ତି। ଛାତ୍ରୀଛାତ୍ରଙ୍କ ପାଇଁ ଗୁରୁତ୍ୱ ବହନ କରୁଥିବାରୁ ସେମାନେ କିପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୋଇ ପରୀକ୍ଷା ଦେଇପାରିବେ ସେ ବାବଦରେ ଜିଲାପାଳ ଇସଲୱାର ତର୍ଜମା କରିଛନ୍ତି। ଶାନ୍ତିପୂର୍ଣ୍ଣ ତଥା ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା କିପରି ଅବାଧରେ ହେବ ସେ ବିଷୟରେ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଧ୍ୟାନ ଦେବାକୁ କହିଥିଲେ। ଜିଲାପାଳ ବ୍ୟକ୍ତିଗତ ଭାବେ ଏହି କେନ୍ଦ୍ରଗୁଡ଼ିକ ବୁଲି ଦେଖିଥିଲେ। ପିଲାମାନେ ପ୍ରଶ୍ନପତ୍ର ଠିକ୍ ସମୟରେ ପାଇଲେ ନା ନାହିଁ, ପରୀକ୍ଷା ପରିଚାଳକ ଉପଯୁକ୍ତ ତାଲିମପ୍ରାପ୍ତ ନା ନାହିଁ ସେ ସମ୍ପର୍କରେ ପଚାରି ବୁଝିଥିଲେ। ସେହିପରି ଖରା ପାଇଁ ପାନୀୟ ଜଳ ବ୍ୟବସ୍ଥାକୁ ଧ୍ୟାନ ଦେବା ପାଇଁ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଫେବୃୟାରୀ ୧୮ରୁ ଆରମ୍ଭ ହୋଇଥିବା ଯୁକ୍ତ୨ ପରୀକ୍ଷା ଆସନ୍ତା ୨୭ ତାରିଖ ଯାଏ ଚାଲିବ। ଜିଲାପାଳଙ୍କ ଗସ୍ତ ବେଳେ ବଲାଙ୍ଗୀର ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ, ବିଡିଓ ପ୍ରିୟରଞ୍ଜନ କୁମାର ଉପସ୍ଥିତ ଥିଲେ।



ଜିଲାପାଳ ଗୌରବ ଶିୱାଜୀ ଇସଲୱାର ଯୁକ୍ତଦୁଇ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରୁଛନ୍ତି।




ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ପାଚିକା ସଂଘର କର୍ମକର୍ତ୍ତାଙ୍କ ପକ୍ଷରୁ କରାଯାଇଥିବା ରାଲି।

# ପାଚିକା ସଂଘ ପକ୍ଷରୁ ଦାବିପତ୍ର

**ଲହୁଣୀପଡା,୧୯।୨(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ପାଚିକା ସଂଘ ସିଆଇଟିୟୁ ପକ୍ଷରୁ ବୁଧବାର ୬ ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଏକ ଦାବି ପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଛି। ଓଡ଼ିଶା ପାଚିକା ସଂଘ ସିଆଇଟିୟୁ ଲହୁଣୀପଡା ବ୍ଲକ କମିଟି ତରଫରୁ ଏକ ଶୋଭାଯାତ୍ରା ବାହାରି ବିଭିନ୍ନ ପ୍ରକାର ଦାବିରେ ସ୍ଲୋଗାନ ଦେଇ ବ୍ଲକ ପରିସରରେ ପହଞ୍ଚିଥିଲେ। ସେଠାରେ ଓଡ଼ିଶା ପାଚିକା ସଂଘ ରାଜ୍ୟ ସମ୍ପାଦକ ପ୍ରଭାତ କୁମାର ପଣ୍ଡା, ଲହୁଣୀପଡା ସିପିଆଇଏମ ଆଞ୍ଚଳିକ କମିଟି ସମ୍ପାଦକ ଲାଲ ବାହାଦୂର ମାହାନ୍ତ, ଖୁଣ୍ଟୁଗାଁ ଆଞ୍ଚଳିକ କମିଟି ସମ୍ପାଦକ ସମୀର ନାୟକ, କୃଷ୍ଣଚନ୍ଦ୍ର ବାରିକ, ମନୋଜ ବେହେରା ପ୍ରମୁଖ ପାଚିକାଙ୍କ ବିଭିନ୍ନ ଦାବି ପ୍ରତ୍ୟେକ ମାସର ୧୦ ତାରିଖ ମଧ୍ୟରେ ଦରମା ପ୍ରଦାନ, ସର୍ବନିମ୍ନ ମଜୁରୀ, ରୋଷେଇ ଘରେ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା, ସାମାଜିକ ସୁରକ୍ଷା, ଅବସର କାଳୀନ ବୟସ ସୀମା ବୃଦ୍ଧି, ଭବିଷ୍ୟନିଧି ପାଣ୍ଠି ଓ ପେନସନ ଲାଗୁ କରିବା ଦାବି ପୂରଣ କରିବା ନିମନ୍ତେ ବକ୍ତବ୍ୟ ପ୍ରଦାନ କରିବା ସହିତ ଲହୁଣୀପଡା ବିଡିଓ ଅନୁରାଗ ମିଶ୍ର ଓ ବିଇଓ ଭଗବାନ ବାଙ୍କିରାଙ୍କ ସହିତ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଥିଲେ। ଏହି ବିକ୍ଷୋଭ କାର୍ଯ୍ୟକ୍ରମ ପାଚିକା ସଂଘ ସଭାପତି ସୁଲୋଚନା ମାହାନ୍ତ, ସମ୍ପାଦକ ଶକୁନ୍ତଳା ଦାସ, ଚମ୍ପାବତୀ ମାହାନ୍ତ ଓ ଭବାନୀ କିସାନଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଲହୁଣୀପଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ପାଚିକାମାନେ ଏଥିରେ ଯୋଗଦେଇଥିଲେ ।



ବାର୍ଷିକ ଉତ୍ସବରେ ଉପସ୍ଥିତ ଛାତ୍ରୀଛାତ୍ର।

## ଭୂତୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଟେନସା,୧୯।୨(ସମୀର କୁମାର ପାଢ଼ୀ)**

ସୁନ୍ଦରଗଡ଼ ଜିଲା ଟେନସା ଫାଣ୍ଡି ଅନ୍ତର୍ଗତ ଭୂତୁଡ଼ା ଗ୍ରାମ ପଞ୍ଚାୟତ ସ୍ଥିତ ଭୂତୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିସହ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉତ୍ସବରେ ଇସ୍ପାତ ଉଚ୍ଚ ବିଦ୍ୟାଳୟ, ବରସୁଆଁର ପ୍ରଧାନ ଶିକ୍ଷକ ଇଗନେଶ ମାଝୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ମହୁଲଶୁଖା ଲୌହ ଏବଂ ମାଙ୍ଗାନିଜ ଖଣି, ମେସର୍ସ ରୁଙ୍ଗଟା ସନ୍ସ ପ୍ରାଇଭେଟ ଲିମିଟେଡର କାର୍ମିକ ବିଭାଗର ମୁଖ୍ୟ ଅଜୟ କୁମାର କର, ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥିଭାବେ ଶ୍ରାବଣୀ ବାନାର୍ଜୀ ଏବଂ ଦିଲୀପ ନାୟକ ପ୍ରମୁଖ ଯୋଗଦେଇ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହଂସରାଜ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରି ସମସ୍ତ ଅତଥିମାନଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ କରିଥିଲେ। ଆଶ୍ରିତା ମିଞ୍ଜ ଏବଂ ଶତୋ ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ର ଗୀତ ଏବଂ ନୃତ୍ୟ ପରିବେଷଣ କରିଥିଲେ। ପରିଶେଷରେ ବିଦ୍ୟାଳୟରେ ହେଇଥିବା ବିଭିନ୍ନ ପ୍ରକାର ଖେଳ, କୁଦ, ସାଂସ୍କୃତିକ କାର୍ଯ୍ୟକ୍ରମ, ସଂଗୀତ, ନୃତ୍ୟ, ରଚନା ଏବଂ ଚିତ୍ରାଙ୍କନ ବକ୍ତୃତା ଆଦି ପ୍ରତିଯୋଗିତାରେ କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଥମଥର ପାଇଁ ହୋଇଥିବା ବିଦ୍ୟାଳୟ ବାର୍ଷିକ ଉତ୍ସବକୁ ସବୁଦିନପାଇଁ ଜାରିରଖିବାକୁ ଉପସ୍ଥିତ ଛାତ୍ରୀଛାତ୍ର, ଗ୍ରାମବାସୀ ଅତିଥିଙ୍କୁ ଅନୁରୋଧ କରିଥିଲେ।

## ବିଏନ୍‌ସିର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

**ବଡ଼ଗାଁ,୧୯।୨( ଅଶୋକ ଷଡ଼ଙ୍ଗୀ)**




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ସୁନ୍ଦରଗଡ଼ ଜିଲା ବଡ଼ଗାଁସ୍ଥିତ ନର୍ସିଂ କଲେଜର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ଅମୀୟ କୁମାର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥିଭାବେ ଜିଲା କ୍ରୀଡ଼ା ପରିଷଦର କୋଚ ବିଜୟ ଲାକ୍ରା, ଫୁଟବଲ କୋଚ ହୃଦୟ ରଞ୍ଜନ ସିଂ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ବିଏନ୍‌ସି ଚେୟାରମ୍ୟାନ ଡ. ଅରୁଣ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମକୁ ପ୍ରିନ୍ସିପାଲ ସମାପିକା ରାଉତ ପରିଚାଳନା କରିଥିବା ବେଳେ ନିର୍ଦ୍ଦେଶକ କେଶବ ସାହୁ, ଭାଇସ ପ୍ରିନ୍ସିପାଲ ସରିତା କୁଲୁ, ସବିତା ପ୍ରଧାନ, କର୍ମଚାରୀ ଦିବ୍ୟ ଲୋଚନ ପୃଷେଟ, ଓମ୍ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।

## ଆନ୍ତଃଜିଲା ଫୁଟବଲ: କୋରାପୁଟ ବିଜୟୀ

**ସମ୍ବଲପୁର,୧୯।୨(ବି.ଶଙ୍କର)**

ସମ୍ବଲପୁର ଜିଲା ବର୍ଷିୟାନ କ୍ରୀଡ଼ା ସଂଘ ଆୟୋଜିତ ଦ୍ୱିତୀୟ ଆନ୍ତଃ ଜିଲା(ପଶ୍ଚିମ ଓଡ଼ିଶାସ୍ତରୀୟ) ବିଜୟ ବାହାଦୁର ସିଂହ-ଭୀମସେନ ଛତର ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ବୁଧବାର ମ୍ୟାଚରେ କୋରାପୁଟ ଦଳ ବିଜୟୀ ହୋଇଛି । ଏହି ବିଜୟ ସହ ଦଳ କ୍ୱାର୍ଟର ଫାଇନାଲ ମ୍ୟାଚ ଖେଳିବାକୁ ଦଳ ଯୋଗ୍ୟତା ଅର୍ଜନ କରିଛି। ବୁଧବାର ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ କୋରାପୁଟ ଓ ସୁବର୍ଣ୍ଣପୁର ଜିଲା ମଧ୍ୟରେ ମ୍ୟାଚ ହୋଇଥିଲା । ମ୍ୟାଚ ଶେଷ ହେବାର ୫ମିନିଟ ପୂର୍ବରୁ କୋରାପୁଟର ୫ ମଧୁ ଦାନୀ ପେନାଟିକ ସଟ୍ ମାରି ଦଳକୁ ୧-୦ ଗୋଲରେ ଅଗ୍ରଣୀ କରିଥିଲେ। ମ୍ୟାଚ ଶେଷ ହେବାର ୧ମିନିଟ ପୂର୍ବରୁ ଦଳର ଖେଳାଳି ସାହିଲ ଖୁଡା ଆଉ ଏକ ସୁନ୍ଦର ଗୋଲ ସ୍କୋର କରିବାରେ କୋରାପୁଟ ଦଳ ୨-୦ ଗୋଲରେ ବିଜୟୀ ହୋଇଥିଲା। ଟୁର୍ନାମେଣ୍ଟ ଆୟୋଜକ ସଂଘ ସଭାପତି ଗୋକୁଳ ଦର୍ଜିଙ୍କ ପରିଚାଳନାରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ ନାଗାରାଜୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ସାଧାରଣ ସମ୍ପାଦକ ସଦାଶିବ ପୁରୋହିତ ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ସାହେବ ଖମାରୀ ଉଦ୍‌ଘୋଷକ ଥିଲେ।

## ଅଧିକାରୀଙ୍କ ବଦଳିକୁ ନେଇ ରାଜନୀତି

**ଲୋଇସିଂହା,୧୯।୨(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀର ଆଗଲପୁର ବିଡିଓ ମହାପାତ୍ର କୁଳଦୀପ ମହାନ୍ତିଙ୍କୁ ଗତ ୩ ତାରିଖରୁ ଲୋଇସିଂହା ବିଡିଓ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଲୋଇସିଂହା ବିଡିଓ ଅକ୍ଷୟପାଣି ଉଦୁ ୭୫ ଦିନିଆ ଓଏଏସ୍ ତାଲିମ ପାଇଁ ଯାଇଥିବାରୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା । ହେଲେ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପତ୍ର ସଂଖ୍ୟା ୪୨୩୪ ତା୧୪।୨।୨୫ ଅନୁଯାୟୀ ବିଡିଓ ମହାନ୍ତିଙ୍କୁ କେଉଁଝର ଜିଲା ଯୋଡା ବ୍ଲକକୁ ବଦଳି ହୋଇଥିବା ଜଣାପଡିଛି । ତେବେ ବିଡିଓଙ୍କ ବଦଳିକୁ ନେଇ ଏବେ ଲୋଇସିଂହାରେ ରାଜନୀତି ସରଗରମ ହୋଇ ପଡିଛି। ୨୦୨୨ ପଞ୍ଚାୟତ ନିର୍ବାଚନ ସମୟରେ ଆଗଲପୁର ବ୍ଲକରେ ମହାପାତ୍ର କୁଳଦୀପ ମହାନ୍ତି ଯୋଗଦାନ କରିଥିଲେ । ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ବିରୋଧରେ ସେ କଠୋର ଆଭିମୁଖ୍ୟ ଗ୍ରହଣ କରୁଥିଲେ । ଲୋଇସିଂହା ବିଡିଓଙ୍କ ତାଲିମ ପଡିବାରୁ କିଛିଦିନ ତଳେ ଯୋଗ ଦେଇଥିବାରୁ ବ୍ଲକ କର୍ମଚାରୀ ଏବଂ ଉନ୍ନୟନ କାମ କରୁଥିବା ଠିକାଦାରଙ୍କ ମଧ୍ୟରେ ଛନକା ପଶି ଯାଇଥିଲା । ବେଆଇନ କାମରେ କିଛି ସୁଧାର ଆସିବ ବୋଲି ସ୍ଥାନୀୟ ଜନସାଧାରଣ ଆଶା ରଖିଥିଲେ । ହେଲେ ଅଳ୍ପ ଦିନ ମଧ୍ୟରେ ତାଙ୍କର ବଦଳି ହୋଇ ଯାଇଥିବା ଏବେ ଜାଣିବାକୁ ପାଇ ସାଧାରଣରେ ନିରାଶ ଭାବ ସୃଷ୍ଟି ହୋଇଛି । ଲୋଇସିଂହା ଓ ଆଗଲପୁର ଅଞ୍ଚଳର ଏକ ଗୋଷ୍ଠୀ ଜିଲାର ଜଣେ ବରିଷ୍ଠ ଟାଣୁଆ ମନ୍ତ୍ରୀଙ୍କୁ ଚାପ ପକାଇ ସମ୍ପୃକ୍ତ ଅଧିକାରୀଙ୍କ ବଦଳି ପାଇଁ ସଫଳ ହୋଇଥିବା କୁହାଯାଉଛି । ଅପରପକ୍ଷେ ଅନ୍ୟ ଏକ ଗୋଷ୍ଠୀ ରାଜ୍ୟ ସରକାରଙ୍କ ଜଣେ ପ୍ରଭାବଶାଳୀ ମନ୍ତ୍ରୀଙ୍କୁ ଧରି ବଦଳିକୁ ବନ୍ଦ କରିବାକୁ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରିଥିବା ସାଧାରଣରେ ଆଲୋଚନା ହେଉଛି । ମନ୍ତ୍ରୀମଣ୍ଡଳରେ କାହାର ଶକ୍ତି ଅଧିକ ଆଗାମୀ ସମୟ କହିବ ବୋଲି ଲୋକେ କୁହାକୁହି ହେଉଛନ୍ତି ।

## ପୋଲିସର ଜନସମ୍ପର୍କ ଶିବିର

**ଖପ୍ରାଖୋଲ,୧୯।୨(ଅଭୟ ତ୍ରିପାଠୀ)**

ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ ଗନ୍ଧମାର୍ଦ୍ଦନ ପାହାଡ଼ ତଳି ବୁରୋମାଲ ଗାଁ ଖେଳପଡିଆଠାରେ ପୋଲିସ ପକ୍ଷରୁ ଜନସମ୍ପର୍କ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟଅତିଥି ଭାବେ ପାଟଣାଗଡ ଉପଖଣ୍ଡ ଆରକ୍ଷୀ ଅଧିକାରୀ ସଦାନନ୍ଦ ପୂଝାରୀ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ବଲାଙ୍ଗୀର ଡ଼ିଆଇଓସି ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ସୁଦୀପ୍ତ ସାହୁ, ରଙ୍କନିଧି ଜାନି , ସ୍ଥାନୀୟ ସରପଞ୍ଚ ରୀନା ଜାଲ ଯୋଗ ଦେଇଥିଲେ। ଏହି ଅବସରରେ ଯୁବକମାନଙ୍କ ମଧ୍ୟରେ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିବା ବେଳେ ବିଜେତା ଦଳକୁ ଟ୍ରଫି ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ମାଗଣା ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବଣ୍ଟନ କରାଯାଇଥିଲା। ଶତାଧିକ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ, ଶାଲ୍, ଛତା, ଶାଢ଼ୀ ଓ ପିଲାଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିବା ବେଳେ ସୋଲାର ଲାଇଟ, ଟର୍ଚ୍ଚ ଓ ସାଂସ୍କୃତିକ ଦଳକୁ ବାଦ୍ୟ ଯନ୍ତ୍ର ବଣ୍ଟନ କରାଯାଇଥିଲା। ପୋଲିସ ଓ ଜନସାଧାରଣ ମଧ୍ୟରେ ଉତ୍ତମ ସମ୍ପର୍କ ପାଇଁ ଏହି ଜନସମ୍ପର୍କ ଶିବିର ଆୟୋଜିତ ହୋଇଥିଲା। ସୂଚନା ଯୋଗ୍ୟ, କିଛି ଦିନ ତଳେ ବୁରୋମାଲ ଗାଁ ନିକଟ ଗନ୍ଧମାର୍ଦ୍ଦନ ପାହାଡ଼ରେ ମାଓବାଦୀ ଓ ପୋଲିସ ମଧ୍ୟରେ ଗୁଳିବିନିମୟ ହୋଇଥିଲା।

## ଦିଗାମ୍ବର ଉପାଧ୍ୟାୟଙ୍କୁ ମିଶନ ଗ୍ରୀନ ଆମ୍ବାସାଡର ସମ୍ମାନ



ଦିଗାମ୍ବର ଉପାଧ୍ୟାୟଙ୍କୁ ସମ୍ମାନିତ କରାଯାଉଛି।

**ସୁନ୍ଦରଗଡ,୧୯।୨(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡର ଯୁବ ସମାଜସେବୀ ତଥା ପରିବେଶବିତ ଦିଗାମ୍ବର ଉପାଧ୍ୟାୟଙ୍କୁ ରୋଟାରୀ ଇଣ୍ଟରନ୍ୟାଶନାଲ (ଡିସଟ୍ରିକ୍ଟ-୩୨୬୨) ତରଫରୁ ମିଶନ ଗ୍ରୀନ ଆମ୍ବାସାଡର ସମ୍ମାନରେ ସମ୍ମାନିତ କରାଯାଇଛି। ମଙ୍ଗଳବାର ଭୁବନେଶ୍ୱରର ବିବେକାନନ୍ଦ ଯୁବ କେନ୍ଦ୍ରଠାରେ ଆୟୋଜିତ ଦକ୍ଷିଣ ଏସିଆ ପରିବେଶିକ ସ୍ଥାୟିତ୍ୱ ରୋଟାରୀ ଆକ୍ସନ ଗ୍ରୁପ (ଇସରାଗ)ର କର୍ମଶାଳାରେ ଦିଗାମ୍ବର ଉପାଧ୍ୟାୟଙ୍କୁ ଜଙ୍ଗଲ ଓ ପରିବେଶ ସୁରକ୍ଷା, ଜଳବାୟୁ ପରିବର୍ତ୍ତନ ଉପରେ ବ୍ୟାପକ ସଚେତନତା, ବିକଳ୍ପ ଆୟ ଭିତ୍ତିକ କାର୍ଯ୍ୟକ୍ରମ ମାଧ୍ୟମରେ ଜଙ୍ଗଲ ଉପରେ ନିର୍ଭରଶୀଳତା କମାଇବା ତଥା ତୃଣମୂଳ ସ୍ତରର ଅନୁଷ୍ଠାନ ଗୁଡିକର ସୁଦୃଢ଼ୀକରଣ ନିମନ୍ତେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମର ମୁଖ୍ୟ ଅତିଥିଭାବେ ଯୋଗଦାନ କରି ଇସରାଗର ବିଶ୍ୱସ୍ତରୀୟ ଅଧ୍ୟକ୍ଷା ଡ. ମୀନାକ୍ଷୀ ଭେଙ୍କଟରମଣ ଦିଗାମ୍ବରଙ୍କ କାର୍ଯ୍ୟକୁ ପ୍ରଶଂସା କରି କହିଥିଲେ, "ଦିଗାମ୍ବର ଉପାଧ୍ୟାୟଙ୍କ ନେତୃତ୍ୱରେ ଚାଲିଥିବା ବିଭିନ୍ନ ଅଭିନବ ପଦକ୍ଷେପ କେବଳ ସୁନ୍ଦରଗଡ଼ରେ ନୁହେଁ ବରଂ ସମଗ୍ର ଦକ୍ଷିଣ ଏସିଆରେ ପରିବେଶ ସଂରକ୍ଷଣ ପ୍ରୟାସକୁ ଏକ ନୂତନ ଦିଗଦର୍ଶନ ଦେବ। ଅନ୍ୟାନ୍ୟ ସମ୍ମାନିତ ଅତିଥିଙ୍କ ମଧ୍ୟରେ ଇସରାଗର ଦକ୍ଷିଣ ଏସିଆର ଉପାଧ୍ୟକ୍ଷ ଅନୁପ ସିହ୍ନା, ଜିଲା ଗଭର୍ନର ଯଜ୍ଞାଶିଶ ମହାପାତ୍ର ଉପାଧ୍ୟାୟଙ୍କ ସଫଳତା ପାଇଁ ଅଭିନନ୍ଦନ ଜଣାଇଥିଲେ। ଜିଲା ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ଝୁରିମାଲ ଗ୍ରାମର ଦିଗାମ୍ବର ଉପାଧ୍ୟାୟ ଦୀର୍ଘ ୩୧ ବର୍ଷ ଧରି ସମାଜସେବା କ୍ଷେତ୍ରରେ ନିଜକୁ ନିୟୋଜିତ କରି ରଖିଛନ୍ତି ତଥା ବିଶେଷ କରି ଜଙ୍ଗଲ ଓ ପରିବେଶ ସୁରକ୍ଷା, ଜଳବାୟୁ ପରିବର୍ତ୍ତନ ଉପରେ ନିରନ୍ତର କାର୍ଯ୍ୟ କରି ଆସୁଛନ୍ତି। ପ୍ରକାଶ ଥାଉକି, ଝୁରିମାଲ ଓ ସାଗରପାଲି ବନ ସୁରକ୍ଷା ସମିତିକୁ ରାଜ୍ୟ ସ୍ତରୀୟ ସର୍ବଶ୍ରେଷ୍ଠ ବନ ସୁରକ୍ଷା ସମିତି ପୁରସ୍କାର ମିଳିବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି ସମାଜସେବୀ ଦିଗାମ୍ବର ଉପାଧ୍ୟାୟ।

## ନୂତନ ବିଡିଓଙ୍କୁ ସ୍ୱାଗତ



**ବଡ଼ଗାଁ,୧୯।୨(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ନୂତନ ଭାବେ କାର୍ଯ୍ୟରେ ଯୋଗଦେଇଥିବା ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହାସହିତ ବଦଳି ହୋଇଥିବା ପୂର୍ବତନ ବିଡିଓ ସୁମତି ପଣ୍ଡାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷା ରଶ୍ମିତା ପଟେଲ, ସହକାରୀ ଯନ୍ତ୍ରୀ ସୁନୀଲ ମୁର୍ମୁ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉଷାବତି ଗରଡିଆଙ୍କ ସହିତ ବ୍ଲକ ପ୍ରଶାସନର ବିଭିନ୍ନ ବିଭାଗର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ପୂର୍ବତନ ବିଡିଓ ସୁମତି ପଣ୍ଡାଙ୍କ କାର୍ଯ୍ୟ ସ୍ମରଣୀୟ ରହିବ ବୋଲି କର୍ମଚାରୀମାନେ ମତବ୍ୟକ୍ତ କରିଥିଲେ । ନୂତନ ବିଡିଓ ଭୋଇ ବ୍ଲକର ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି ପ୍ରକାଶ କରିଥିଲେ।

## ନୂଆ ବସ୍‌ଷ୍ଟାଣ୍ଡରେ ଜବରଦଖଲ ଉଚ୍ଛେଦ

**ସୁନ୍ଦରଗଡ,୧୯।୨(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଜିଲା ଲୁହୁରାଡିପା ସ୍ଥିତ ନୂଆ ବସଷ୍ଟାଣ୍ଡରେ ବୁଧବାର ପୌରପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଏହି ଉଚ୍ଛେଦ ପାଇଁ ଗତ ୧୪ତାରିଖରେ ପୌରପ୍ରଶାସନ ପକ୍ଷରୁ ଜବର ଦଖଲକାରୀ ଦୋକାନୀଙ୍କୁ ନୋଟିସ ଜାରି କରାଯାଇଥିଲା। ବୁଧବାର ସକାଳ ସାଢ଼େ ୧୦ଟାରୁ ଏହି ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। କଡା ସୁରକ୍ଷା ମଧ୍ୟରେ ଏହି ଉଚ୍ଛେଦ କାର୍ଯ୍ୟ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଚାଲିଥିଲା। ସ୍ୱତନ୍ତ୍ର ମାଜିଷ୍ଟ୍ରେଟ, ପୌରଧକ୍ଷା ତନୟା ମିଶ୍ର, ପୌରପାଳିକାର ନିର୍ବାହୀ ଅଧିକାରୀ ବିକାଶ ମୁଣ୍ଡାରୀ, ଟାଉନଥାନା ଆଇଆଇସି ଆଦିତ୍ୟ ମହାକୁଳଙ୍କ ସମେତ ପୋଲିସ ଫୋର୍ସ ଉପସ୍ଥିତ ଥିଲେ। ଉଚ୍ଛେଦ ହୋଇଥିବା ୩୫ଟି ଏହି ଦୋକାନୀଙ୍କ ଥଇଥାନ କରାଯିବା ସହ ସ୍ୱତନ୍ତ୍ର ଭେଣ୍ଡିଂ ଜୋନ ନିର୍ମାଣ କରାଯିବ ବୋଲି ପୌରଧକ୍ଷା ମିଶ୍ର ପ୍ରକାଶ କରିଛନ୍ତି।



ଜବରଦଖଲ ଉଚ୍ଛେଦ କରାଯାଉଛି।

